


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୩୧ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 31 JULY 2021
Vol.No. 32 ■ No. 195 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଓଏସଏସସି ସଦସ୍ୟଙ୍କ ପିଏସଙ୍କ ଘରେ ଭିଜିଲାନ୍ସ ରେଡ୍

### ମିଳିଲା ପୁଳା ପୁଳା ଟଙ୍କା, ସୁନା : ଏବେ ପ୍ରଶ୍ନ ନିଯୁକ୍ତି ଦେବାରେ ଦୁର୍ନୀତି କରି କମାଇଛନ୍ତି କି ଟଙ୍କା ?



ଭୁବନେଶ୍ୱର,୩୦/୦୭(ନି.ପ୍ର): ଓଡ଼ିଶା ଷ୍ଟାଫ୍ ସିଲେକସନ୍ କମିସନ୍ ସଦସ୍ୟ ଜଗନ୍ନାଥ ଲେଙ୍କାଙ୍କ ପ୍ରାଇଭେଟ ସେକ୍ରେଟେରୀ ଭାବେ ଚାକିରି କରନ୍ତି ବିରଚି ନାରାୟଣ ସାହୁ । ଚାକିରି ବଡ଼ ନୁହେଁ, ହେଲେ ସେ କୋଟି କୋଟି ଟଙ୍କା ସମ୍ପତିର ମାଲିକ । ରେଡ୍ ବେଳେ ଲକ୍ଷ ଲକ୍ଷ ଟଙ୍କାର ନଗଦ, ପୁଳା ପୁଳା ସୁନା, ମାଳ ମାଳ ପ୍ଲଟ ଓ ଘର ଠାବ କରିଛି ଭିଜିଲାନ୍ସ । ତେବେ ଓଡ଼ିଶା ଷ୍ଟାଫ୍ ସିଲେକସନ୍ କମିସନରେ ଚାକିରି କରି ସେ ଏତେ ସମ୍ପତି କିପରି ଅର୍ଜନ କଲେ, ଏହାହିଁ ସବୁଠୁ ବଡ ପ୍ରଶ୍ନ ପାଲଟିଛି । ୧୯୯୪ ମସିହାରେ ଓଡ଼ିଶା ଷ୍ଟାଫ୍ ସିଲେକସନ୍ କମିସନ୍ ଗଠିତ ହୋଇଥିଲା । ଗ୍ରୁପ ବି ଓ ଗ୍ରୁପ ସି ଅଣଗେଜେଟେଡ୍ ପଦବୀ ପାଇଁ ରିକ୍ରୁଟମେଣ୍ଟ କରିଆସୁଛି ଏହି ଅନୁଷ୍ଠାନ । ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ କୁଶଳୀ ମାନବ ସମ୍ବଳ ଯୋଗାଇବାର ଉତ୍ତର ଦାୟିତ୍ୱ ରହିଛି ଏହି ଅନୁଷ୍ଠାନର ପାଖରେ । କିନ୍ତୁ କମିସନ୍ ସଦସ୍ୟଙ୍କ ବ୍ୟକ୍ତିଗତ ସଚିବଙ୍କ ଘରୁ ଅମାପ ସମ୍ପତି ଠାବ ହେବା ପରେ ଏହି ଅନୁଷ୍ଠାନ ଓ ଏହାର ତତ୍ତ୍ୱାବଧାନରେ ଚାଲିଥିବା ରିକ୍ରୁଟମେଣ୍ଟ ପ୍ରକ୍ରିୟା ଉପରେ ବଡ଼ ସନ୍ଦେହ ସୃଷ୍ଟି ହୋଇଛି । ଏହି ଅନୁଷ୍ଠାନରେ ସାଧାରଣ ଚାକିରି କରିଥିବା ଜଣେ କର୍ମଚାରୀଙ୍କ ପାଖରେ ଏତେ ସମ୍ପତି ଠାବ ହୋଇଥିବାରୁ ରିକ୍ରୁଟମେଣ୍ଟ ସ୍ୱଚ୍ଛତାର ସହ ହେଉନାହିଁ ବୋଲି ସ୍ପଷ୍ଟ ଜଣାପଡୁଛି । ହଜାର ହଜାର ଯୁବକ-ଯୁବତୀ ଷ୍ଟାଫ୍ ସିଲେକ୍ସନ୍ କମିସନ ଦ୍ୱାରା ନିଯୁକ୍ତି ପାଇଛନ୍ତି । ଲକ୍ଷ ଲକ୍ଷ ପିଲା ଚାକିରି ଅପେକ୍ଷାରେ ରହିଛନ୍ତି । ଯଦି ଷ୍ଟାଫ୍ ସିଲେକ୍ସନ୍ କମିସନଙ୍କ ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଦୁର୍ନୀତି ହେଉଛି, ତେବେ କେତେ ମେଧାବୀ, ଚାକିରିରୁ ବଂଚିତ ହୋଇଥିବେ, କେତେ ଅଯୋଗ୍ୟଙ୍କୁ ସରକାରୀ ଚାକିରି ମିଳିଥିବ, ତାର ହିସାବ ପାଇବା ମୁସ୍କିଲ । ଭିଜିଲାନ୍ସ ରେଡରେ ବିରଞ୍ଚି ନାରାୟଣ ସାହୁ ଧରାପଡିଛନ୍ତି ସତ । ହେଲେ କେବଳ ସେ ନୁହଁନ୍ତି, ପୂରା ଅନୁଷ୍ଠାନ ଯେ ଦୁର୍ନୀତିର ଗନ୍ତାଘର ପାଲଟିଛି, ଏ ନେଇ ସନ୍ଦେହ ବଢୁଛି । ଏବେ ପ୍ରଶ୍ନ ଉଠୁଛି, ନିଯୁକ୍ତି ପ୍ରକ୍ରିୟାରେ ବଡ଼ଧରଣର ଲାଞ୍ଚ କାରବାର ହେଉଛି କି ? ଏହା ପଛରେ ରୀତିମତ ଏକ ରାକେଟ୍ କାମ କରୁଛି କି ? ଅର୍ଥ ଦେଇ ଅଯୋଗ୍ୟଙ୍କୁ ଚାକିରି ମିଳୁଛି ଓ ଯୋଗ୍ୟ ବଳି ପଡିଯାଉଛନ୍ତି କି ? ଗତ ଦୁଇ ବର୍ଷ ଧରି ହୋଇଥିବା ତମାମ ନିଯୁକ୍ତିର ଅଡିଟ୍ କରିବେ କି ରାଜ୍ୟ ସରକାର ?

## ଆସନ୍ତାକାଲି ସୀମାରେ ହେବ ଭାରତ-ଚୀନ ସେନା ସ୍ତରୀୟ ବୈଠକ

### ପ୍ରକୃତ ନିୟନ୍ତ୍ରଣ ରେଖାର ମୋଲଡ୍ରୋ ଠାରେ ହେବ ୧୨ ତମ କମାଣ୍ଡର ମିଟିଂ



ନୂଆଦିଲ୍ଲୀ,୩୦/୦୭: ଶନିବାର ହେବ ଭାରତ-ଚୀନ ମଧ୍ୟରେ ୧୨ ତମ କମାଣ୍ଡର ସ୍ତରୀୟ ବୈଠକ । ଲଦାଖ ସେକ୍ଟରରେ ଏହି ବୈଠକ ବସିବାକୁ ଯାଉଛି । ପ୍ରକୃତ ନିୟନ୍ତ୍ରଣ ରେଖାରେ ଥିବା ମୋଲଡ୍ରୋ ଠାରେ ଏହି ବୈଠକ ହେବାକୁ ଯାଉଛି । ଶନିବାର ସକାଳ ୧୦ଟା ୩୦ରେ ଏହି ଆଲୋଚନା ହେବାକୁ ସ୍ଥିର ହୋଇଛି । ଦୁଇ ଦେଶର ସେନା ମଧ୍ୟରେ ଶେଷ ଥର ଆଲୋଚନା ଏପ୍ରିଲ ୯ ତାରିଖରେ ହୋଇଥିଲା । ବିବାଦୀୟ କ୍ଷେତ୍ରରୁ ସେନା ପ୍ରତ୍ୟାହାର ନେଇ ଅନେକ ଥର ଆଲୋଚନା ହୋଇଥିଲେ ବି କୌଣସି ଫଳ ମିଳିନାହିଁ । ହଟ୍ ସ୍ପ୍ରିଙ୍ଗ ଓ ଗୋଗ୍ରା ଅଂଚଳରେ ଏବେ ବି ମୁହାଁମୁହିଁ ପରିସ୍ଥିତିରେ ରହିଛନ୍ତି ପିଏଲଏ ଓ ଭାରତୀୟ ସେନା । ପୂର୍ବ ଆଲୋଚନା ପରେ ପେଙ୍ଗୟୋଙ୍ଗ ସ୍ତୋ ଠାରୁ ଚାଇନା ନିଜ ଶସସ୍ତ୍ର ସେନାବାହିନୀ ପ୍ରତ୍ୟା କରିଥିଲା । ତେବେ ଶନିବାର ଆଲୋଚନାରେ ହଟ୍ ସ୍ପ୍ରିଙ୍ଗ ଓ ଗୋଗ୍ରା ବିବାଦୀୟ କ୍ଷେତ୍ର ନେଇ କମାଣ୍ଡର ସ୍ତରୀୟ ବୈଠକରେ ଆଲୋଚନା ହେବ ବୋଲି ସୂଚନା ମିଳିଛି ।

## ଆନ୍ଧ୍ର ପ୍ରଦେଶ ଗୁଣ୍ଟୁରରେ ବିଦ୍ୟୁତ ଦୁର୍ଘଟଣାରେ ୬ ଓଡିଆ ମୃତ : ଦୁଇ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦/୦୭(ନି.ପ୍ର): ଆନ୍ଧ୍ର ପ୍ରଦେଶର ଗୁଣ୍ଟୁରର ଏକ ମାଛ ଫାର୍ମରେ ବିଦ୍ୟୁତ ଦୁର୍ଘଟଣା ଘଟି ଗୁଣୁପୁରର ଛଅ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି । ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଏହାସହିତ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ଫାଣ୍ଡିରୁ ଦୁଇ ଲକ୍ଷ ଲେଖାଏଁ ଅନୁକମ୍ପମୂଳକ ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସୂଚନାଯୋଗ୍ୟ ଯେ, ଆନ୍ଧ୍ର ପ୍ରଦେଶ ଗୁଣ୍ଟୁର ଜିଲ୍ଲା ରେପଲ୍ଲେ ଗ୍ରାମରେ ବିଦ୍ୟୁତ ସର୍ଟସର୍କିଟ ହେତୁ ନିଆଁରେ ପୋଡି ୬ ଜଣ ଶ୍ରମିକ ପ୍ରାଣ ହରାଇଥିଲେ । ଏହାପରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଥିବାବେଳେ ସେମାନେ ସମସ୍ତେ ଏଖ ଚିଙ୍ଗୁଡି ଫ୍ୟାକ୍ଟ୍ରିରେ କାମ କରୁଥିବା କଥା ଜଣାପଡିଥିଲା ।

## ରାଜ୍ୟରେ କରୋନାରେ ଆଉ ୬୬ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୩୦/୦୭ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬୬ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୫୮୩୪ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ୧୧ ଜଣ ମୃତ୍ୟୁବରଣ କରିଛନ୍ତି । କଟକ ଜିଲ୍ଲାରେ ୧୦ ଜଣ ମୃତ୍ୟୁବରଣ କରିଛନ୍ତି । ଖୋର୍ଦ୍ଧା ଜିଲ୍ଲାରେ ୮ ଜଣ ମୃତ୍ୟୁବରଣ କରିଛନ୍ତି । ଏମାନଙ୍କ ମଧ୍ୟରେ ଭୁବନେଶ୍ୱରରେ ୪ ଜଣ ଅଛନ୍ତି ।

▶▶ପୃଷ୍ଠା ୭

### ସିବିଏସଇ ଦ୍ୱାଦଶ ଶ୍ରେଣୀ ରେଜଲ୍ଟରେ ରେକର୍ଡ କଲା ବିକଳ୍ପ ମୂଲ୍ୟାୟନ

## ସିବିଏସଇ ଦ୍ୱାଦଶ ଶ୍ରେଣୀରେ ୯୯.୩୭ ପ୍ରତିଶତ ପାସ୍




ଭୁବନେଶ୍ୱର,୩୦/୦୭(ନି.ପ୍ର): କରୋନା ଭଳି ଅସ୍ୱାଭାବିକ ପରିସ୍ଥିତିରେ ଯେଉଁ ଅପ୍ରତ୍ୟାଶିତ ନିଷ୍ପତ୍ତି ନିଆଯାଇଥିଲା, ତାର ପରିଣାମ ଆସିଛି । ଆଉ ବହୁ ପ୍ରତିକ୍ଷିତ ସିବିଏସଇ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଫଳ ପ୍ରକାଶ ପାଇଛି । ଆଜି ଠିକ୍ ଦିନ ୨ଟା ପରେ ସିବିଏସଇ ଦ୍ୱାଦଶ ଶ୍ରେଣୀ ରେଜଲ୍ଟ ପ୍ରକାଶ ପାଇବା ପରେ ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି । ଚଳିତବର୍ଷ ଏହି ପରୀକ୍ଷାରେ ପାସ୍ ହାର ରହିଛି ୯୯.୩୭ ପ୍ରତିଶତ । ଯେଉଁଥିରେ ଛାତ୍ରୀଙ୍କ ପାସ ହାର ୯୯.୬୭ ପ୍ରତିଶତ ଥିବାବେଳେ ଛାତ୍ରଙ୍କ ପାସ ହାର ରହିଛି ୯୯.୧୩ ପ୍ରତିଶତ ଅର୍ଥାତ୍ ପୁଅଙ୍କ ତୁଳନାରେ ଝିଅଙ୍କ ପାସ ହାର ୦.୫୪ ପ୍ରତିଶତ ଅଧିକ ରହିଛି । ସିବିଏସଇ ଦ୍ୱାଦଶରେ ମୋଟ୍ ୧୩ ଲକ୍ଷ ୪ ହଜାର ୫୬୧ ଛାତ୍ରଛାତ୍ରୀ ପାସ୍ କରିଛନ୍ତି ଆଉ ୭୦,୦୦୪ ଜଣ ଛାତ୍ରଛାତ୍ରୀ ୯୫ ପ୍ରତିଶତ ଉପରେ ମାର୍କ ରଖିଛନ୍ତି । ସେହିପରି ୧ ଲକ୍ଷ ୫୦ ହଜାର ୧୫୨ ଜଣ ଛାତ୍ରଛାତ୍ରୀ ୯୦ ରୁ ୯୫ ପ୍ରତିଶତ ଭିତରେ ମାର୍କ ରଖିଛନ୍ତି । ଏସବୁ ଭିତରେ ୬୫ ହଜାର ୧୮୪ ଛାତ୍ରଛାତ୍ରୀଙ୍କ ରେଜଲ୍ଟ ପ୍ରକାଶ ପାଇନାହିଁ । ସେମାନଙ୍କ ନମ୍ବରର ସମୀକ୍ଷା କରାଯାଉଛି । ମାର୍କ ସମୀକ୍ଷା ପରେ ଅଗଷ୍ଟ ୫ ସୁଦ୍ଧା ଏହି ଛାତ୍ରଛାତ୍ରୀଙ୍କ ରେଜଲ୍ଟ ପ୍ରକାଶ ପାଇବ ବୋଲି ସିବିଏସଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଏପଟେ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ରେକର୍ଡ ସଂଖ୍ୟାରେ ଛାତ୍ରଛାତ୍ରୀ ପାସ ହୋଇଥିବାରୁ ଖୁସି ପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୂଚନାଯୋଗ୍ୟ ଯେ, କରୋନା ଯୋଗୁଁ ଚଳିତ ବର୍ଷ ସିବିଏସଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ହୋଇନଥିଲା ଆଉ ବିକଳ୍ପ ମୂଲ୍ୟାୟନ ପଦ୍ଧତିରେ ପିଲାମାନଙ୍କୁ ମାର୍କ ଦିଆଯାଇଛି ।

## ୬୩,୩୦୩ ପ୍ରାଥମିକ ଶିକ୍ଷକ ପାଇବେ ପଦୋନ୍ନତି



ଭୁବନେଶ୍ୱର,୩୦/୦୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ପ୍ରାଥମିକ ବିଦ୍ୟାଳୟ ଗୁଡିକର ଶିକ୍ଷକ ମାନଙ୍କ ପଦୋନ୍ନତି ପାଇଁ ଆବଶ୍ୟକ ରେସିଡେନ୍ସି ପିରିଅଡକୁ କମ୍ କରାଯାଇଛି । ଏହାଦ୍ୱାରା ରାଜ୍ୟର ୬୩,୩୦୩ ଜଣ ପ୍ରାଥମିକ ଶିକ୍ଷକ ପଦୋନ୍ନତି ପାଇପାରିବେ । ତା ସହିତ ଉଚ୍ଚପ୍ରାଥମିକ ସ୍ତରରେ ବିଭିନ୍ନ ବିଷୟ ପାଇଁ ଶିକ୍ଷକ ପଦବୀ ପୂରଣ ହେବ ଏବଂ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍ତରରେ ପ୍ରଧାନ ଶିକ୍ଷକ ପଦବୀ ଗୁଡିକ ମଧ୍ୟ ପୂରଣ ହୋଇପାରିବ । ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ସ୍ତରରେ ଶିକ୍ଷକ ଅଭାବ ପୂରଣ ହେବା ଦ୍ୱାରା ପ୍ରାଥମିକ ବିଦ୍ୟାଳୟ ଗୁଡିକର ପରିଚାଳନାରେ ଉନ୍ନତି ଆସିବା ସହିତ ଶୈକ୍ଷିକ ପରିବେଶରେ ମଧ୍ୟ ଉନ୍ନତି ଆସିପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି । ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେବା ଦ୍ୱାରା ୫(ଏ) ସ୍ତରରେ ଥିବା ୨୯,୭୫୯ ଜଣ ସହକାରୀ ଶିକ୍ଷକ ୫(ବି) ସ୍ତରକୁ ପଦୋନ୍ନତି ପାଇବେ ଏବଂ ୫(ବି) ସ୍ତରରେ ଥିବା ୨୯,୭୫୯ ଜଣ ବରିଷ୍ଠ ଶିକ୍ଷକ ତୁରନ୍ତ ଲେଭେଲ-୪ କୁ ପଦୋନ୍ନତି ପାଇବେ । ଏହାସହିତ ଲେଭେଲ ଓ୦ରେ ଥିବା ୩୭୮୫ ଜଣ ପ୍ରଧାନ ଶିକ୍ଷକ ସେପଟ୍ମ୍ବର ମାସ ସୁଦ୍ଧା ଲେଭେଲ-୩ କୁ ପଦୋନ୍ନତି ପାଇବେ । ଲେଭେଲ ୫(ବି) ରେ ଥିବା ସହକାରୀ ଶିକ୍ଷକ ମାନଙ୍କ ପାଇଁ ରେସିଡେସନ୍ସି ପିରିଅଡକୁ ଏକ ବର୍ଷରୁ ୬ ମାସ କରାଯାଇଥିବା ବେଳେ, ଲେଭେଲ-୪ ରୁ ଲେଭେଲ-୩ କୁ ପଦୋନ୍ନତି ପାଇବା ପାଇଁ ରେସିଡ୍ରେନସି ପିରିଅଡର ସୀମା ୨ ବର୍ଷରୁ

▶▶ପୃଷ୍ଠା ୭

## ଅବସରପ୍ରାପ୍ତ କର୍ମଚାରୀଙ୍କୁ ବର୍ଦ୍ଧିତ ୧୧ ପ୍ରତିଶତ ମହଙ୍ଗା ଭତ୍ତା ଯୋଗାଇ ଦେବାକୁ ଦାବି

ଭୁବନେଶ୍ୱର,୩୦/୦୭ (ନି.ପ୍ର): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାର ଅବସରପ୍ରାପ୍ତ କର୍ମଚାରୀ ସଂଘ ତରଫରୁ ବର୍ଦ୍ଧିତ ୧୧% ମହଙ୍ଗା ଭତା ଦେବାକୁ ଅନୁରୋଧ କରାଯାଇଛି । ଅବସରପ୍ରାପ୍ତ କର୍ମଚାରୀମାନେ ସମସ୍ତେ ୬୦ ବର୍ଷରୁ ଊର୍ଦ୍ଧ୍ୱ ଅତିକ୍ରମ କରିଥିବାରୁ ସେମାନଙ୍କୁ ବରିଷ୍ଠ ନାଗରିକ ଭାବରେ ବିବେଚନା କରାଯାଏ । ପ୍ରାୟ ସମସ୍ତେ ମଧୁମେହ ଓ ରକ୍ତଚାପ ଜନିତ ରୋଗରେ ଆକ୍ରାନ୍ତ ତଥା ମହାମାରୀ କରୋନା ରୋଗରେ ସଂକ୍ରମିତ ହୋଇ ଦୁର୍ଦ୍ଦିନର ସମ୍ମୁଖୀନ ହେଉଛନ୍ତି । ଏପରିକି ସ୍ୱଳ୍ପ ବେତନଭୋଗୀ କର୍ମଚାରୀମାନେ ଦରଦାମ ବୃଦ୍ଧି ହେତୁ ଭୋକ ଉପାସରେ କାଳାତିପାତ କରୁଛନ୍ତି । ଇତିମଧ୍ୟରେ କେନ୍ଦ୍ର ସରକାର ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ୧୧% ମହଙ୍ଗା ଭତା ପ୍ରଦାନ କରିସାରିଛନ୍ତି । ତେଣୁ ଆମ୍ଭମାନଙ୍କୁ ଅନୁକମ୍ପା ରାଶି ପ୍ରଦାନ ପୂର୍ବକ ଓଡ଼ିଶା ସରକାର ଆମ୍ଭର ଦାବିକୁ ବିଚାରକୁ ନେଇ ୧୧% ମହଙ୍ଗା ଭତା ପ୍ରଦାନ କରିବାକୁ ସଂଘ ତରଫରୁ ସଭାପତି ବିଶ୍ୱନାଥ ମହାନ୍ତି ନିବେଦନ କରାଯାଇଛି ।

## ଭୟଙ୍କର ହେଉଛି ଡେଲ୍ଟା ଭାରିଏଣ୍ଟ

### ହାଡ଼ଫୁଟି ଭଳି ବ୍ୟାପୁଛି କରୋନା, ଆମେରିକାର ରୋଗ ନିୟନ୍ତ୍ରଣ ଓ ନିରାକରଣ କେନ୍ଦ୍ରର ଅନୁଧ୍ୟାନକୁ ନେଇ ବଢ଼ିଲା ଚର୍ଚ୍ଚା



ନୂଆଦିଲ୍ଲୀ,୩୦/୦୭: ବିଶ୍ୱର କିଛି ପ୍ରତିଷ୍ଠିତ ଖବରକାଗଜରେ ପ୍ରକାଶିତ ଏଭଳି ରିପୋର୍ଟ କରୋନା ଭୂତାଣର ଭୟାବହତାକୁ ପ୍ରକାଶ କରୁଛି । ଆମେରିକାର ରୋଗ ନିୟନ୍ତ୍ରଣ ଓ ନିରାକରଣ କେନ୍ଦ୍ର, କରୋନା ସଂକ୍ରମଣ ନେଇ ଯେଉଁ ତଥ୍ୟ ସାମ୍ନାକୁ ଆଣିଛି, ତାହା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି । ଏଥିରେ କୁହାଯାଇଛି, କରୋନାର ଡେଲଟା ଭାରିଏଣ୍ଟ ହାଡ଼ଫୁଟି ଭଳି ବ୍ୟାପୁଛି । ଏହି ଭୂତାଣୁ ଅଧିକ ସଂକ୍ରାମକ ହେଉଛି । ଏମିତି କି ସାଧାରଣ ଥଣ୍ଡାଠାରୁ ଅଧିକ ବେଗରେ ବ୍ୟାପୁଛି ଏବଂ ଅଧିକ ଗମ୍ଭୀର ହେଉଛି । ତେଣୁ ଅଧିକରୁ ଅଧିକ ସଚେତନ ହେବାର ଆବଶ୍ୟତା ରହିଛି । ଆମେରିକାର ରୋଗ ନିୟନ୍ତ୍ରଣ ଓ ନିରାକରଣ କେନ୍ଦ୍ର ବା ସିଡିସି ପକ୍ଷରୁ ହୋଇଥିବା ଏହି ଅନୁଧ୍ୟାନର ରିପୋର୍ଟ ସର୍ବସାଧାରଣରେ ପ୍ରକାଶ କରାଯାଇନାହିଁ । ତେବେ ଏହି ତଥ୍ୟଟି ସଂପୂର୍ଣ୍ଣ ସତ୍ୟ ବୋଲି ୱାସିଂଟନ୍ ପୋଷ୍ଟକୁ କହିଛନ୍ତି ସିଡିସି ଡାଇରେକ୍ଟର । ସେ କହିଛନ୍ତି ଏହି ଭୂତାଣୁ ଅଧିକ ସଂକ୍ରାମକ ଆମେ ସମସ୍ତେ ଜାଣନ୍ତି ଆଉ ଏହା ଏବେ ହାଡ଼ଫୁଟି ଭଳି ବ୍ୟାପୁଛି । ସଂପୂର୍ଣ୍ଣ ଟିକାକରଣ ହୋଇଥିବା ବ୍ୟକ୍ତି ମଧ୍ୟ ସେହି ହାରରେ ଅନ୍ୟକୁ ସଂକ୍ରମିତ କରୁଛନ୍ତି ଯେଉଁ ହାରରେ ଟିକା ନେଇନଥିବା ଲୋକ କରୁଛନ୍ତି । ସିଡିସିର ଏହି ଅନୁଧ୍ୟାନ ପରେ ଟିକା ନେଇଥିବା ଲୋକଙ୍କୁ ମଧ୍ୟ ମାସ୍କ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି । ସେହିପରି ସଂକ୍ରମଣର ଅଧିକ ଆଶଙ୍କା ଥିବା ବନ୍ଦ ଘରେ, ଟିକାନେଇଥିଲେ ବି ମାସ୍କ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି । ସ୍ଥିତି ଯେହେତୁ ଗୁରୁତର ରହିଛି, ପଦକ୍ଷେପ ମଧ୍ୟ କଡ଼ାକଡ଼ି ନେବାର ଆବଶ୍ୟକତା ରହିଛି ବୋଲି ଆମେରିକାର ରୋଗ ନିୟନ୍ତ୍ରଣ ଓ ନିରାକରଣ କେନ୍ଦ୍ର କହିଛି ।

## ସିବିଏସ୍ଇ ଦ୍ୱାଦଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର,୩୦/୦୭ (ନି.ପ୍ର): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସଇ) ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଟ୍ୱିଟ୍ ଜରିଆରେ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ସିବିଏସଇ ରେକର୍ଡସଂଖ୍ୟକ ପାସ ହାର ହାସଲ କରିବା ଖୁସିର ବିଷୟ । ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଭିଭାବକଙ୍କ ପରିଶ୍ରମ ପ୍ରଶଂସନୀୟ । କୃତି ଛାତ୍ରଛାତ୍ରୀଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶ୍ରୀ ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି । ସୂଚନାଯୋଗ୍ୟ, କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ସିବିଏସଇର ଦ୍ୱାଦଶ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଥିବା ବେଳେ ଚଳିତବର୍ଷ ପାସ୍ ହାର ରହିଛି ୯୯.୩୭ । କରୋନା ମହାମାରୀ ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ପରୀକ୍ଷା ବାତିଲ କରାଯିବା ପରେ ବିକଳ୍ପ ପଦ୍ଧତିରେ ନିର୍ଦ୍ଧାରିତ ମୂଲ୍ୟାଙ୍କନ ନୀତି ଆଧାରରେ ପରୀକ୍ଷା ଫଳାଫଳ ପ୍ରକାଶ ପାଇଛି ।

## ନବନିଯୁକ୍ତ କନିଷ୍ଠ ଡାଟା ଏଣ୍ଟ୍ରି ଅପରେଟରମାନଙ୍କ ଏକ ତାଲିମ କର୍ମଶାଳାକୁ ସମ୍ବୋଧିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦/୦୭(ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭର୍ଚୁଆଲ ପ୍ଲାଟଫର୍ମରେ ନବନିଯୁକ୍ତ କନିଷ୍ଠ ଡାଟାଏଂଟ୍ରି ଅପରେଟରମାନଙ୍କ ଏକ ତାଲିମ କର୍ମଶାଳାକୁ ସମ୍ବୋଧିତ କରି କହିଛନ୍ତି ଯେ ପ୍ରଶାସନର ଫଳପ୍ରଦ କାର୍ଯ୍ୟକାରିତାରେ ତଥ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେ କହିଛନ୍ତି ଯେ ବିଭିନ୍ନ ନିଷ୍ପତି ଓ ସେବା ପ୍ରଦାନର ତ୍ୱରିତ ରୂପାୟନ ନିମନ୍ତେ ତଥ୍ୟ ସୃଷ୍ଟି, ସଂରକ୍ଷଣ, ସୁରକ୍ଷା ଓ ହସ୍ତାନ୍ତରଣ ଇତ୍ୟାଦି ଆବଶ୍ୟକ । ମୁଖ୍ୟମନ୍ତ୍ରୀ ନବନିଯୁକ୍ତ କର୍ମଚାରୀମାନଙ୍କୁ

▶▶ପୃଷ୍ଠା ୭

# ବିଧବା ବଧୂଙ୍କୁ ନିର୍ଯାତନା ଅଭିଯୋଗ : ଏସପିଙ୍କୁ ଭେଟିଲେ ପୀଡ଼ିତା

ଗଞ୍ଜାମ,୩୦/୭ (ନି.ପ୍ର): ଶ୍ୱଶୁର ଘର ଲୋକେ ବିଧବା ବଧୂଙ୍କୁ ନର୍ଯାତନା ଦେଉଥିବା ନେଇ ଅଭିଯୋଗ ଆସିଛି ଗଞ୍ଜାମ ଜିଲ୍ଲା କେ. ନୂଆଗାଁ ଥାନା ଅନ୍ତର୍ଗତ କୁମାରପଡ଼ା ଗ୍ରାମରୁ । ସୁନିତା ପ୍ରଧାନ ନାମ୍ନୀ ଏହି ବିଧବା ମହିଳା, ତାଙ୍କର ଛୋଟ ଝିଅ ସହ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ନିଜ ବାପାଙ୍କୁ ନେଇ ବ୍ରହ୍ମପୁର ଏସପିଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି । ସୁନିତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କ ଶ୍ୱଶୁର ବୃନ୍ଦାବନ ପ୍ରଧାନ, ଦେଢ଼ଶାଶୁ ତନୟା ପ୍ରଧାନ, ଦିଅର ମହେନ୍ଦ୍ର ପ୍ରଧାନ ଓ ଶାଶୁଙ୍କ ଅକଥନୀୟ ଅତ୍ୟାଚାରରେ ଅତିଷ୍ଠ ହୋଇପଡିଥିବା ନେଇ ସେ ଏସପିଙ୍କୁ ଜଣାଇଛନ୍ତି । ଗତ ୨୬ ତାରିଖରେ ଶ୍ୱଶୁର ଘର ଲୋକେ ତାଙ୍କ ପିତା ବମକେଇରୁ ଗ୍ରାମକୁ ଯିବା ରାସ୍ତାରେ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ । ଏ ସମ୍ପର୍କରେ ସେ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ ମଧ ଅଦ୍ୟାବଧି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ସୁନିତା କହିଛନ୍ତି । ବର୍ତ୍ତମାନ ସୁଦ୍ଧା ସୁନିତାଙ୍କ ପିତା ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧିନ ରହିଛନ୍ତି । ତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ସେ ଆଜି ଏସପିଙ୍କୁ ଭେଟି ଗୁହାରି କରିଛନ୍ତି । ଚିଙ୍କିଟି ଏସଡ଼ିପିଓ ଘଟଣାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ଏସପି ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

# ମାଲକାନଗିରି ଜିଲ୍ଲା ସାମ୍ବାଦିକ ସମନ୍ୱୟ କମିଟି ଗଠନ

ମାଲକାନଗିରି,୩୦/୭ (ନି.ପ୍ର): ମାଲକାନଗିରି ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ନେଇ ଏକ ସମନ୍ୱୟ କମିଟି ଗଠନ କରାଯାଇଛି । ରାଜ୍ୟ ଏବଂ ଜିଲ୍ଲାରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ଉପରେ ବିଭିନ୍ନ ସମୟରେ ହେଉଥିବା ଆକ୍ରମଣ ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ରାଜ୍ୟ ସରକାର ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ କରିବାରେ ଅବହେଳା ଇତ୍ୟାଦି ଘଟଣାକୁ ନେଇ ସାରା ରାଜ୍ୟରେ ଗଣମାଧ୍ୟମ ପ୍ରତିନିଧି ମାନେ ପ୍ରତିବାଦ କରି ଆସୁଛନ୍ତି । ମାଲକାନଗିରି ଜିଲ୍ଲାର ବିଭିନ୍ନ ସଙ୍ଗଠନ ଏବଂ ବରିଷ୍ଠ ସାମ୍ବାଦିକ ମାନଙ୍କୁ ନେଇ ଏକ ସମୟି କମିଟି ବରିଷ୍ଠ ସାମ୍ବାଦିକ ରତ୍ନାକର ଦାସଙ୍କ ଆହ୍ୱାନ କ୍ରମେ ଉତ୍କଳ ସାମ୍ବାଦିକ ସଂଘ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭିକ ସ୍ତରରେ ସମନ୍ୱୟ କମିଟି ଗଠନ କରାଯାଇ ସର୍ବ ସମ୍ମତି କ୍ରମେ ରତ୍ନାକର ଦାସଙ୍କ ଅଧ୍ୟକ୍ଷ, ମିଲୁ ପଟ୍ଟନାୟକଙ୍କୁ ଉପାଧ୍ୟକ୍ଷ, ଦୁର୍ଯୋଧନ ପାତ୍ର ସମ୍ପାଦକ, ଅଶୋକ ମିଶ୍ର ସହ ସମ୍ପାଦକ, ରଞ୍ଜିତ୍ ସାହା ଉପଦେଷ୍ଟା ଭାବେ ମନୋନିତ ହୋଇଛନ୍ତି । ଆଗାମି ଦିନରେ ଜିଲ୍ଲାରେ କାର୍ଯ୍ୟ କରୁଥିବା ସମସ୍ତ ବୈଦେତୁକ ଗଣମାଧ୍ୟମ, ଛାପା ଗଣମାଧ୍ୟମ, ୱେବ୍ ଗଣମାଧ୍ୟମର ସଦସ୍ୟ ମାନଙ୍କୁ ଏକତ୍ରିତ କରାଯାଇ ସମନ୍ୱୟ କମିଟିର ରୂପ ରେଖା ପ୍ରସ୍ତୁତ କରାଯିବା ସହ ମିଳିତ ଭାବେ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଜିଲ୍ଲା ପ୍ରଶାସନ ଓ ସରକାରଙ୍କୁ ଅବଗତ କରାଯାଇ ଦାବି ହାସଲ ପାଇଁ ସଂଗ୍ରାମ ଜାରି ରହିବ ବୋଲି ସର୍ବ ସମ୍ମତି କ୍ରମେ ନିଷ୍ପତି ନିଆଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ପଂଚାନନ ଦାସ୍, ତ୍ରିଲୋଚନ ଦାସ, ସତ୍ୟନାରାୟଣ ଦାସ, ଶ୍ରୀନିବାସ ପାତ୍ର, ମନୋଜ କୁମାର ମହାନ୍ତି, ଅପୁର୍ବ ଥଣ୍ଡର, ସୋନୁ ଅନୁଗୁ, କିଶୋର ପାତିକା, ସୀମାଂଚଳ ପାଣିଗ୍ରାହୀଙ୍କ ସହ ୨୦ ରୁ ଊର୍ଦ୍ଧ ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗ ଦେଇଥିଲେ ।

# ୫୦ ଲିଟର ଅପମିଶ୍ରିତ ମଦ ଜବତ, ୨ ଗିରଫ

ଗଞ୍ଜାମ,୩୦/୭ (ନି.ପ୍ର): ଗଞ୍ଜାମ ଜିଲ୍ଲା ଆସିକା ପୋଲିସ ଥାନା ପକ୍ଷରୁ ଚଢ଼ଉ କରାଯାଇ ୫୦ ଲିଟର ଅପମିଶ୍ରିତ ମଦ ଜବତ କରାଯିବା ସହିତ ଘଟଣାରେ ରଘୁନାଥ ନଗରରୁ ରାମଚନ୍ଦ୍ର ବେହେରା ଓ ପାକେଲାପଲ୍ଲୀ ଏରୋଗୋଲା ବସ୍ତିରୁ ଜି. ଗଣେଷଙ୍କୁ ଗିରଫ କରାଯାଇଛି । ଗିରଫ ଦୁଇ ଅଭିଯୁକ୍ତଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି । ଏ ସଂକ୍ରାନ୍ତରେ ଆସିକା ଥାନାରେ ପୃଥକ୍ ପୃଥକ୍ ଦୁଇଟି ମାମଲା ରୁଜୁ ହୋଇଛି ।

# ଜୟପୁର ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ଜୟପୁର,୩୦/୭ (ନି.ପ୍ର): ଜୟପୁର ବିଜେପି ତରଫରୁ ମଣ୍ଡଳ କାଯ୍ୟକାରିଣି ବୈଠକ ଅନୁଷ୍ଠିତ ହୋଇଛି । ଜୟପୁର ବିଜେପି କାର୍ଯ୍ୟାଳୟ ଠାରେ ଆୟୋଜିତ ଏହି ବୈଠକରେ ରାଜ୍ୟ ସ୍ଥାୟୀ ସଦସ୍ୟ ଗୌତମ ସାମନ୍ତରାୟ, ନଗର ସଭାପତି ସାଧୁଦାସ ଚୌଧୁରି, ଜିଲା ସାଧାରଣ ସମ୍ପାଦକ ଚନ୍ଦ୍ର ସେଖର ରଥ, ବୈଦନାଥ ମିଶ୍ର, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ବିପଦ ଭଞ୍ଜନ ଦାସ, ଜିଲା ମିଡିଆ ପ୍ରଭାରି ତଥା ଜିଲା ଉପ ସଭାପତି ସଞ୍ଜୟ ବେହେରା, ଜିଲା ଉପ ସଭାପତି ଅଞ୍ଜଲି ମିଶ୍ର, ଜିଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ସୁରଭି ପାଣି, ଜୟପୁର ଉପ ସଭାପତି ସୀମା କରଣ, ସ୍ୱାତି ହୋତା, ନଗର ମହିଳା ମୋର୍ଚ୍ଚା ସଭାପତି ସାବିତ୍ରି ବେହେରା, ଭବାନି ରେଡ୍ଡି, ରାମୁ ବେହେରା, ଘନ ସ୍ୟାମ ବେହେରା ଙ୍କ ସହ ଜୟପୁର ମଣ୍ଡଳ ସମସ୍ତ ମୋର୍ଚ୍ଚାର ସଭାପତି ସାଧାରଣ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ବୈଠକରେ ଚିଠା ପ୍ରସ୍ତାବ ଗୃହିତ କରାଯାଇଛି । ସେଗୁଡିକ ହେଲା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ହୋଇଥିବା ଦୁର୍ନିତି ବିରୋଦ୍ଧରେ ଜୟପୁର ପୌରପରିଷଦରେ ଦାବି ପତ୍ର ପ୍ରଦାନ ପ୍ରକୃତି ହିତାଧିକାରି ଙ୍କୁ ନ୍ୟାୟ ନମେଳିବା ଯାଏ ପୌରପରିଷଦରେ ବିକ୍ଷୋଭ ପ୍ରଦର୍ଶନ, ସ୍ୱଛ ଭାରତ ଯୋଜନା ଅନ୍ତର୍ଗତ ପାଇଖାନା ଦୁର୍ନତିର ତଦନ୍ତ ଓ ହିତାଧିକାରି ଙ୍କ ନ୍ୟାୟ ପାଇଁ ବିରୋଧ ପ୍ରଦର୍ଶନ, ପୌର ପଦିଷଦର ହୋଇଥିବା ଦୁର୍ନିତି ଭିଜିଲାନ୍ସ ଦ୍ୱାରା ଚଢାଉ କରି ଆଜି ସୁଦ୍ଧା ଦୋଶିଙ୍କୁ ଚିହ୍ନଟ କରାଯାଇ ନାହିଁ ସିବିଆଇ ତଦନ୍ତ ଦାବି । ପୌର ପରିଷଦ ଅନ୍ତଭୁକ୍ତ ଭଡା ଗୃହରେ ହୋଇଥିବା ଦୂନତିର ଉଚ୍ଚ ସ୍ତରିୟ ତଦନ୍ତ, ଟ୍ରାଫିକ ସମସ୍ୟାର ସମାଧାନ ଦାବି, ବିଦ୍ୟୁତ ଶୁିଳ୍କ ୟୁନିଟ ପିଛା ୩୦ ରୁ ୪୦ ପଇସା ତୁରନ୍ତ ପ୍ରତ୍ୟାହାର କରିବା ଓ ଅଘୋଷିତ ବିଦ୍ୟୁତ କାଟ ରୋକିବା ପାଇ ଦାବୀ ଭଳି ଦାବି ଉପରେ ଚିଠା ପ୍ରସ୍ତାବ ଗୃହିତ କରାଯାଇଛି ।

# ସଫେଇ କର୍ମଚାରୀ ଜାତୀୟ କମିଶନଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ

ପୁରୀ,୩୦/୭ (ନି.ପ୍ର): ସଫାଇ କର୍ମଚାରୀ ଜାତୀୟ କମିଶନଙ୍କ ପକ୍ଷରୁ ସଫାଇ କର୍ମଚାରୀ ମାନଙ୍କ ବିଭିନ୍ନ ପ୍ରସଙ୍ଗ ଉପରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ସର୍କିଟ ହାଉସ ଠାରେ ଅନୁଷ୍ଠିତ ବୈଠକରେ କମିଶନଙ୍କ ମାନ୍ୟବର ସଭ୍ୟ ଡଃ ପି.ପି ଭାଭା ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ସଫେଇ କର୍ମଚାରୀଙ୍କ ପ୍ରତିନିଧି ମାନଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରି ତଥ୍ୟ ନେଇଛନ୍ତି । ସଫାଇ କର୍ମଚାରୀ ମାନଙ୍କ ନିମନ୍ତେ ଦିଆଯାଉଥିବା ବିଭିନ୍ନ ସୁବିଧା ଓ ସୁବ୍ୟବସ୍ଥିତ ବନ୍ଦୋବସ୍ତ ନେଇ କମିଶନଙ୍କ ପକ୍ଷରୁ ଖୁସି ବ୍ୟକ୍ତ କରାଯିବା ସହ ରାଜ୍ୟସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି । ଜିଲ୍ଲାପାଳ ଶ୍ରୀ ସମର୍ଥ ବର୍ମା ପୁରୀ ଜିଲ୍ଲାରେ ଥିବା ସଫେଇ କର୍ମଚାରୀଙ୍କ ଉପରେ ବିଭିନ୍ନ ସୂଚନା ପ୍ରଦାନ କରିବା ସହ ସେମାନଙ୍କୁ ବିଭିନ୍ନ ସେବା ପ୍ରଦାନ କରାଯାଉଥିବା କହିଥିଲେ । ପ୍ରାରମ୍ଭରେ ପୁରୀ ପୌରସଂସ୍ଥା ନିର୍ବାହୀ ଅଧିକାରୀ ଶ୍ରୀ ସରୋଜ କୁମାର ସ୍ୱାଇଁ ସଫେଇ କର୍ମଚାରୀ ମାନଙ୍କ ଉପରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ଗୋଷ୍ଠୀ ଓ ସର୍ବସାଧାରଣ ଶୌଚାଳୟ ଶୌଚାଳୟ ସଫେଇରେ ୩୩୫ ଜଣ, ଡ୍ରେନ ସଫାରେ ୯୩, ସେପ୍ଟିକ ଟ୍ୟାଙ୍କ ସଫା ନିମନ୍ତେ ୮ ଓ ସ୍ୱେରେଜ ସଫେଇରେ ୬୪ ସମେତ ମୋଟ ୫୨୨ ଜଣଙ୍କୁ ଚିହ୍ନଟ କରାଯାଇଛି । ଡ୍ରେନେଜ ଓ ସ୍ୱରେଜ ସଫେଇରେ ନିୟୋଜିତ କର୍ମଚାରୀ ମାନେ କର୍ତ୍ତବ୍ୟ ପାଳମ ବେଳେ ସେମାନଙ୍କ ନିମନ୍ତେ ସର୍ବାଧିକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଥିବା ଶ୍ରୀ ସ୍ୱାଇଁ କହିଥିଲେ । ସେମାନଙ୍କ ସୁବିଧା ନିମନ୍ତେ ଗାରିମା ପ୍ରକଳ୍ପ, ପ୍ରଧାନମନ୍ତ୍ରୀ ଆବା ଯୋଜନାରେ ପକ୍କାଘର ବ୍ୟବସ୍ଥା କରାଯାଇଛି । ଏଥିସହ ଆବର୍ଜନାକୁ ପୁରୀର ପବିତ୍ର ମାଟିକୁ ସ୍ୱର୍ଶ ନକରିବା କରିବା ନିମନ୍ତେ ସୁବ୍ୟବସ୍ଥିତ ଭାବେ ଆବର୍ଜନା ସଂଗ୍ରହ କରାଯାଉଛି ଓ ପୃଥକୀକରଣ କରାଯାଇ ଏଥିରୁ ଅର୍ଥ ଉପାର୍ଜନ କରାଯାଉଛି । ଏହାଦ୍ୱାରା ପ୍ରଦୂଷଣ ମାତ୍ରା କମ୍ ରହିବା ସହ ସଫେଇ କର୍ମଚାରୀମାନେ ଏକ ସୁସ୍ଥ ପରିବେଶ ମଧ୍ୟରେ କାମ କରୁଛନ୍ତି । ସାଧାରଣରେ ଆବର୍ଜନା ପକାଉଥିବା ସ୍ଥାନକୁ ପାର୍କ କିମ୍ବା ଅନ୍ୟ ମନୋରମ ସ୍ଥାନରେ ପରିଣତ କରାଯାଉଥିବା ଶ୍ରୀ ସ୍ୱାଇଁ ଉପସ୍ଥାପନ କରିଥିଲେ । ସେହିଭଳି ୨୦୧୫ ମସିହାରେ ୩୨ ଜଣ ମାନୁଆଲ ସ୍କାଭେଞ୍ଜରଙ୍କୁ ଚିହ୍ନଟ କରାଯିବା ସହ ରାଜ୍ୟ ସଫେଇ କର୍ମଚାରୀ ଆର୍ଥିକ ନିଗମ ପକ୍ଷରୁ ଋଣ ଦିଆଯାଇ ସେମାନଙ୍କୁ ଥଇଥାନ କରାଯାଇଥିବା ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଚନ୍ଦ୍ରକାନ୍ତ ମାଝୀ ଅବଗତ କରାଇଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଜ୍ୟୋତି ଶଙ୍କର ମହାପାତ୍ର, ଓ୍ୱାଟକୋ ଜେନେରାଲ ମ୍ୟାନେଜର ଶ୍ରୀ ଶରତ ଚନ୍ଦ୍ର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ମମତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨ ଯୁବକଙ୍କୁ ଆକ୍ରମଣ

ଧର୍ମଶାଳା,୩୦/୭ (ନି.ପ୍ର): ଜୁନ୍ ମାସ ୯ ତାରିଖ ଦିନ ପୂର୍ବ ଶତୃତାକୁ କେନ୍ଦ୍ର କରି ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ମଙ୍ଗଳପୁର ପଂଚାୟତସ୍ଥ କୋଠଡିହ(ମଦିନାବାଗ) ଗ୍ରାମରେ ଜଣକ ପରିବାର ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା । ଏହି ଆକ୍ରମଣ ଘଟଣାରେ ୨ ଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ଜଣକର ମୃତ୍ୟୁ ଘଟିଥିଲା । ଏନେଇ ମୃତକଙ୍କ ପରିବାର ପକ୍ଷରୁ ୨୦ ଜଣକ ନାମରେ ବ୍ରହ୍ମବରଦା ଫାଣ୍ଡିରେ ଏତଲା ଦିଆଯାଇଥିଲା । ପୁଲିସ ଏହି ଘଟଣାରେ ୨ଜଣକୁ ଗିରଫ କରିବା ସହ ଅନ୍ୟ ୧୮ଜଣକୁ ଧରିବାରେ ବିଫଳ ହୋଇଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବରୁଆଁ - ବାଲିଚନ୍ଦ୍ରପୁର ରାସ୍ତା ଅବରୋଧ କରାଯାଇଥିଲା । ତେବେ ଏତଲାରେ ଅଭିଯୁକ୍ତଙ୍କ ନାମ କାଟିବା ନେଇ ଆଜି ଏହି ମୃତକଙ୍କ ପରିବାରର ପୁଅ ଓ ଭଣଜାଙ୍କ ଉପରେ ୪ ଜଣ ଆକ୍ରମଣ କରିଥିବା ଜଣାପଡିଛି । ଏହି ଆକ୍ରମଣ ଘଟଣାରେ ୨ ଜଣ ଆହତ ହୋଇଥିବା ବେଳେ ପରିବାର ପକ୍ଷରୁ ଆଜି ଏତଲା ଦେବା ସହ ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଫାଣ୍ଡି ଆଗରେ ଧାରଣା ଦେଇଥିଲେ । ଅଭିଯୋଗ ମୁତାବକ ମରଣାନ୍ତକ ଆକ୍ରମଣରେ ମଦିନାବାଗ ଗ୍ରାମର ସଲାଉଦ୍ଦିନଙ୍କ(୪୫)ର ମୃତ୍ୟୁ ଘଟିଥିଲା । ତେବେ ଏହି ଘଟଣାରେ ମୃତ ସଲାଉଦ୍ଦିନ୍ଙ୍କ ପତ୍ନୀ ସୁଲତାନା ବିବି ୨୦ଜଣଙ୍କ ନାମରେ ଏତଲାରେ ଅଭିଯୁକ୍ତ ନାମ ଦର୍ଶାଇ ଥିଲେ । ତେବେ ଏତଲାରେ ରହିମଙ୍କ ସମେତ ୨ଭାଇଙ୍କ ନାମ ଥିବାରୁ ଆଜି ସକାଳେ ସୁଲତାନାଙ୍କ ପୁଅ ସେକ୍ ହମିଦ ଓ ଭଣଜା ସେକ୍ ମେଜାହିଦ ଦୁହେଁ ଘର ପାଇଁ ନୂତନ ବସ୍ତ୍ର ଆଣିବା ପାଇଁ ବ୍ରହ୍ମବରଦା ଯାଇଥିଲେ । ବ୍ରହ୍ମବରଦା ଇଦଗାହ ନିକଟରେ ଦୁହେଁ ଏକ ଗ୍ୟାରେଜରେ ବାଇକ୍ ସଜାଡୁଥିବା ସମୟରେ ସେକ୍ କୟୁମଙ୍କ ପୁଅ ସେକ୍ ରେହେମତ(୧୯) ଓ ସେକ୍ ମେତୋଙ୍କ ପୁଅ ସେକ୍ ମୁସଲିମ(୨୨)ଙ୍କ ସମେତ ଅନ୍ୟ ୪ ଜଣ ସହଯୋଗୀ ଦୁହିଁକୁ ଆକ୍ରମଣ କରିଥିଲେ । ଫାଣ୍ଡିରେ ଦିଆଯାଇଥିବା ଏତଲାରେ ଆମ ପରିବାରଙ୍କ ନାମ କାହିଁକି କଟା ଗଲଣ ନାହିଁ ଆଦି ଧମକ ଚମକ ଦେବା ସହ ମାଡ ମାରି ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଦୁହେଁ ଆହତ ଅବସ୍ଥାରେ ଘରକୁ ଆସି ଘଟଣା ସମ୍ପର୍କରେ କହିବା ପରେ ସୁଲତାନା ବିବି ଏନେଇ ୪ଜଣଙ୍କ ନାମରେ ଏତଲା ଦେଇଛନ୍ତି । ଏବଂ ଦେଢ ମାସରୁ ଊର୍ଦ୍ଧ ହେବ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଯେଉଁ ପ୍ରତିଶୃତି ଦେଇଥିଲେ ତାହା ଅତି ବିଳମ୍ବ ହେବାରୁ ସୁଲତାନାଙ୍କ ସମେତ ତାଙ୍କ ପରିବାର ସମସ୍ତ ସଦସ୍ୟ ଫାଣ୍ଡି ଆଗରେ ଧାରଣା ଦେଇଥିଲେ । ଘଟଣାର ତଦନ୍ତ କରିବାକୁ ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ଏସ୍ ଦାଶରଥୀ ପାତ୍ର କହିବା ପରେ ପରିବାର ଲୋକେ ଧାରଣାରୁ ଉଠିଥିଲେ । ଯଦି ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରା ନ ଗଲେ ପୁଣି ଆଜରାସ୍ତାକୁ ଓହ୍ଲାଇବାକୁ ସୁଲତାନାଙ୍କ ପରିବାର ପକ୍ଷରୁ ଜେତାବନୀ ଦିଆଯାଇଛି ।

# ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବୈଠକ ଓ ପି ଆଇ ପି ଆବଂଟନ ବୈଠକ

ଝାରସୁଗୁଡ଼ା,୩୦/୭ (ନି.ପ୍ର): ଆଜି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବୈଠକରେ ଜିଲ୍ଲାପାଳ ସରୋଜ କୁମାର ସାମଲ ଅଧ୍ୟକ୍ଷତା କରି ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଆଲୋଚନା କରିବା ସହ ସ୍ୱାସ୍ଥ୍ୟସେବା କୁ ଅଧିକ ଲୋକାଭିମୁଖୀ କରିବା ସହ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅନୁଷ୍ଠିତ ଭର୍ଚୁଆଲ ବୈଠକରେ ଜିଲ୍ଲାପାଳ ଶ୍ରୀ ସାମଲ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନରେ ଅଲଟ୍ରାସାଉଣ୍ଡ ପରୀକ୍ଷଣକୁ ବ୍ୟାପକ କରିବା ପାଇଁ ତଥା ସମସ୍ତ ଗର୍ଭବତୀ ମହିଳାଙ୍କୁ ଉପଲବ୍ଧ କରାଇବା ପାଇଁ ଘରୋଇ ହସ୍ପିଟାଲରେ ଏକ ନିର୍ଦ୍ଦିଷ୍ଟ ଦିବସରେ ମାଗଣା ଅଲଟ୍ରାସାଉଣ୍ଡ କରିବା ସକାଶେ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଆବଶ୍ୟକ ସ୍ଥଳେ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକର ନବୀକରଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅଗ୍ରାଧିକାର ଭିତ୍ତିରେ ସ୍ୱାସ୍ଥ୍ୟ ସେବା ସମ୍ବନ୍ଧୀୟ କାର୍ଯ୍ୟ ଶେଷ କରିବା ପାଇଁ ଶୀଘ୍ର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ଓ କାର୍ଯ୍ୟରମ୍ଭ ପାଇଁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ଦିଗରେ ସମସ୍ତେ ଆନ୍ତରିକତାର ସହ କାର୍ଯ୍ୟ କରିବା କରିବାକୁ ପରାମର୍ଶ ଦେଇ କାୟାକଳ୍ପ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ କରିବା ଓ ନ୍ୟାସନାଲ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡର୍ଡ ମାର୍ଗଦର୍ଶିକା ଅନୁଯାୟୀ ଯଥୋଚିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାକୁ ମ୍ୟାଲେରିଆ ମୁକ୍ତ କରିବା ପାଇଁ ଜିଲ୍ଲାର ସମସ୍ତ ଅଂଚଳରେ ମ୍ୟାଲେରିଆର ସଠିକ୍ ତଥ୍ୟ ଆକଳନ କରିବା ପାଇଁ ଜିଲ୍ଲାରେ ମ୍ୟାଲେରିଆ ଓ ମଶାବାହିତ ରୋଗର ଅନୁଧ୍ୟାନ କରିବା, ଏଂଟୋମୋଲୋଜିକାଲ୍ ସର୍ଭେ, ଆନ୍ତଃ ରାଜ୍ୟ ସୀମାନ୍ତ ଅଂଚଳରେ ମ୍ୟାଲେରିଆ ରୋଗର ନିୟନ୍ତ୍ରଣ, ହାଇଡ୍ରୋସିଲ ଅପରେସନ ପାଇଁ ସମସ୍ତ ହସ୍ପିଟାଲକୁ ଦାୟିତ୍ୱ ପ୍ରଦାନ ଓ ସରକାରୀ ତଥା ବେସରକାରୀ କ୍ଷେତ୍ରରେ କାର୍ଯ୍ୟରତ ଟେକ୍ନିସିଆନମାନଙ୍କୁ ପ୍ରଶିକ୍ଷଣ ସମ୍ପର୍କରେ ବୈଠକରେ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟ ବୈଠକ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବୈଠକ ରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁପ୍ରଭା ବାରିକ, ଡାକ୍ତର ଡୋଲାମଣି ପଟେଲ, ଡାକ୍ତର ରବୀନ୍ଦ୍ରନାଥ ମାଝୀ, ଡି ପି ଏମ ବୁଲୁନାଥ ସାହୁ, ଡିଷ୍ଟ୍ରିକ୍ଟ ଆକାଉଂଟସ ମ୍ୟାନେଜର ଧୀରେନ୍ଦ୍ର ନନ୍ଦ, ଡି ଡି ଏମ ପ୍ରଶାନ୍ତ ଦାସ, ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ବିରାଟ ରାଜା ପଧାନ, ଡି ଏମ ସି ଏଚ ଦୀପ୍ତି ପ୍ରଧାନ, ଆଶା ମ୍ୟାନେଜର ନେତ୍ରାନନ୍ଦ ଜେନା, ଏ ପି ଏମ ଶୁଭକାନ୍ତ ପଣ୍ଡାଙ୍କ ସମେତ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଡି ପି ଏମ୍ ବୁଲୁନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର (ଚକ ବିଶିଷ୍ଟ ଚୌକି) ପ୍ରଦାନ

କୋରାଇ,୩୦/୭ (ନି.ପ୍ର): ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଦୁଇ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର (ଚକ ବିଶିଷ୍ଟ ଚୌକି) ପ୍ରଦାନ କରାଯାଇଛି । ପାଣିକୋଇଲି ଶାଖାର ଫାଇଜଲ ଖାନ ଓ ଚଣ୍ଡିଖୋଲ ଶାଖାର କଂଟିଗଡିଆର ବାଦଲ ଦେହୁରୀଙ୍କୁ ଚକ ବିଶିଷ୍ଟ ଚୌକି ଦଆଯାଇଛି । ଭାରତୀୟ ଷ୍ଟେଟବ୍ୟାଙ୍କର ଭୁବନେଶ୍ୱର ନେଟଓ୍ୱାର୍କ ମୁଖ୍ୟ ଅଭୟ କିଶୋର ପାଣ୍ଡେ ପ୍ରଥମ ଥର ପାଇଁ ଯାଜପୁର ଜିଲ୍ଲା ଗସ୍ତରେ ଆସି ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଶ୍ରୀ ପାଣ୍ଡେ ପାଣିକୋଇଲି, ଜାରକା, ଚଣ୍ଡିଖୋଲ, ବ୍ୟାସନଗର ପିବିବି, ଯାଜପୁରରୋଡ ଶାଖା ସହିତ ପରିଦର୍ଶନ କରିବା ସହ କେନ୍ଦ୍ରାପଡା ଓ ଯାଜପୁର ଜିଲ୍ଲାର ସମସ୍ତ ଶାଖା ପରିଚାଳକଙ୍କୁ ସମ୍ବୋଧିତ କରିଥିଲେ । ଗ୍ରାହକ ସେବାର ଉନ୍ନତି, ଶାଖା ପରିସରର ସ୍ୱଚ୍ଛତା, ଡିଜିଟାଲ ସେବାରେ ଉନ୍ନତି ଉପରେ ଗୁରୁତ୍ୱାରୋପ କରିବା ସହ ଜିଲ୍ଲାରେ ବ୍ୟବସାୟୀକ (ଏମଏଏସମଇ) ଋଣ ପ୍ରଦାନ ଓ କୃଷିଭିତିକ ଋଣ ପ୍ରଦାନ ପାଇଁ ମତାମତ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମଣ୍ଡଳ ମୁଖ୍ୟ କୁନ୍ଦନ ଜ୍ୟୋତି ଓ ଅଂଚଳ ମୁଖ୍ୟ ପ୍ରବୀର ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ । ପାଣିକୋଇଲି ଶାଖା ପରିଚାଳକ ନିହାର ରଂଜନ ଦାସଙ୍କୁ ଦିବ୍ୟାଙ୍ଗ ପରିବାର ପକ୍ଷରୁ କୃତଜ୍ଞତା ଜଣାଯାଇଛି ।

# ଓଡ଼ିଶା ଖାଦ୍ୟ କମିଶନର ଅଧ୍ୟକ୍ଷଙ୍କ ଖୋର୍ଦ୍ଧା ଗସ୍ତ

ଖୋର୍ଦ୍ଧା,୩୦/୭ (ନି.ପ୍ର): ଓଡ଼ିଶା ଖାଦ୍ୟ କମିଶନର ଅଧ୍ୟକ୍ଷ ପ୍ରମୋଦ କୁମାର ମେକାପ ଗୁରୁବାର ଖୋର୍ଦ୍ଧା ଗସ୍ତ କରି ସରକାରଙ୍କ ଖାଉଟି କଲ୍ୟାଣ ଯୋଜନା ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଖୋର୍ଦ୍ଧା ଉପକଣ୍ଠ ମଳିପଡ଼ା ପଂଚାୟତ କଁପୁରରେ ଥିବା ରିଟେଲ ସେଂଟର ପରିଦର୍ଶନ କରିଥିଲେ । ରିଟେଲ ସେଂଟରର ହିତାଧିକାରୀମାନେ ସୁବିଧାରେ ସାମଗ୍ରୀ ପାଉଛନ୍ତି କି ନାହିଁ ସେ ସମ୍ପର୍କରେ ଖାଉଟିଙ୍କ ନିକଟରୁ ସିଧାସଳଖ ପଚାରି ବୁଝିବା ସହ ସନ୍ତୋଷ କରିଥିଲେ । ଅଧ୍ୟକ୍ଷଙ୍କ ଗସ୍ତ ସମୟରେ ଖୋର୍ଦ୍ଧା ଜିଲ୍ଲା ଯୋଗାଣ ଅଧିକାରୀ ଉପସ୍ଥିତ ଥିଲେ । ପରେ ଜିଲ୍ଲାପାଳଙ୍କ ଖାଦ୍ୟ କମିଶନର ଅଧ୍ୟକ୍ଷ ଆଲୋଚନା କରିଥିଲେ । ସେହିପରି ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଓସଓ୍ୱାନ ହଲ୍ ପରିସରରେ ଜିଲ୍ଲାପାଳ ସନତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ମୋ ସ୍କୁଲ ସମୀକ୍ଷା ବୈଠକରେ ଯୋଗଦେଇ କମିଶନର ଅଧ୍ୟକ୍ଷ ସ୍କୁଲର ଉନ୍ନତି କରଣ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଯୋଗଦେଇ ଖୋର୍ଦ୍ଧାର ସର୍ବ ପୁରାତନ ବିଜେବି ଉଚ୍ଚ ବିଦ୍ୟାଳୟକୁ ସେଂଟର ଅଫ୍ ଏକସିଲେସନ(ଉତ୍କର୍ଷ କେନ୍ଦ୍ର) କରିବାକୁ କହିଥିଲେ । ଏହି ପୁରାତନ ବିଦ୍ୟାଳୟକୁ ଏକ ଉତ୍କର୍ଷ ବିଦ୍ୟାଳୟ କରିବା ପାଇଁ ଭିତିଭୂମି ଠିକ୍ କରିବା ସହ ଆନୁସଙ୍ଗିକ ଉନ୍ନତ କରିବା ପାଇଁ ଗୁରୁତ୍ୱ ଦେଇଛନ୍ତି । ଏହି ବିଦ୍ୟାଳୟରେ ଇ-ଲାଇବ୍ରେରୀ ଉନ୍ନତ ମାନର ଆଧୁନିକ ବିଦ୍ୟାନ ପରୀକ୍ଷାଗାର ଇଣ୍ଡୋର ଷ୍ଟାଡିୟମ ପାଇଁ ବିଧାୟକ କହିଥିଲେ । ଶିକ୍ଷାର ଉନ୍ନତି ସହ କ୍ରୀଡ଼ାର ବିକାଶ ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି । ଇଣ୍ଡୋର ଷ୍ଟାଡିୟମ ପାଇଁ ଦଶଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ବୋଲି ବୈଠକରେ ସୂଚନା ଦେଇଛନ୍ତି । ହାଇସ୍କୁଲ ରୂପାନ୍ତରଣ ଓ ମୋ ସ୍କୁଲ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ପ୍ରତିଭା ବିକାଶ କରିବା ଓ ଉତ୍ସାହିତ କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଜିଲ୍ଲାପାଳ ସନତ ମହାନ୍ତି କହିଥିଲେ । ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଉପ-ଜିଲ୍ଲାପାଳ ଆର୍. ଗୌରବ ଶିବାଜୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ବିଜେବି ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ସମେତ ବିଜେବି ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ପ୍ରଫେସର ନାରାୟଣ ରାଓ, ପ୍ରାଧାପକ ଗୋପାଳକୃଷ୍ଣ ଦାସ, ଦେବପ୍ରସାଦ ମଜୁମଦାର ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ଓ ଛାତ୍ରମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଆଲୋଚନା କରିଥିଲେ ।

# ହୀରାକୁଦକୁ ପଶ୍ଚିମ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରର ଗେଟ୍ -ୱେ ଭାବେ ବିକଶିତ କରାଯିବ : ଅସିତ୍ ତ୍ରିପାଠୀ

ସମ୍ବଲପୁର,୩୦/୭ (ନି.ପ୍ର): ହୀରାକୁଦକୁ ପଶ୍ଚିମ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରର ଗେଟ୍ -ୱେ (ପ୍ରବେଶ ପଥ) ଭାବେ ବିକଶିତ କରାଯିବ । ହୀରାକୁଦ ଜଳଭଣ୍ଡାରର ନୀଳ ଜଳରାଶିରେ ପର୍ଯ୍ୟଟନ ପାଇଁ ରହିଥିବା ସମସ୍ତ ସମ୍ଭାବନା ଓ ସୁଯୋଗର ସଦୁପଯୋଗ କରାଯିବ ବୋଲି ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ କହିଛନ୍ତି । ସମ୍ବଲପୁର ଗସ୍ତରେ ଆସି ଶ୍ରୀ ତ୍ରିପାଠୀ ଆଜି ହୀରାକୁଦ ସ୍ଥିତ ବୋଟିଂ କ୍ଲବ୍, ଦେବ୍ରିଗଡ଼ ଅଭୟାରଣ୍ୟ, ବାଦୁଡ଼ି ଦ୍ୱୀପ, ପଞ୍ଜୁରୀ ମାଛ ଚାଷ (କେଜ୍ କଲଚର), ଝାଙ୍କରାଣୀ ମନ୍ଦିର ଆଦି ସ୍ଥାନରେ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ । ଶ୍ରୀ ତ୍ରିପାଠୀ ସମ୍ବଲପୁରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଶେଷ କରି ୨ ବର୍ଷ ତଳେ ହୀରାକୁଦକୁ ବିଶ୍ୱସ୍ତରିୟ ପର୍ଯ୍ୟଟନ ସ୍ଥଳି ଭାବେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀ କରିଥିବା ଘୋଷଣା ଖୁବଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ସେ ସୂଚନା ଦେଇ ଏଥିପାଇଁ ୧୩୦ କୋଟି ଟଙ୍କାର ବ୍ୟବୟବରାଦ କରାଯାଇଛି ବୋଲି କହିଥିଲେ । ତେବେ ତାଙ୍କ ସମ୍ବଲପୁର ଗସ୍ତର ମୂଳଲକ୍ଷ୍ୟ ଜିଲ୍ଲାରେ ପର୍ଯ୍ୟଟନଭିତିକ ବିଭିନ୍ନ ପ୍ରକଳ୍ପ ପାଇଁ ସ୍ଥାନ ଓ ସ୍ଥିତି ସମୀକ୍ଷା କରିବା ବୋଲି ଶ୍ରୀ ତ୍ରିପାଠୀ କହିଥିଲେ ।


# 'ବଣ ଧୂଳିର ଫୁଲ' ର ୪ର୍ଥ ପ୍ରତିଷ୍ଠା ଦିବସ ପାଳନ

ନୀଳଗିରି,୩୦/୭ (ନି.ପ୍ର): ନୀଳଗିରି ବ୍ଲକ ମହିଷାପଟା ଗ୍ରାପର ଶାଳବଣୀରେ ଅବସ୍ଥିତ ଆଦିବାସୀ ସେବାରେ ସମର୍ପିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଣ ଧୂଳିର ଫୁଲର ୪ର୍ଥ ପ୍ରତିଷ୍ଠା ଦିବସ ପବିତ୍ର ଗୁରୁପୂର୍ଣ୍ଣମା ଅବସରରେ ଭର୍ଚୁଆଲ ଗୁଗୁଲ୍ ମିଳନରେ ପାଳିତ ହୋଇଯାଇଛି । ମହାମାରୀ କୋଭିଡ ନିୟମକୁ ସମ୍ମାନ ଜଣାଇ ଏହି ଦିବସକୁ ଗୁଗୁଲ ମାଧ୍ୟମରେ ଏକ ମିଟିଂ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ନୂଆଦିଲ୍ଲୀ ଗୁଞ୍ଜର ଓଡ଼ିଶା ପ୍ରଭାରୀ ସୁରେଶ କୁମାର ଯୋଗ ଦେଇ ଥିବା ବେଳେ ଟାଟା ଷ୍ଟିଲ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସାମାଜିକ କର୍ମୀ ନୀଳିମା ହେମ୍ବ୍ରମ ମୁଖ୍ୟ ବ୍ୟକ୍ତା ଭାବେ ଯୋଗ ଦେଇଥିଲେ । ସେହିପରି ଅନ୍ୟତମ ଅତିଥି ଭାବରେ ଆଦିରାଣୀ ପୁରସ୍କାର ପ୍ରଦାନ କରାଉଥିବା ଅଗ୍ରଣୀ ଆଦିବାସୀ ଉନ୍ନୟନରେ ଲିପ୍ତ ସାମାଜିକ କର୍ମୀ ଡ.ଚିଦମ୍ବିତା ଖଟୁଆ ଓ ମୋହାଲି ସ୍ଥିତ ଚିତକାରା ୟୁନିଭାର୍ସିଟିର ଚିତ୍ରକଳା ବିଭାଗର ଡିନ ଡ. ରଞ୍ଜନ କୁମାର ମଲ୍ଲିକ ଯୋଗ ଦେଇ ଥିଲେ । ଅନୁଷ୍ଠାନର ମୁଖ୍ୟ ବିଜୟ କୁମାର ଆଚାର୍ଯ୍ୟ ସଭାକୁ ସଂଚାଳନା କରି ଥିବା ବେଳେ ଶିଳ୍ପୀ କେଶୁଦାସ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଭାରତର ବିଶିଷ୍ଟ ଜନଜାତିର କଳା, ସଂସ୍କୃତି, ପରମ୍ପରା ପ୍ରସାରକ 'ମେ ଭି ଭାରତର' ମୁଖ୍ୟ ଶ୍ୟାମ ସୁନ୍ଦର ଜୀ ମଧ୍ୟ ଅଂଶ ଗ୍ରହଣ କରି ତାଙ୍କର ଶାଳବଣୀର ଅନୁଭବ ପ୍ରକାଶ କରିବା ସହିତ ଭାରତର ଜନଜାତିଙ୍କ ଉପରେ ତଥ୍ୟ ପ୍ରଦାନ କରିଥିଲେ । ବଣ ଧୂଳିର ଫୁଲର ଅନ୍ୟତମ ପ୍ରତିଷ୍ଠାତ୍ରୀ ଶାଳବଣୀର ଆଦିବାସୀ କନ୍ୟା ବାସନ୍ତୀ ସିଂ ପ୍ରାଗ ସୂଚନା ପ୍ରଦାନ କରିଥିବା ବେଳେ ଅନ୍ୟତମ କାର୍ଯ୍ୟକାରୀ ସଦସ୍ୟ ପ୍ରଣବ ସିଂ ଧନ୍ୟବାଦ ପ୍ରଦାନ କରିଥିଲେ । ଶେଷରେ ଶିଶୁଶିଳ୍ପୀ ଦେବାଂଶୀ ନୃତ୍ୟ ପରିବେଷଣ କରିଥିଲେ ।

# ସ୍ୱାତୀ ପକ୍ଷରୁ ବିଭିନ୍ନ ୪ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଅକ୍ସିଜେନ କନସେଣ୍ଟ୍ରେଟର ବଣ୍ଟନ

କନ୍ଧମାଳ,୩୦/୭ (ନି.ପ୍ର): କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ପାବୁରିଆପକ୍ଷରୁ ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ଅକ୍ସିଜେନ କନସେଣ୍ଟ୍ରେଟର ବଣ୍ଟନ କରାଯାଇଛି । ଅନୁଷ୍ଠାନର ସମ୍ପାଦକ ଇଂ.ହରିଶଙ୍କର ରାଉତଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ମାନଙ୍କ ଉପସ୍ଥିତିରେ ଜିଲ୍ଲାର ଘୁ.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ଟି, ଚକାପାଦ ବ୍ଲକ ବ୍ରାହ୍ମଣପାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଟିଏ, ଖଜୁରିପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଟିଏ ଲେଖାଏଁ ଅକ୍ସିଜେନ କନସେଣ୍ଟ୍ରେଟର ବଣ୍ଟନ କରାଯାଇଛି । ଏହାଦ୍ୱାରା ସ୍ୱାସ୍ଥ୍ୟ କେନ୍ଦ୍ରର ରୋଗୀ ମାନଙ୍କର ଅକ୍ସିଜେନ ଆବଶ୍ୟକ ବେଳେ ସେମାନଙ୍କ କାମରେ ଆସିବ ବୋଲି ଏହି ୪ଟି ସ୍ୱସ୍ଥ୍ୟ କେନ୍ଦ୍ରର ଦାୟୀତ୍ୱରେ ଥିବା ଡାକ୍ତର ମାନେ କହିଛନ୍ତି । ଏଥିପାଇଁ ସେମାନେ ସ୍ୱାତୀ ଅନୁଷ୍ଠାନର ସମ୍ପାଦକ ଇଂ.ହରିଶଙ୍କର ରାଉତଙ୍କୁ ସାଧୁବାଦ ଜଣାଇଛନ୍ତି । ଏହି ଅକ୍ସିଜେନ କନସେଣ୍ଟ୍ରେଟର ଗୁଡିକ ଯୋଗୁଁ ଗୁରୁତର କୋଭିଡ ସଂକ୍ରମିତ ମାନେ ଅଧିକ ଲାଭ ପାଇବେ ବୋଲି ସେମାନେ କହିଛନ୍ତି । ଏହି ଅବସରରେ ଅନୁଷ୍ଠାନର କର୍ମକର୍ତ୍ତା ମାନେ ମିଶି ଲୋକଙ୍କୁ ମାସ୍କ ଓ ସାନିଟାଇଜର ଏବଂ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ । ଅନୁଷ୍ଠାନର ଏତାଦୃଶ ସହାୟତା କାର୍ଯ୍ୟରେ ସ୍ୱାସ୍ଥ୍ୟ ବିଭାଗ ସମେତ ଅଂଚଳର ଜନସାଧାରଣ ସାଧୁବାଦ ଦେଇଛନ୍ତି ।

# ପିଲାଙ୍କୁ ଶୀଘ୍ର ଶୁଆନ୍ତୁ



**ସାଧାରଣତଃ କେତେକ ଛୋଟପିଲା ଦିନସାରା ଶୁଅନ୍ତି ଓ ରାତିସାରା ଚେଇଁ ରହିଥାନ୍ତି । ଏହା ସେମାନଙ୍କର ରୁଟିନ ପାଲଟିଯାଏ । ଅନ୍ୟପକ୍ଷରେ ସାରା ରାତି ଆରାମରେ ଶୋଇପଡ଼ିବା ଶିଶୁ ଖୁବ୍ କମ ଥାନ୍ତି। ଏଭଳି କ୍ଷେତ୍ରରେ ପିଲାଙ୍କୁ ଶୁଆଇବା ମା' ବାପାଙ୍କ ପାଇଁ ଏକ ପ୍ରକାର ଚାଲେଞ୍ଜ ହୋଇପଡ଼େ । ଏ ସମ୍ପର୍କିତ କିଛି ଟିପସ ଜାଣନ୍ତୁ...**

ଶିଶୁଙ୍କ ନିଜ ଖୁବ୍ ପତଳା ବା ହାଲକା ହୋଇଥାଏ । ଟିକିଏ ବି ଖୁଡ଼ଖାଡ଼ ହେଲେ ସେମାନେ ଉଠିପଡ଼ନ୍ତି ଓ ତାଙ୍କୁ ପୁଣିଥରେ ଶୁଆଇବା କଷ୍ଟକର ହୋଇପଡ଼େ । ଛୋଟ ଛୋଟ ପିଲାଏ ଶୋଇବାକୁ ନେଇ ସର୍ବଦା ଜିଦଖୋର ହୋଇଥାନ୍ତି । ନିଜ ଇଚ୍ଛାରେ ସେମାନେ ଶୁଅନ୍ତି ଓ ଉଠନ୍ତି । କିଛି ଶିଶୁ ତ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚେଇଁଥାଆନ୍ତି । ମାତ୍ର ଦିନସାରା ପରିଶ୍ରମ କରିଥିବା ମା ବାପା ଶୋଇପଡ଼ିବାକୁ ଚାହାନ୍ତି । କିନ୍ତୁ ଛୋଟ ପିଲାଏ ସେତେବେଳେ ଖେଳୁଥାନ୍ତି । ତେଣୁ ବାପା, ମା ଶୋଇପାରନ୍ତି ନାହିଁ । ଏଭଳି ପରିସ୍ଥିତିରେ ପିଲାଙ୍କୁ ଶୁଆଇବା କଷ୍ଟକର ହୋଇପଡ଼େ । ବିଶେଷକରି ଯେଉଁମାନେ ପ୍ରଥମ କରି ବାପା, ମା ହୋଇଥାନ୍ତି, ସେମାନଙ୍କ କ୍ଷେତ୍ରରେ ଏହା ଆହୁରି କଷ୍ଟକର ହୋଇଯାଏ । ଯଦି ଆପଣ ବି ନିଜ ପିଲାଙ୍କ ଏଭଳି ଅଭ୍ୟାସରେ ବ୍ୟସ୍ତ ବିବ୍ରତ ହେଉଛନ୍ତି । ତା ହେଲେ କିଛି ଉପାୟ ଆପଣାନ୍ତୁ, ଯଦ୍ୱାରା ଆପଣଙ୍କର ସମସ୍ୟା ରହିବ ନାହିଁ ।

**କିଛି ସମୟ ପିଲାଙ୍କୁ ଲାଗିକରି ଶୁଆନ୍ତୁ:-** ପିଲାଙ୍କୁ ଶୁଆଇବା ସମୟରେ ନିଜେ ମଧ୍ୟ ପିଲାଙ୍କୁ ଲାଗିକରି କିଛି ସମୟ ଶୁଅନ୍ତୁ । ଏହାଦ୍ୱାରା ପିଲାଟି ଅନୁଭବ କରିବ ଯେ, ଆପଣ ତା' ପାଖରେ ଅଛନ୍ତି । ଫଳରେ ସେ ନିଜକୁ ଏକୁଟିଆ ବା ଅସୁରକ୍ଷିତ ମଣିବ ନାହିଁ ଓ ଆରାମରେ ଶୋଇଯିବ । ପିଲାଟି ସମ୍ପୂର୍ଣ୍ଣ ନିଦରେ ଶୋଇପଡ଼ିଲା ବୋଲି ନିଶ୍ଚିତ ହେବା ପରେ ତା ପାଖରେ ତକିଆ ବା ବେଡସିଟ ରଖିଦେଇ ଆପଣ ଉଠିଯାଇ ପାରନ୍ତି । ଯଦି ଆପଣ ପିଲାଟିକୁ ଦୋଳିରେ ଝୁଲାଇ ଶୁଆଉଛନ୍ତି, ତେବେ ଧ୍ୟାନ ଦିଅନ୍ତୁ । ଯେମିତି ଦୋଳିରୁ କୌଣସି ପ୍ରକାର ଗନ୍ଧ ଆସୁନଥିବ । ତେଣିକି ସେ ସୁଗନ୍ଧ ହେଉ କି ଦୁର୍ଗନ୍ଧ; ଏହା ପିଲାଙ୍କ ଶୋଇବାରେ ବ୍ୟାଘାତ ସୃଷ୍ଟି କରେ । ପିଲାଙ୍କ ନିଦ ଅଧାରୁ ଭାଙ୍ଗିଯାଏ । ଅଧା ନିଦରୁ ଉଠିବା ଫଳରେ ସେ ଚିଡ଼ଚିଡ଼ା ହୋଇପାରେ ଓ ପୁଣି ଥରେ ଶୁଆଇବା କଷ୍ଟକର ହୋଇଯାଏ ।

**ଭଲରେ ଖୁଆନ୍ତୁ:-** ଡାକ୍ତରଙ୍କ କହିବାନୁସାରେ, ଶିଶୁ ଯଦି ଭୋକିଲା ଥାଏ ବା ତା'ର ପେଟ ପୂରି ନଥାଏ ତେବେ ଭଲରେ ଶୁଏ ନାହିଁ । ବେଳେବେଳେ ଅଧାନିଦରୁ ଉଠିପଡ଼େ । ଏଭଳି କ୍ଷେତ୍ରରେ ମା ମାନଙ୍କ କର୍ତ୍ତବ୍ୟ ହେଉଛି ସେମାନେ ପିଲାଟିକୁ ଭଲରେ ଖୁଆପିଆ କରନ୍ତୁ । ଏହା ସତ୍ତ୍ୱେ ପିଲାଟି ଯଦି ଅଧାନିଦରୁ ଉଠି କାନ୍ଦେ ତାକୁ ପୁଣି କ୍ଷୀର ପିଆଇ ଶୁଆଇବାକୁ ଚେଷ୍ଟା କରନ୍ତୁ।

**ମାଲିସ ନିଶ୍ଚୟ କରନ୍ତୁ:-** ଶିଶୁଙ୍କୁ ମାଲିସ କରିବାକୁ ଆଦୌ ଭୁଲନ୍ତୁ ନାହିଁ । ମାଲିସ ଦ୍ୱାରା ପିଲାଟିର ଶରୀର ଆରାମ ପାଏ । ଯଦି ପିଲାଟିକୁ ଗାଧୋଇବା ପରେ ପରେ ହିଁ ମାଲିସ କରିବେ, ତା' ହେଲେ ସେ ତୁରନ୍ତ ଶୋଇ ପଡ଼ିଥାଏ । ଗାଧୋଇବା ପରେ ବା ଯେତେବେଳେ ତାକୁ ଶୁଆଇବାକୁ ଯାଉଛନ୍ତି, ଖେଳନା ଦିଅନ୍ତୁ ନାହିଁ । ଏହା ଦ୍ୱାରା ପିଲାଟିର ମନ ଖେଳଣା ଆଡ଼କୁ ଆକର୍ଷିତ ହୁଏ ଏବଂ ସେ ଶୋଇବାକୁ ଇଚ୍ଛା କରିନଥାଏ ।


**ଘରର ମାହୋଲ ବଦଳାନ୍ତୁ:-** ପିଲାଟିକୁ ଶୁଆଇବା ପୂର୍ବରୁ ଘରର ମାହୋଲ ବଦଳାନ୍ତୁ। ଏଭଳି କରିବା ଦ୍ୱାରା ପିଲାଟିର ବି ମନେହେବ ଯେ, ବର୍ତ୍ତମାନ ଶୋଇବା ସମୟ ହୋଇଗଲା । ଡିମଲାଇଟ ଲଗାନ୍ତୁ । ଏହାଦ୍ୱାରା ପିଲାଙ୍କ ଆଖି ଚମକେ ନାହିଁ ଓ ସେ ଶାନ୍ତ ହୋଇଯାଏ । ବେଳେବେଳେ ଆପଣ ଲକ୍ଷ୍ୟ କରିଥିବେ, ଲାଇଟ ଲଗାଇବା ମାତ୍ରେ ପିଲାଟି ଉଠିପଡ଼େ । ତେଣୁ ପିଲାକୁ ଶୁଆଇବାବେଳେ ଘରର ଆଲୋକ ବ୍ୟବସ୍ଥା ପ୍ରତି ଯତ୍ନବାନ ହୁଅନ୍ତୁ । ଡିମ ଲାଇଟ ଲଗାଇବା ପରେ ପିଲାଟି ପାଖରେ ଶୋଇ ତାକୁ ଧୀରେଧୀରେ ଥାପୁଡ଼ାନ୍ତୁ । ପିଲାଙ୍କୁ ଶୁଆଇବାବେଳେ ଯଦି ଗୁଣୁଗୁଣୁ ହୋଇ କିଛି ଗୀତ ଗାଇବେ, ତାହା ସେମାନଙ୍କୁ ନିଦ ଆସିବାରେ ସହାୟତା କରିବ ।

**ସମୟ ସ୍ଥିର କରନ୍ତୁ:-** ପିଲାଙ୍କ ଶୋଇବା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ସ୍ଥିର କରନ୍ତୁ । ଏହି କାମ ଦିନକରେ ହେବ ନାହିଁ । ମାତ୍ର ଆପଣ ଧୀରେଧୀରେ ଏହାକୁ ଅଭ୍ୟାସରେ ପକାଇ ପାରିବେ । ଯଦି ଆପଣ ପିଲାଙ୍କ ଶୋଇବା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ସ୍ଥିର କରିବେ, ତା' ହେଲେ ସେହି ସମୟରେ ଶୋଇବା ସେମାନଙ୍କର ଅଭ୍ୟାସରେ ପଡ଼ିଯିବ। କିଛି ଦିନ ପରେ ସେ ସେହି ସମୟରେ ଖୁବ ସହଜରେ ଶୋଇ ପଡୁଥିବା ଆପଣ ଲକ୍ଷ୍ୟ କରିବେ । ଏହି ସବୁ ଉପାୟ ଆପଣାଇ ଆପଣ ପିଲାଙ୍କୁ ସହଜରେ ଶୁଆଇପାରିବେ ଓ ସେମାନଙ୍କର ଉଭୟ ମାନସିକ ଓ ଶାରୀରିକ ବିକାଶ କରାଇପାରିବେ।

**ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତ:-** ଅନେକ ସମୟରେ ପିଲାଟିର ଦେହ ଖରାପ ହୋଇଯାଏ। ଯେହେତୁ ସେ କହିପାରେ ନାହିଁ, ତେଣୁ ତାର କଣ ଅସୁବିଧା ହେଉଛି ସେ ବାବଦରେ ଆପଣ ମଧ୍ୟ ଜାଣିପାରନ୍ତି ନାହିଁ । ଅନେକଥର ପିଲାଙ୍କ ପେଟରେ ଏସିଡିଟି ହୋଇଯାଏ । ପିଲାଟି ଶୋଇନପାରି କାନ୍ଦେ। ଏହି କାରଣରୁ ପିଲାଟିକୁ କ୍ଷୀର ପିଆଇସାରିବା ପରେ ତାକୁ କିଛି ସମୟ ପାଇଁ କାନ୍ଧରେ ଶୁଆଇ ପିଠି ଥାପୁଡ଼ାନ୍ତୁ। ଏମିତି କରିବା ଫଳରେ ତାର ହାକୁଟି ଆସିଯିବ । ଓ ଶୋଇବାବେଳେ ଏସିଡିଟି ଭଳି ସମସ୍ୟା ରହିବ ନାହିଁ ।

# ଭିଟାମିନ - ଡି ସତର୍କତା

ନେଦରଲ୍ୟାଣ୍ଡର ଏକ ନାମକରା କମ୍ପାନୀରେ ଗତ ଅଢ଼େଇବର୍ଷ ମଧ୍ୟରେ ୯୭ଜଣ କର୍ମଚାରୀ ହୃଦଘାତର ଶିକାର ହୋଇଥିଲେ । କମ୍ପାନୀ ମୁଖ୍ୟ ଏହାକୁ ସହଜରେ ଗ୍ରହଣ କ ନକରି ତୁରନ୍ତ ବିଶେଷଜ୍ଞଙ୍କୁ ଡକାଇ ଗବେଷଣା କରିଥିଲେ । ବିଶେଷଜ୍ଞମାନେ ୧୧ମାସ ଭଲଭାବରେ ପରୀକ୍ଷା କରିବା ପରେ ତଥ୍ୟ ପ୍ରକାଶ କରିଥିଲେ ଯେ ଏହି କମ୍ପାନୀର ଅଧିକାଂଶ କମଚାରୀ ଭିଟାମିନ -ଡି ଅଭାବଜନିତ ରୋଗରେ ଆକ୍ରାନ୍ତ । ସେଥିପାଇଁ ସେମାନେ ହୃଦଘାତର ଶିକାର ହେଉଛନ୍ତି । କମ୍ପାନୀର କକ୍ଷଗୁଡ଼ିକ ଏଭଳି ଭାବେ ନିର୍ମିତ ଯେ କୌଣସି ସ୍ଥାନରେ ବିନ୍ଦୁଏ ମଧ୍ୟ ସୂର୍ଯ୍ୟକିରଣ ପ୍ରବେଶ କରିନଥାଏ । କର୍ମଚାରୀମାନେ ଶିତ ତାପନିୟନ୍ତ୍ରିତ କାରରେ ଆସିବା ସହ ଏହି କକ୍ଷରେ କାମ କରି ଘରକୁ ଫେରିଥାନ୍ତି । ଅଧିକ ପରିମାଣରେ ଭିଟାମିନ -ଡିର ଅଭାବ କାରଣରୁ କର୍ମଚାରୀମାନେ ହୃଦଘାତର ଶିକାର ହୋଇଥିବାର ବିଶେଷଜ୍ଞ ପ୍ରକାଶ କରିଥିଲେ । ଏହି ନାମକରା କମ୍ପାନୀ ଏବେ ନିଜ ନୂତନ କାର୍ଯ୍ୟାଳୟକୁ ଏଭଳି ଭାବେ ନିର୍ମାଣ କରିଛି ଯେ ଦିନମାନ ଏଠାରେ ସୂର୍ଯ୍ୟରଶ୍ମି ପଡ଼ିଥାଏ । ଏହା ସହ ପ୍ରତ୍ୟେକ କକ୍ଷକୁ ନିବୁଜ ନ କରି ସୂର୍ଯ୍ୟକିରଣ ପ୍ରବେଶ କଲାଭଳି ଆକାରରେ ନିର୍ମାଣ କରାଯାଇଛି ।




### ବିଶେଷଜ୍ଞଙ୍କ ମତରେ...

ଦୈନିକ ସକାଳ ୭ଟାରୁ୮ଟା ସମୟ ମଧ୍ୟରେ ସୂର୍ଯ୍ୟକିରଣ ସମ୍ମୁଖରେ ଯେ କୌଣସି କାର୍ଯ୍ୟକରିବା ଶରୀର ପାଇଁ ହିତକାରୀ । କିଛି ବର୍ଷ ପୂର୍ବେ ଭାରତରେ ହୃଦଘାତର ଶିକାର କେବଳ ଧନୀ ବର୍ଗର ଲୋକେ ହେଉଥିଲେ । କାରଣ ସେମାନଙ୍କ ବିଳାସମୟ ଜୀବନଯାପନ ସହ ଦିନ ରାତି ଶୀତତାପ ନିୟନ୍ତ୍ରିତ କକ୍ଷରେ ରହିବା ଓ ଖରାରେ ବାହାରକୁ ନ ଆସିବା ଅନ୍ୟତମ ମୁଖ୍ୟ କାରଣ ଥିଲା । ଆଜିକାଲି ଭାରତରେ ଜୀବନଶୈଳୀ ବଦଳୁଥିବାରୁ ସାଧାରଣ ବର୍ଗର ଲୋକେ ମଧ୍ୟ ଭିଟାମିନ -ଡି ଅଭାବଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହି ରୋଗରେ ଆକ୍ରାନ୍ତ ହେଲେ ହୃଦଘାତ ହେବାର ଆଶଙ୍କା ସର୍ବାଧିକ ।

# ଇୟରଫୋନ ସମ୍ପର୍କିତ ତଥ୍ୟ



**ଫୋନକୁ ଅଧିକ ସମୟ କାନରେ ଲଗାଇ ଧରିବା ଅପେକ୍ଷା ଗୋଟିଏ ସ୍ଥାନରେ ବସି ଆରାମରେ କାନରେ ଇୟରଫୋନ ଭର୍ତ୍ତି କରି କଥା ହେବା ଅଧିକ ସହଜ ବୋଲି ସଂଖ୍ୟାଧିକ ଲୋକଙ୍କ ମତ । ତେବେ ଇୟରଫୋନ ବ୍ୟବହାର କରୁଥିବା ଲେକେ ଏହାର ସତର୍କତା ସମ୍ପର୍କରେ ଜାଣି ରଖିବା ଉଚିତ ।**

- କୌଣସି ତରଳ ପଦାର୍ଥ ଇୟରପୋଡ଼ରେ ନ ଲାଗିବା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ । କାରଣ ଏପରି ଅବସ୍ଥାରେ ଏହାକୁ କାନରେ ଭର୍ତ୍ତି କଲେ କାନ ଖରାପ ହୋଇପାରେ ।
- ସପ୍ତାହକୁ ଅନ୍ତତଃ ଥରୁଟିଏ ଇୟରଫୋନ ପରିଷ୍କାର କରିବା ଉଚିତ ।
- ତୁଳା ସାହାଯ୍ୟାରେ ଏହାକୁ ସଫା କରିବା ଭଲ । ଏପରିକି ପୁରୁଣା ଦାନ୍ତଘଷା ବ୍ରଶରେ ମଧ୍ୟ ଇୟରଫୋନ ସଫା କରିହେବ ।
- ଏହାକୁ ସବୁବେଳେ ସଫା ସ୍ଥାନରେ ରଖିବା ସହ ଏକ ଛୋଟ ବାକ୍ସ କିମ୍ବା ପ୍ୟାକେଟରେ ରଖିବା ଉଚିତ ।
- ଅନ୍ୟ କାହାର ଇୟରଫୋନ ବ୍ୟବହାର ନ କରିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି । କାରଣ ଏହା ଦ୍ୱାରା ବିଭିନ୍ନ ପ୍ରକାର ସଂକ୍ରମଣ ବ୍ୟାପିବାର ଭୟ ରହିଛି ।

# ତିରୁଅନନ୍ତପୁରମର ମୁଖ୍ୟ ଆକର୍ଷଣ







କେରଳର ରାଜଧାନୀ ତିରୁଅନନ୍ତପୁରମକୁ ପ୍ରତି ବର୍ଷ ସଂଖ୍ୟାଧିକ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳେ । ସ୍ଥାନୀୟ ପର୍ବପର୍ବାଣି, ପ୍ରମୁଖ ପର୍ଯ୍ୟଟନ ସ୍ଥଳ ସହ ଏଠାକାର ସ୍ଥାନୀୟ ଖାଦ୍ୟ ହିଁ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ । ଭାରତର ପ୍ରମୁଖ ପ୍ରାନ୍ତ ସହ ବିଦେଶକୁ ମଧ୍ୟ ଲୋକେ କେବଳ ଏଥିପାଇଁ ଏଇ ଦକ୍ଷିଣ ଭାରତୀୟ ରାଇଜକୁ ଛୁଟି ଆସିଥାନ୍ତି ।

ବିଭିନ୍ନ ପର୍ଯ୍ୟଟକଙ୍କ ମତ ଅନୁସାରେ, କୋବଲମ ସମୁଦ୍ରକୂଳ ନିକଟସ୍ଥ ରେଷ୍ଟୋରାଁର 'ସି ଫୁଡ୍' ହିଁ ସେମାନଙ୍କୁ ଏଠାକୁ ଭ୍ରମଣ ପାଇଁ ଟାଣି ନେଇ ଆସେ । ସୁଆଦିଆ ଏଇ ଖାଦ୍ୟର ମୂଲ୍ୟ ମଧ୍ୟ ସେଭଳି କିଛି ବେଶୀ ନୁହେଁ । ଅନ୍ୟ ଏକ ଆକର୍ଷଣୀୟ ବ୍ୟଞ୍ଜନ ହେଲା 'ଇଡ୍ଡିପିୟମ୍ ୱିଦ୍ କରି' । ସ୍ଥାନୀୟ ରୋଷେଇୟାମାନେ ବିଭିନ୍ନ ପ୍ରକାର ମସଲା ଦେଇ ଏଇ ବ୍ୟଞ୍ଜନ ପ୍ରସ୍ତୁତ କରନ୍ତି । ରାସ୍ତା କଡ଼ ଠେଲା ଠାରୁ ପଞ୍ଚତାରକା ହୋଟେଲ, ସେଠାରେ ସମସ୍ତ ସ୍ଥାନରେ ଏଇ ବ୍ୟଞ୍ଜନର ଚାହିଦା ରହିଛି ।

ବିଭିନ୍ନ ଲୋକପ୍ରିୟ ବ୍ୟଞ୍ଜନ ମଧ୍ୟରୁ ପୁଟ୍ଟୁ-କାଦଲା କରି, ଚାଉଳ ଓ କଦଳୀ ମିଶ୍ରିତ ବ୍ୟଞ୍ଜନଟି ଖୁବ୍ ସୁଆଦିଆ ଲାଗିଥାଏ । ବିଦେଶୀ ପର୍ଯ୍ୟଟକମାନେ ସେଠାକାର ଚୁଙ୍ଗୁଡ଼ି ତର୍କାରି ସହ ଦକ୍ଷିଣ ଭାରତୀୟ ଆମିଷ ବ୍ୟଞ୍ଜନ ଖାଇବାକୁ ଖୁବ୍ ପସନ୍ଦ କରନ୍ତି ।

କେରଳରେ ମାଛକୁ ସୋରିଷ ଓ ଜିରା ଦେଇ ନଡ଼ିଆ ତେଲରେ ଭଜାଯାଏ । ଏହା ମଧ୍ୟ ପର୍ଯ୍ୟଟକଙ୍କର ଅନ୍ୟତମ ଆକର୍ଷଣ ବୋଲି ଜଣାପଡ଼ିଛି । ସେଠାକାର ବିଭିନ୍ନ ଦର୍ଶନୀୟ ସ୍ଥାନ ସେମାନେ ଭ୍ରମଣ କରିବା ସହ ଲୋକପ୍ରିୟ ବ୍ୟଞ୍ଜନର ମଧ୍ୟ ମଜା ଉଠାଇଥାନ୍ତି ।





# ପ୍ଲାଷ୍ଟିକମୁକ୍ତ ହେବ ଘର

ପରିବେଶ ପ୍ରଦୂଷଣରେ ଏବେ ପ୍ରମୁଖ ଭୂମିକା ଗ୍ରହଣ କରିଛି ପ୍ଲାଷ୍ଟିକ । ଏହା ନଷ୍ଟ କରିବାକୁ ଚାହିଁଲେ ବି ମାଟିରେ ସହଜରେ ମିଶେନାହିଁ ଏବଂ ପୋଡ଼ିଲେ ଅତି ବିଷାକ୍ତ ଗ୍ୟାସ୍ ସୃଷ୍ଟି ହୁଏ । ତେଣୁ ପରିବେଶକୁ ପ୍ଲାଷ୍ଟିକମୁକ୍ତ କରିବାର ପ୍ରୟାସ ଚାଲିଛି । ନିଜେ ଇଚ୍ଛା କଲେ, କେତୋଟି ଛୋଟ ଛୋଟ କଥା ପ୍ରତି ଦୃଷ୍ଟି ଦେଇ ଘରକୁ ମଧ୍ୟ ବହୁ ପରିମାଣରେ ପ୍ଲାଷ୍ଟିକମୁକ୍ତ ରଖିପାରିବେ ।



ଘରେ ପାଣି ପିବା ଲାଗି ପ୍ଲାଷ୍ଟିକ ବୋତଲ ବ୍ୟବହାର କରୁଥିଲେ ଏହା ବଦଳରେ ଷ୍ଟିଲ କିମ୍ବା କାଚ ବୋତଲ ବ୍ୟବହାର କରିପାରିବେ । ବଜାରରେ ଏପରି ବହୁ ସୁନ୍ଦର ବୋତଲ ମିଳୁଛି ।

ସାଧାରଣତଃ ଘରୁ ଆବର୍ଜନା ଫିଙ୍ଗିବା ଲାଗି ପ୍ଲାଷ୍ଟିକ ବ୍ୟାଗ୍ ବ୍ୟବହାର କରିଥାଉ । ଏହା ବଦଳରେ ଶୀଘ୍ର ନଷ୍ଟ ହୋଇପାରୁଥିବା ବାୟୋ ଡିଗ୍ରେଡେବ୍‌ଲ ଗାର୍ବେଜ ବ୍ୟାଗ୍ ଆଣନ୍ତୁ । ଏହା ସହଜରେ ବଜାରରେ ମିଳିପାରୁଛି ଏବଂ ମୂଲ୍ୟ ମଧ୍ୟ ଖୁବ୍ କମ୍ ।



ରୋଷେଇଘରେ ଖାଇବା ଘୋଡ଼ାଇବା ପାଇଁ ଫାଇଲ ର୍‌ୟାପ୍ ଭଲ ବିକଳ୍ପ ହେବ । ଏହାର ପ୍ରାକୃତିକ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ଖାଦ୍ୟକୁ ପ୍ଲାଷ୍ଟିକ ତୁଳନାରେ ଅଧିକ ସୁରକ୍ଷିତ ଏବଂ ସତେଜ ରଖେ ।

ସକାଳୁ ଦାନ୍ତ ଘଷିବା ବେଳଠାରୁ ପ୍ଲାଷ୍ଟିକ ଆରମ୍ଭ ହୁଏ । ଦାନ୍ତଘଷା ବ୍ରସ୍ ବ୍ୟବହାର ଅନୁପଯୋଗୀ ହୋଇ ପିଙ୍ଗାଯିବା ପରେ ନଷ୍ଟ ହେବାକୁ ଚାରିଶହ ବର୍ଷ ଲାଗିଯାଏ । ଏହା ବଦଳରେ ଏବେ ମିଳୁଥିବା ବାଉଁଶରେ ତିଆରି ବ୍ରସ୍ ବ୍ୟବହାର କରିପାରିବେ ।

ଘର ସୁଗନ୍ଧିତ ରଖିବା ଲାଗି ଏୟାର ପ୍ୟୁରିଫାୟର ପରିବର୍ତ୍ତେ ଧୂପକାଠି ବ୍ୟବହାର କରିପାରିବେ । ଏହା ଅଧିକ ପରିବେଶ ଅନୁକୂଳ ଏବଂ ଶସ୍ତା ମଧ୍ୟ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୩୧ ଜୁଲାଇ ୨୦୨୧, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭବିଷ୍ୟତ ପାଇଁ ଚିନ୍ତା...

ସାରା ବିଶ୍ୱରେ ପ୍ରତିବର୍ଷ ଆନ୍ତର୍ଜାତିକ ମାନବଚାଲାଣ ନିରୋଧି ଦିବସ ପାଳନ କରିଆସୁଛନ୍ତି ଏବଂ ମିଳିତ ଜାତିସଂଘର ସମସ୍ତ ସଦସ୍ୟ ରାଷ୍ଟ୍ର ଏଥିପ୍ରତି ପୂର୍ଣ୍ଣ ପ୍ରତିବଦ୍ଧତା ପ୍ରକଟ କରିଛନ୍ତି । ଏହା ସତ୍ତ୍ୱେ ଏକଥା ନିରାଟ ସତ୍ୟ ଯେ ଫି'ବର୍ଷ ଊଣାଅଧିକେ ବିଶ୍ୱର ପ୍ରାୟ ସମସ୍ତ ରାଷ୍ଟ୍ରରୁ ହଜାର ହଜାର ସଂଖ୍ୟକ ଲୋକ ନିଖୋଜ ହେଉଛନ୍ତି । ସେମାନଙ୍କ ମଧ୍ୟରୁ ସବଠାରୁ ଅଧିକ ହେଉଛନ୍ତି ଶିଶୁ ଓ ମହିଳା । ଭାରତ ସମେତ କୌଣସି ରାଷ୍ଟ୍ର ଏଭଳି ଘଟଣାରୁ ମୁକ୍ତ ନୁହେଁ । ଯେକୌଣସି ସଭ୍ୟ ଦେଶରେ ନାଗରିକର ସୁରକ୍ଷା ଦାୟିତ୍ୱ ରାଷ୍ଟ୍ର ଉପରେ ନ୍ୟସ୍ତ । ଏଥିପାଇଁ ପ୍ରତି ଦେଶର ସମ୍ବିଧାନ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଆଇନରେ ବ୍ୟାପକ ପ୍ରାବଧାନ ରହିଛି । କିନ୍ତୁ ବାସ୍ତବତା ତାହାଠାରୁ ଭିନ୍ନ । ଏହା ପଛରେ ଅନେକ ସାମାଜିକ ଓ ଆର୍ଥିକ କାରଣ ରହିଛି । ତେବେ ଏହାକୁ ରୋକିବା ସକାଶେ ଭାରତ ସରକାର ଏବେ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛନ୍ତି । ଚଳିତ ମୌସୁମୀ ଅଧିବେସନରେ ସରକାର ମାନବଚାଲାଣ ନିରୋଧି (ସୁରକ୍ଷା, ଯତ୍ନ ଓ ପୁନଃଥଇଥାନ) ବିଲ୍, ୨୦୨୧ ଉପସ୍ଥାପନ ପାଇଁ ଅଣ୍ଟା ଭିଡ଼ିଛନ୍ତି । ଏହି ବିଲ୍‌ଟି ଉପରେ ଅନେକ ତର୍ଜମା ଓ ଆଲୋଚନା ପରେ ଏଥିରେ ବ୍ୟାପକ ସଂଶୋଧନ କରାଯାଇଛି । ତେଣୁ ସଂସଦରେ ଉପସ୍ଥାପିତ ହେଲେ ଏହା ଚଳିତ ଅଧିବେଶନ କାଳରେ ହିଁ ପାରିତ ହେବାର ଆଶା କରାଯାଇପାରେ । କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏହି ଦାୟିତ୍ୱ ନିଜ ମୁଣ୍ଡକୁ ନେଇଛନ୍ତି । ଯେତେବେଳେ ଏଭଳି ଏକ ଆଇନ ପ୍ରବର୍ତ୍ତନ ସକାଶେ ଦେଶବ୍ୟାପୀ ଚିନ୍ତାଶୀଳ ନାଗରିକ, ସିଭିଲ ସୋସାଇଟି ସଂଗଠନ ତଥା ଅନ୍ୟାନ୍ୟ ମହଲରୁ ସରକାରଙ୍କ ନିକଟରେ ଦୀର୍ଘ ଦିନ ହେବ ଦାବି ହୋଇଆସୁଛି ସରକାର ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ଏକାନ୍ତ ଜରୁରି । ଯେହେତୁ ସକଳ ପ୍ରକାର ଆଇନ ଓ ନାଗରିକଙ୍କ ସଚେତନତା ସତ୍ତ୍ୱେ ଦେଶରେ ମାନବ ଚାଲାଣର ମାତ୍ରା ବୃଦ୍ଧି ପାଇଚାଲିଛି ଏବଂ ଦେଶର ବିଭିନ୍ନ ଭାଗରୁ ଶିଶୁଙ୍କଠାରୁ ଆରମ୍ଭ କରି କିଶୋର କିଶୋରୀ ଏବଂ ମହିଳା ତଥା ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଲୋକମାନଙ୍କୁ ଚାଲାଣ କରାଯାଉଛି ଏବଂ ସେମାନଙ୍କୁ ନାନା ପ୍ରକାର ଶୋଷଣ କରାଯିବା ସହ ଅପରାଧିକ କାର୍ଯ୍ୟରେ ଲିପ୍ତ କରାଇବା ଏବଂ ଶେଷରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ନିପତ୍ତା ହୋଇଯିବା ଯେତିକି ଲଜ୍ଜାକର ଘଟଣା ସେତିକି ବିସ୍ମୟକର । କେବଳ ଭାରତ ନୁହେଁ, ଆମେରିକା ଠାରୁ ଆରମ୍ଭ କରି ଅନେକ ୟୁରୋପୀୟ ରାଷ୍ଟ୍ର ସୁଦ୍ଧା ଏଥିରୁ ମୁକ୍ତ ନୁହନ୍ତି । ଆଫ୍ରିକୀୟ ରାଷ୍ଟ୍ର, ଲାଟିନ ଆମେରିକୀୟ କ୍ଷେତ୍ର ଏବଂ ମଧ୍ୟପ୍ରାଚ୍ୟ ସମେତ ଏସୀୟ ରାଷ୍ଟ୍ରମାନଙ୍କରେ ଏହାର ମାତ୍ରା ଯେମିତି ଅଧିକ ଏଭଳି ଚାଲାଣର ଶିକାର ହୋଇଥିବା ଲୋକମାନଙ୍କ ଅବସ୍ଥା ସେତିକି ଦୟନୀୟ । ଏହାକୁ ସଂପୂର୍ଣ୍ଣ ରୂପେ ରୋକାଯିବାର ଆବଶ୍ୟକତା ଥିଲେ ସୁଦ୍ଧା ଆଇନର କୋହଳ ବ୍ୟବସ୍ଥା ଏବଂ ପ୍ରବର୍ତ୍ତନ ଏଜେନ୍ସିମାନଙ୍କ ହେୟଜ୍ଞାନ ହିଁ ଏହି ଦୁରାରୋଗକୁ ଦିନକୁ ଦିନ ବଢ଼ାଇ ଚାଲିଛି ସିନା ସେଥିରୁ ନିସ୍ତାର ପାଇବା ଭଳି ପଥ ଦୃଶ୍ୟ ହୁଏନାହିଁ । ଏପରିକି ମାନବ ଚାଲାଣର ଅଦୃଶ୍ୟ ଜାଲ ସାରା ବିଶ୍ୱରେ ଏପରି ଭାବେ ଲମ୍ବିଛି ଯେ ସେ ସଂପର୍କରେ ସମୟାନ୍ତରେ ବେଶ୍ ଚାଞ୍ଚଲ୍ୟକର ଖବରମାନ ପ୍ରକାଶ ପାଇଥାଏ । ପୁଣି ସେଥିରୁ ଉଦ୍ଧାର ପାଇଥିବା ପୀଡ଼ିତମାନେ ଯେଉଁ ଚାଞ୍ଚଲ୍ୟକର ତଥ୍ୟ ଦିଅନ୍ତି ତାହାମନରେ ଭୟ ଉଦ୍ରେକ କରେ । ତେଣୁ ୨୦୧୩ ମସିହାଠାରୁ ପ୍ରତିବର୍ଷ ଜୁଲାଇ ୩୦ ତାରିଖକୁ ଆନ୍ତର୍ଜାତିକ ମାନବଚାଲାଣ ନିରୋଧ ଦିବସ ପାଳନ କରାଯାଇଆସୁଛି । ପ୍ରତିବର୍ଷ ଏଥିପାଇଁ ଗୋଟିଏ ଗୋଟିଏ ନୂଆ ନୂଆ ଶୀର୍ଷକ ରଖାଯାଉଛି ଯାହା ଉପରେ ଜାତିସଂଘର ବିଭିନ୍ନ ଏଜେନ୍ସି ତଥା ସଦସ୍ୟ ରାଷ୍ଟ୍ରମାନେ କାର୍ଯ୍ୟ କରୁଛନ୍ତି । ଏହା ସ୍ମରଣ ରଖିବାକୁ ହେବ ଯେ ସାରା ବିଶ୍ୱରୁ ମାନବ ଚାଲାଣ ସଂପୂର୍ଣ୍ଣ ରୂପେ ବନ୍ଦ ନହେବା ପର୍ଯ୍ୟନ୍ତ ମାନବିକ ଅଧିକାରର ପୂର୍ଣ୍ଣ ସୁରକ୍ଷା ହୋଇପାରିବ ନାହିଁ । ଏଥିପାଇଁ କେବଳ ଆଇନ ପ୍ରଣୟନ ନୁହେଁ, ଏହାକୁ କଡ଼ାକଡ଼ି ଭାବେ ପ୍ରବର୍ତ୍ତନ ଏବଂ ମାନବଚାଲାଣକାରୀଙ୍କପ୍ରତି କଠୋର ଶାସ୍ତିବିଧାନ ମଧ୍ୟ ଜରୁରି ମନେହୁଏ । କେବଳ ସରକାର ନୁହଁନ୍ତି ଏକ ସଚେତନ ସମାଜ ହିଁ ଆଇନର ଛତ୍ରଛାୟା ତଳେ ଏ ଦିଗରେ ସଜାଗ ପ୍ରହରୀ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ।

## ଧର୍ମ ରକ୍ଷତି ରକ୍ଷିତଃ



ଅନିତା ପଟ୍ଟନାୟକ

+ ଅବସର ପ୍ରାପ୍ତ ପ୍ରଧାପିକା ସଂସ୍କୃତ ବିଭାଗ, ରଘୁନାଥଜୀଉ ମହାବିଦ୍ୟାଳୟ, ଗଣିଆ, ଦୂରଭାଷ
ମୋ: ୯୮୬୧୧୧୮୬୭୩

କୃଷ୍ଣ, ବଳରାମ ଓ ଭଦ୍ରା ଭାଇ ଭଉଣୀମାନେ ନିଜ ନିଜ ମଧ୍ୟରେ ଗୋଳମାଳ କରି ମୁହଁ ଫୁଲାଇ ବୋଉ ସୁନୀତିଙ୍କ ପାଖରେ ପହଞ୍ଚିଲେ। ସମସ୍ତଙ୍କର ଅଭିଯୋଗ ବାପା ଅଭିରାମ ଓ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ବାପା କହିଥିଲେ ବୋଉକୁ ଧରି ଶଙ୍ଖକ୍ଷେତ୍ରକୁ ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ନେଇ ଯିବେ। ସେଥିପାଇଁ ସାତ ଦିନ ଆଗରୁ ଅଭିରାମ ପିଲାଙ୍କ ଦ୍ୱାରା ଗାଡ଼ି ସଫା କରାଇଥିଲେ ଓ ବୋଉ ସୁନୀତିଙ୍କୁ ସମସ୍ତ ଘର କାମରେ ସାହାଯ୍ୟ ପାଇଁ କହିଥିଲେ। ବାପା କହୁଛନ୍ତି, ତାଙ୍କର କିଛି ଦୋଷ ନାହିଁ, ରଥଯାତ୍ରା ଦେଖିହେବନାହିଁ, ମୁଖ୍ୟମନ୍ତ୍ରୀ ସବୁ ବିଗାଡ଼ି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏଥର ସାଧାରଣ ଦର୍ଶନ ସମସ୍ତଙ୍କୁ ମନା। ଏପରିକି ଛାତ ଉପରେ ପୁରୀବାସୀ ଦର୍ଶନ କରିପାରିବେ ନାହିଁ। ରଥକୁ ତାଙ୍କର ସେବକମାନେ ଟାଣିବେ ଓ ବଡ଼ଦାଣ୍ଡ ଖାଲି ରହିବ।

ପିଲାମାନେ ବୋଉଙ୍କୁ ପଚାରିଲେ ବୋଉ ମୁଖ୍ୟମନ୍ତ୍ରୀ ବୋଧ ହୁଏ ଧର୍ମ କ'ଣ ଜାଣି ନାହାଁନ୍ତି। ରଥଯାତ୍ରା ଆମେ ଯାଇପାରିଲୁନି ଧର୍ମ କରିପାରିଲୁନି, ହେଲେ କହିଲୁ ଧର୍ମ କ'ଣ? ବୋଉ ପିଲାମାନଙ୍କୁ ବୁଝାଇ କହିଲେ 'ଆମର ସମସ୍ତ କର୍ମ ଯାହା ଅନ୍ୟ ପାଇଁ ବାଧା ସୃଷ୍ଟି କରେନାହିଁ ଓ ଅନ୍ୟର ସ୍ୱାଧୀନତାରେ ବାଧା ଦିଏ ନାହିଁ ତାହା ହିଁ ଧର୍ମ।' ଏପରି ଭାବରେ ଚଳିଲେ ଶାନ୍ତି, ଉନ୍ନତି ଓ ଆନନ୍ଦ ଆମ ରାଜ୍ୟରେ ରହିବ। ଯିଏ ଧର୍ମକୁ ରକ୍ଷା କରେ ଧର୍ମ ତାକୁ ରକ୍ଷା କରେ। ଏ ମହାମାରୀ ସମୟରେ, ଯଦି ରଥଯାତ୍ରାକୁ ସମସ୍ତେ ଯାଇଥାନ୍ତେ ତେବେ ସମସ୍ତଙ୍କୁ ମହାମାରୀ ହୋଇଥାନ୍ତା। ତେଣୁ ମୁଖ୍ୟମନ୍ତ୍ରୀ ଧର୍ମକୁ ରକ୍ଷା କରିଛନ୍ତି, ଦେଖିବ ଧର୍ମ ତାଙ୍କୁ ନିଶ୍ଚୟ ରକ୍ଷା କରିବ। ଭଦ୍ରାର ଏତେ ବଡ଼ ବଡ଼ କଥା ମୁଣ୍ଡରେ ପଶିଲା ନାହିଁ। ସେ କହିଲା ଆମ ସାର୍ କହୁଥିଲେ ନିଆଁର ଧର୍ମ ଜଳିବା, ବରଫର ଧର୍ମ ଥଣ୍ଡା, ଫୁଲର ଧର୍ମ ସୁବାସ ଦେବା। ବଳରାମ କହିଲା ଆମ ସାର କହିଛନ୍ତି ଚିନିର ଧର୍ମ ମିଠା। କୃଷ୍ଣ କହିଲା ଆମ ସାର କହିଛନ୍ତି ମନୁଷ୍ୟର ଧର୍ମ ସତ୍ୟକୁ ଅନୁସରଣ କରିବା ଓ ସତ୍ୟ କୁଆଡ଼େ ଧର୍ମର ମୂଳଦୁଆ। ଭଦ୍ରା କହିଲା ବୋଉ ତୁ ତ କହୁଥିଲୁ ଗୁଣ୍ଡିଚା ମନ୍ଦିରରେ ତିନି ଠାକୁରଙ୍କ ଜନ୍ମ ହୋଇଥିଲେ। ଏଟା ତାଙ୍କ ଏନ୍ତୁଡିଶାଳ। ରତ୍ନ ବେଦୀରୁ ଠାକୁରମାନେ ଜନ୍ମବେଦୀକୁ ଯାଆନ୍ତି କାରଣ ସେଠାରେ ସେମାନେ ଗୁଣ୍ଡିଚାଙ୍କ ପାଖରେ ଗେହ୍ଲା ହେବାକୁ ଯାଆନ୍ତି। ବଳରାମ କହିଲା ବୋଉ ଧର୍ମର କ'ଣ ରଙ୍ଗ ଅଛି? ବୋଉ କହିଲେ ହଁ ଧର୍ମରେ ସାତଟି ରଙ୍ଗ। ଯଥା ସତ୍ୟ, ଉତ୍ତମ ଚରିତ୍ର, ସତ୍‌କର୍ମ, ଇନ୍ଦ୍ରିୟ ସଂଯମ, ଆଚରଣରେ କଠୋର ନିୟମ, ତ୍ୟାଗ, ଅହିଂସା। ସମାଜର ଉନ୍ନତି ପାଇଁ ଏହାକୁ ନିଶ୍ୱାସ ରୂପେ ପାଳନ କରିବା ଦରକାର। ବୋଧହୁଏ ଆମ ମୁଖ୍ୟମନ୍ତ୍ରୀ ଜଗନ୍ନାଥଙ୍କଠୁ ଏ ନିର୍ଦ୍ଦେଶ ପାଇ ସମାଜର ଉନ୍ନତି ପାଇଁ ଓ ଆମ ମାନଙ୍କୁ ମହାମାରୀରୁ ବଞ୍ଚାଇବା ପାଇଁ ଏ କଠୋର ନିୟମ କରିଛନ୍ତି। କୃଷ୍ଣ କହିଲା ଓଡ଼ିଶା କ'ଣ ସାରା ଦେଶବିଦେଶରୁ ଲୋକମାନେ ରଥଯାତ୍ରା ଦେଖିବାକୁ ଆସନ୍ତି ଏହାକୁ ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀଙ୍କର ସାହାସ ହେଲା କେମିତି? ବୋଉ କୃଷ୍ଣର ମୁଣ୍ଡକୁ ଆଉଁସି କହିଲେ ସତ୍ୟ ଧର୍ମର ମୂଳଦୁଆ ଅଟେ ଓ ଯେ ସତ୍ୟ ପାଳନ କରେ ସେ ନିର୍ଭିକ ଓ ନିର୍ଭୟ ହୁଏ। ଭଦ୍ରା କହିଲା ହଁ କାଲି ସାର ହରିଶ୍ଚନ୍ଦ୍ରଙ୍କ ଗପ କହୁଥିଲେ ଓ କହିଲେ ଓ ନିର୍ଭୟରେ ଶ୍ମଶାନରେ ଶୋଉଥିଲେ ବୋଉ କହିଲେ ଆମ ମୁଖ୍ୟମନ୍ତ୍ରୀ ଭଲ ଚରିତ୍ର ବିନା ମନୁଷ୍ୟ ପଥର ସଦୃଶ ଓ ସେଥିପାଇଁ ସେ ନିର୍ଭିକ ଭାବରେ ଏପରି ବଡ଼ ପଦକ୍ଷେପ ନେଇ ପାରିଛନ୍ତି।

ତିନିପିଲା ଯାକ ବୋଉ ପାଖରେ ଅଳି କରି କହିଲେ ବାପା ତ ରଥଯାତ୍ରା ଦେଖେଇ ନେଲେନି। ମୁଖ୍ୟମନ୍ତ୍ରୀଙ୍କ କଡ଼ା ନିର୍ଦ୍ଦେଶ ପାଇଁ ଠାକୁର ଦର୍ଶନ ସଫଳ ହେଲାନାହିଁ। ଦୂରଦର୍ଶନରେ ଜଗନ୍ନାଥଙ୍କୁ ଦେଖି ଆମର କି ସଫଳତା ମିଳିବ? ବୋଉ କହିଲେ ରଥଯାତ୍ରା ବୁଲାରେ ସଫଳତା କ'ଣ ଜାଣିଚ? ରଥରେ ଦିଅଁଙ୍କ ଦର୍ଶନ ପାଇଁ ତିନୋଟି ସଫଳତା ଆବଶ୍ୟକ ଯଥା ୧. ଧର୍ମଭାବ, ପବିତ୍ରତା, ଶ୍ରେଷ୍ଠତା, ୨. ସହିଷ୍ଣୁତା, ଧୈର୍ଯ୍ୟ, ନିବୃତ୍ତି, ୩. ସ୍ଥିରକରିଣ, ନିଷ୍ପତ୍ତି, ଧୈର୍ଯ୍ୟଯୁକ୍ତ ସାହାସ। ଏଗୁଡ଼ିକ ନଥିଲେ ଭକ୍ତିର ଦିଅଁ ଦର୍ଶନର କିଛି ମୂଲ୍ୟନଥାଏ। ଭଦ୍ରା ପଚାରିଲା ବୋଉ ଆମ ମୁଖ୍ୟମନ୍ତ୍ରୀଙ୍କର ଧଳା ଟ୍ରାଉଜର ପଞ୍ଜାବୀ ଛଡ଼ା ଅନ୍ୟ କିଛି ପୋଷାକ ନାହିଁ। ବୋଉ କହିଲେ ମୁଁ କ'ଣ ତାଙ୍କ ଘରକୁ ଯାଇଛି ନା ଜାଣିଚି। ଖାଲି ଏତିକି ଜାଣିଛି ବାହ୍ୟ ସୁନ୍ଦରତାର କୌଣସି ଲାଭ ନାହିଁ। ଯଦି ଜଣଙ୍କର ଅନ୍ତର ସୁନ୍ଦରତା ନାହିଁ ଆମ ମୁଖ୍ୟମନ୍ତ୍ରୀଙ୍କର ଅନ୍ତର ସୁନ୍ଦର। ସେ ଧର୍ମ ନାଁରେ ରାଜ୍ୟବାସୀଙ୍କୁ ତିନି ପ୍ରକାର କର୍ତ୍ତବ୍ୟ ଯଥା ସାମାଜିକ କର୍ତ୍ତବ୍ୟ, ଅପରିହାର୍ଯ୍ୟ କର୍ତ୍ତବ୍ୟ ଓ ପାରିବାରିକ କର୍ତ୍ତବ୍ୟ କିପରି ପାଳନ କରିବାକୁ ହେବ ତାକୁ ଶିଖାଇଛନ୍ତି। ଏ ସବୁ ଭାବି ଲାଭ କ'ଣ? ରଥଯାତ୍ରାର ଚାରିଦିନ ସରିଲାଣି ବାପା ଅଭିରାମ ଖବର କାଗଜକୁ ଆଣି ବୋଉଙ୍କୁ ଦେଇ କହିଲେ ପିଲାଙ୍କ ସଙ୍ଗେ କଣ କଥା ହେଉଛ? ଖବର କାଗଜ ପଢ଼ିବାକୁ କୁହ ଜ୍ଞାନ ବଢ଼ିବ। ଭଦ୍ର ଦେଖି ପକାଇଲା ମୁଖ୍ୟମନ୍ତ୍ରୀ ଗୋଟେ କଳାଟି ସାର୍ଟ ପିନ୍ଧିଥିବା ଫଟୋ ବାହାରିଛି। ସେ କହି ଉଠିଲା ତାଙ୍କର ଅନ୍ୟ ଜମାପଟ୍ଟା ଅଛି ତୁ ଏ ବିଷୟରେ ଅଧିକ ବୁଝିବା ଦରକାର ନାହିଁ। ବାପା କହିଲେ କ'ଣ ମୋ ବିରୁଦ୍ଧରେ ଚାଲିଚି। ଆରବର୍ଷ ଜଗନ୍ନାଥଙ୍କର କରୁଣା ହେଲେ ନିଶ୍ଚୟ ଆମେ ରଥଯାତ୍ରା ଦେଖିବାକୁ ଯିବା।

## ସଙ୍କଟରେ ଆଫଗାନିସ୍ତାନ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସୌମେନ୍ଦ୍ର ଜେନା

ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩

ଏବେ ଭାରତ ନିର୍ମିତ ପ୍ରକଳ୍ପଗୁଡିକ ଉପରେ ଆକ୍ରମଣ କରି ନଷ୍ଟ କରିବାକୁ ପାକ୍ ସେନା ତାଲିବାନ ଗୋଷ୍ଠୀକୁ ପରାମର୍ଶ ଦେଉଛି । ଏଣେ ଇସଲାମାବାଦସ୍ଥିତ ଆଫଗାନ ରାଷ୍ଟ୍ରଦୂତଙ୍କ ଝିଅକୁ ଅପହରଣ କରାଯାଇ ନିର୍ଯ୍ୟାତନା ଦିଆଯିବା ଯୋଗୁ ଆଫଗାନ ସରକାର ନିଜର ଦୂତାବାସ ବନ୍ଦ କରିଦେଇଛନ୍ତି । ପାକ୍ ସରକାର ଡୁରାଣ୍ଡ ଲାଇନକୁ ଦେଶର ସୀମାଭାବେ ଗ୍ରହଣ କରିବାକୁ ଆଫଗାନିସ୍ଥାନକୁ କହିଲେ ମଧ୍ୟ ଆଜିଯାଏ କୌଣସି ସରକାର ଏହାକୁ ଗ୍ରହଣ କରିନାହାନ୍ତି । ଲଢୁଆ ପାସ୍ତୁନମାନଙ୍କୁ ଦୁର୍ବଳ କରିବାକୁ ଡୁରାଣ୍ଡଙ୍କ ସମୟରେ ସେମାନଙ୍କ ଅଞ୍ଚଳକୁ ପାକ୍ ଓ ଆଫଗାନିସ୍ଥାନ ବାଣ୍ଟି ଦୁଇଭାଗ କରିଥିଲେ । ପାସ୍ତୁନ ଲୋକଙ୍କ ବସବାସ ଅଞ୍ଚଳ ଦୁଇଦେଶର ସୀମା ଭିତରେ ରହୁଥିବା ହେତୁ ସେମାନେ ତାର ଏକତ୍ରିକରଣ କରିବାକୁ ଚାହୁଁଛନ୍ତି । ଯେଉଁଥିପାଇଁ ତାଲିବାନର ସମର୍ଥକ ପାକ୍ ତାଲିବାନ ଗୋଷ୍ଠୀ ନିକଟରେ ଚୀନ ଦ୍ୱାରା ନିର୍ମିତ ହେଉଥିବା ଏକ ପ୍ରକଳ୍ପର ଇଞ୍ଜିନିଅରମାନଙ୍କ ଗାଡିରେ ବୋମା ଖଞ୍ଜିବାରୁ ପ୍ରାୟ ୯ଜଣ ଚୀନାଙ୍କ ସହ ୧୩ଜଣଙ୍କର ମୃତ୍ୟୁ ହୋଇଥିଲା । ଏହାପରେ ଏହି ପ୍ରକଳ୍ପରେ କାର୍ଯ୍ୟରତ ପାକିସ୍ଥାନୀଙ୍କୁ ଚୀନା ଅଧିକାରୀ ବାହାର କରି ଦେଇଛନ୍ତି । ପାକ୍ ସରକାର ପାସ୍ତୁନ ନେତାମାନଙ୍କୁ ନିୟନ୍ତ୍ରଣ କରିବାକୁ ଜେଲରେ ରଖିଲେ ମଧ୍ୟ ସେମାନଙ୍କ ସମର୍ଥକଗଣ ପାସ୍ତୁନମାନଙ୍କ ମୁକ୍ତିପାଇଁ ସରକାର ବିରୋଧରେ ଯୁଦ୍ଧ ଘୋଷଣା କରିଛନ୍ତି । ଆଫଗାନିସ୍ଥାନରେ ପରିସ୍ଥିତି ଦେଖି ଏବେ ପାକରେ ବସବାସ କରୁଥିବା ତିରିଶ ଲକ୍ଷ ପାସ୍ତୁନବାସୀ ଆଗାମୀ ଦିନରେ ପାକ୍ ସରକାରଙ୍କ ଚିନ୍ତାର କାରଣ ହେବେ । ଏମାନଙ୍କ ମଧ୍ୟରେ ଅନେକ ପାକ୍ ତାଲିବାନ ଗୋଷ୍ଠୀର ସମର୍ଥକ ରହିଛନ୍ତି ।


### ଆଫଗାନ ସେନା

ତାଲିବାନ ସେନାକୁ ଅନେକ ସ୍ଥାନରେ କୌଶଳକରି ସ୍ଥାନ ଛାଡିଦେବା ପରେ ପୁନର୍ବାର ସଂଗଠିତ ଆକ୍ରମଣ କରି ପୂର୍ବର ସ୍ଥାନକୁ ନିଜ ଦଖଲକୁ ନେବା ଖବର ପହଞ୍ଚିବାରେ ଲାଗିଛି । ଯେମିତି ଚମନ ସୀମା ଏବଂ କାନ୍ଦାହାରକୁ ସରକାରୀ ସେନା ତାଲିବାନ ହାତରୁ ଛଡାଇ ଆଣିଛି । ବାୟୁସେନା ଆକ୍ରମଣ କରି ଅନେକ ସ୍ଥାନରେ ଉଗ୍ରବାଦୀଙ୍କୁ ନଷ୍ଟ କରିବା ଖବର ପହଞ୍ଚିଛି । ତାଲିବାନ ଗୋଷ୍ଠୀ ଦେଶର ୮୫ ପ୍ରତିଶତ ଅଞ୍ଚଳକୁ ଦଖଲ କରିବା କଥା ଯାହା ପ୍ରଚ୍ଚାର ହୋଇଛି ତାହା ସତ ନୁହେଁ। ରାଜଧାନୀ କାବୁଲରେ ସରକାରୀ ସେନା ଓ ସଶସ୍ତ୍ର ଜନତା ତାଲିବାନ ଗୋଷ୍ଠୀକୁ ବିରୋଧ କରିବା ପାଇଁ ସଡକକୁ ଓହ୍ଲାଇଛନ୍ତି । ଗୋଟିଏ ପଟେ ବାହ୍ୟ ଶକ୍ତିର ସାମରିକ ସାହାଯ୍ୟ ନ ନେବାକୁ ରାଷ୍ଟ୍ରପତି ଅବଦୁଲ ଘନି ଘୋଷଣା କରିଥିଲେ ମଧ୍ୟ ଆଗାମୀ ଦିନର ସ୍ଥିତି କଣ ହେବ ଏବେଠୁ କହିବା ଠିକ୍ ହେବ ନାହିଁ । ଅଳ୍ପ ଶିକ୍ଷା ହାର, ସଂଖ୍ୟାଧିକ ଲଢୁଆ ଗୋଷ୍ଠୀ,ଅନେକ ବାହ୍ୟରାଷ୍ଟ୍ରର ପ୍ରଭୁତ୍ୱ ପାଇଁ ଆଗ୍ରହ, ଆଫଗାନସେନାର ଆଧୁନିକ ଅସ୍ତ୍ରଶସ୍ତ୍ରର ଅଭାବ ଆଦି ଆଫଗାନିସ୍ଥାନକୁ କ୍ରମଶଃ ସଙ୍କଟ ଆଡକୁ ଟାଣିନେଇଛି । ଏକଥା ସତ ଯେ ପାଲେଷ୍ଟାଇନ ଓ ସିରିଆ ପାଇଁ ଯେତେ ଆଲୋଚନା ଆନ୍ତର୍ଜାତିକ ସ୍ତରରେ ହେଉଛି ସେତିକି ଆଫଗାନିସ୍ଥାନ ମାମଲାରେ ହେଉନାହିଁ। ଏପରିକି ମୁସଲିମ ରାଷ୍ଟ୍ର ସମୂହରେ ମଧ୍ୟ ଆଫଗାନିସ୍ଥାନ ପାଇଁ ଅଧିକ ଚିନ୍ତା ହେଉନାହିଁ । ତାସ୍‌କେଣ୍ଟ ଆଲୋଚନାରେ ଆଫଗାନ ରାଷ୍ଟ୍ରପତି ପ୍ରକୃତ ସମସ୍ୟା ଉଲ୍ଲେଖ କରିଥିଲେ ମଧ୍ୟ ଉପସ୍ଥିତ ସଦସ୍ୟ ରାଷ୍ଟ୍ରଗୁଡିକ ମଧ୍ୟରେ ସହଯୋଗ ବୃଦ୍ଧି ନେଇ ଘୋଷଣା ହୋଇପାରିନାହିଁ । ରୁଷିଆର ରାଷ୍ଟ୍ରପତି ପୁତିନ ଆଫଗାନ ମାମଲାରେ କୌଣସି ପ୍ରକାରେ ଭାରତକୁ ସାହାଯ୍ୟ କରିପାରିବେ ନାହିଁ ବୋଲି କହିବାର ଅର୍ଥ ତାଲିବାନକୁ ସମର୍ଥନ ଦେବା । ଭାରତ ସରକାରଙ୍କ ବଡ ଚିନ୍ତା ହେଲା ତିନି ବିଲିଅନ ଡଲାର ଖର୍ଚ୍ଚରେ ନିର୍ମିତ ପ୍ରକଳ୍ପଗୁଡିକର ଭବିଷ୍ୟତ । ସଲମା ଡ୍ୟାମଠାରୁ ପାର୍ଲ୍ୟାମେଣ୍ଟ ଭବନ, ଡେଲାରାମ,ଜରାଞ୍ଜ ସଡକଠାରୁ ବିଦ୍ୟୁତ ଯୋଗାଣ ପରି ୪୦୦ ପ୍ରକଳ୍ପ ଭାରତ ସେଠାରେ ହାତକୁ ନେଇଛି । ପୂର୍ବରୁ ତାଲିବାନ ପକ୍ଷରୁ ସଲମା ଡ୍ୟାମର ସୁରକ୍ଷାକର୍ମୀଙ୍କ ଉପରେ ଆକ୍ରମଣ ହୋଇଥିଲା । ଆଫଗାନିସ୍ଥାନ ଏବେ ପୃଥିବୀର ସନ୍ତ୍ରାସବାଦୀଙ୍କ ଆଡ୍ଡାସ୍ଥଳୀ ହୋଇଛି । ତାଲିବାନ ସରକାର ସେଠାରେ ଆସିଲେ ସନ୍ତ୍ରାସବାଦୀମାନେ ପୃଥିବୀର ଅନେକ ରାଷ୍ଟ୍ରରେ ଉତ୍ସାହିତ ହୋଇ ଅଧିକ ଧ୍ୱଂସଲୀଳା ସୃଷ୍ଟି କରିବେ ଏଥିରେ ସନ୍ଦେହ ନାହିଁ । ଉଦାହରଣ ସ୍ୱରୂପ ଭାରତର କେରଳରୁ ଅନେକ ଯୁବକ ଯୁବତୀ ତାଲିବାନ ଗୋଷ୍ଠୀରେ ସାମିଲ ହୋଇ ମୃତ୍ୟୁବରଣ କରିଛନ୍ତି ଅଥବା ଜେଲରେ ସଡୁଛନ୍ତି । କାବୁଲର ଗୁରୁଦ୍ୱାର ଆକ୍ରମଣରେ ୨୩ଜଣ ଶିଖଙ୍କ ହତ୍ୟାକାରୀ ଥିଲା କେରଳର ଜଣେ ମୁସଲିମ ସନ୍ତ୍ରାସବାଦୀ । ଏମାନେ କାଶ୍ମିରରେ ଅଶାନ୍ତି ସୃଷ୍ଟି କରିବାକୁ ଉଦ୍ୟମ କରିପାରନ୍ତି । ତାଲିବାନ ଗୋଷ୍ଠୀ ମଧ୍ୟରେ ପାକ୍‌ସେନାର ଅଧିକାରୀମାନେ ସାମିଲ ହୋଇ ଆକ୍ରମଣର ନେତୃତ୍ୱ ନେଉଛନ୍ତି । ଆମେରିକାର ବିମାନ ଆକ୍ରମଣରେ ଅନେକ ତାଲିବାନ ସନ୍ତ୍ରାସୀ ମୃତ୍ୟୁବରଣ କଲାପରେ ପାକିସ୍ଥାନରୁ ସନ୍ତ୍ରାସବାଦୀଙ୍କୁ ଆଫଗାନିସ୍ଥାନକୁ ପଠାଯାଉଛି । ଆଗାମୀ ଦିନରେ ଚୀନ ଓ ପାକିସ୍ଥାନ ମିଳିତ ଭାବେ ସନ୍ତ୍ରାସବାଦୀଙ୍କ ବିରୋଧରେ ଲଢିବେ ବୋଲି ଘୋଷଣା କରିଛନ୍ତି, ଯାହାକୁ କହନ୍ତି ଲଙ୍କାରେ ହରିଶବ୍ଦ । ତେଣୁ ଅସ୍ଥିର ଆଫଗାନିସ୍ଥାନ ଆଗାମୀ ଦିନରେ ଭାରତପରି ଅନେକ ରାଷ୍ଟ୍ରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହେବ ଏଥିରେ ସନ୍ଦେହ ନାହିଁ ।

(ସମାପ୍ତ)

## କବିତା କୋଣାର୍କ

### ଚାଷୀଭାଇ ପରା ସିଏ



**ରମାକାନ୍ତ ଦାସ**

ସକାଳୁ ଉଠି ସେ ପଖାଳ ଖାଏ
ହାତେ ଦା ଧରି ବିଲକୁ ଯାଏ
ଖରା, ବରଷା ଓ ଶୀତକୁ ସହି ସେ
ସାରା ବିଶ୍ୱକୁ ଦାନା ଯୋଗାଏ
ଚାଷୀ ଭାଇ ପରା ସିଏ
ଚାଷୀ ଭାଇ ପରା ସିଏ ।

ଲଙ୍ଗଳ ମୁନରେ ହଳ ସେ କରି
ବିହନ ବୁଣଇ ନ କରି ଡେରି
ହାତେ ପାଞ୍ଚଣକୁ ମୁଣ୍ଡେ ପଗଡି
ତଳି ରୁଏଁ ସେ ନକରି ଡେରି
ସାରା ଜଗତକୁ ପାଳୁଛି ଯିଏ
ଚାଷୀଭାଇ ପରା ସିଏ
ଚାଷୀଭାଇ ପରା ସିଏ ।

ରାସାୟନିକ ସାର ବିଲେ ପକାଏ
ସବୁଦିନ ସେ ବିଲକୁ ଯାଏ
ହାତେ ଧରି କାଟେ ସେ ଧାନ
ଶ୍ରମ କରୁଥାଏ ସେ ସବୁଦିନ
ସଭିଙ୍କ ପେଟକୁ ଚିହ୍ନଇ ଯିଏ
ଚାଷୀଭାଇ ପରା ସିଏ
ଚାଷୀଭାଇ ପରା ସିଏ ।

ଧାନ କାଟି ସେ କରେ ଅମଳ
ବିଲରେ ଫଳାଏ ସୁନାର ଫଳ
ସୁନାଫଳ ଦେଖି ହସଇ ସିଏ
ବରଷାକୁ ଦେଖି ସେ ନାଚୁଥାଏ
ସାରା ରାଇଜକୁ ପାଳୁଛି ଯିଏ
ଚାଷୀଭାଇ ପରା ସିଏ
ଚାଷୀଭାଇ ପରା ସିଏ ।

ସକାଳେ ଯାଇ ସେ ସନ୍ଧ୍ୟାରେ ଫେରେ
ଖରା ବରଷାକୁ ସେ ନ ଡରେ
ଦେହସାରା ତାର କାଦୁଅ ପାଣି
ପିଇଥାଏ ସେ ବାସି ତୋରାଣି
ଖାଦ୍ୟର ମୂଲ୍ୟ ବୁଝଇ ଯିଏ
ଚାଷୀଭାଇ ପରା ସିଏ
ଚାଷୀଭାଇ ପରା ସିଏ ।

+ ନନ୍ଦିଗ୍ରାମ, ନାଉଗାଁ,
ଜଗତସିଂହପୁର
(ମୋ)୯୬୬୮୮୧୫୩୬୯

### ଈର୍ଷା...



**ପ୍ରଜ୍ଞା ମହାନ୍ତି**

ଜଂଗଲରେ ଆସିଛି ବର୍ଷା,
ବର୍ଷୁଛି ଯେ
ଜର ପରି କମୁଛି, ବଢୁଛି ସିନା ଥମିବାର
ନାମ ନେଉନାହିଁ ।
ପାହାଡ଼ ଜଙ୍ଗଲ ରାସ୍ତାଘାଟ
ଭିଜୁଛନ୍ତି ଯୁଗେ ହେଲାଣି,
ବେଙ୍ଗ ବାହାଘର ଇନ୍ଦ୍ରପୂଜା କେବେଠୁ
ବନ୍ଦ ହୋଇସାରିଲାଣି।

ଚପରଚପର ପାଣିରେ
ଛପରଶୂନ୍ୟ ହୋଇ ଛଟପଟ୍ ଜଂଗଲ
ନେହୁରା ହେଉଛି ବର୍ଷାକୁ
ରହଟିକେ କୁହୁଳାକାଠ ଉପରେ
ମୋ କଳମଶାଗ ସିଝିଯାଉ
ରାତିସାରା ବର୍ଷୁ ଥିବୁ,
ଧୋଇଦେବୁ ମୋ ଜୀବନୁ
ଯେତେକ ଯାତନା ।

ବାହାରେ ଧୂଆଁଧାର ବର୍ଷା
କେଉଁ ଆଦିବାସୀ ପଲ୍ଲୀର
କଂକାଳସାର ପଲା ଭିତରୁ
ଧୂଁଆ ବାଟ ଖୋଜୁଛି ବାହାରକୁ
ବିଡିଧୂଁଆରେ ଧୂଁଆମୟ ତା ସଂସାର
ଖୁରି, ଗିନା, ବାଲ୍ଟି ଡେକଚି
ଭିତରେ ଟୁପଟାପ୍ ଜଳତରଙ୍ଗର ଭ୍ରମ ।

ଏଠି ଖାଲି ରୁହନ୍ତିନି
ଉହୁଳଫୁଲିଆ ନହୁଲି ବୟସ
ଏଠିବି ହେଣ୍ଟାଳ ମାରେ,
ରୋଗ, ଶୋକ ଭୋକ ଆଉ ଖୁଁଖୁଁ କାଶ।

ତଥାପି ବର୍ଷା ଆସିଲେ
ଜଙ୍ଗଲରୁ ନିଆଁ ଲିଭି
ମନରେ ଲାଗିଯାଏ,
ସବୁଜ ଜଙ୍ଗଲ ଆହୁରି ଘନ
ସାବ୍‌ଜା ଦିଶେ
ଅଜଣା ଫୁଲସବୁ ଅଜାଡ଼ି
ହୋଇ ପଡ଼ନ୍ତି ଗଭା ଉପରେ
କରଡ଼ି, କୁରେଇ, କୁଷୁନିର ମହମହ
ବାସ୍ନା ଜଙ୍ଗଲ ଡିଏଁ,
ପ୍ରତି ମନ ଜଗଂଲମୟ ହୋଇଯାଏ ।

ଆସଥରେ ସମସ୍ତେ ପୁଣି
ଜଂଗଲକୁ ଯିବା!
ହେଲେ ଶିକାର ପାଇଁ ନୁହେଁ
ଇାସ୍ ଏମିତି, ଜଙ୍ଗଲକୁ ମନଦେଇ
ତାକୁ ଭଲପାଇ ପୁଣି ଥରେ
ଜଙ୍ଗଲି ହୋଇଯିବା ।

+ ବୁଢାରାଜା,ସମ୍ବଲପୁର
ମୋ: ୯୪୩୭୩୬୨୪୭୩

### ଉଠ ଚିର ନିଦ୍ରାରୁ ଥରେ

**ସିଦ୍ଧେଶ୍ୱର ତ୍ରିପାଠୀ**



କୁଣ୍ଡିଲୋ ଗ୍ରାମର ପ୍ରଥମ ଡାକ୍ତର
ପ୍ରଥମ ନାଟ୍ୟକାର
ଅବେଳରେ କାହିଁ ହଜିଗଲ ତୁମେ
ଦୁନିଆକୁ କରି ପର ।

ତୃତୀୟ ପଞ୍ଚମ ସପ୍ତମ ଦଶମ
ସବୁଥିରେ ପାଇ ବୃତ୍ତି
ବ୍ରହ୍ମପୁର ଠାରେ ଡାକ୍ତରୀ ପଢି
ଅର୍ଜିଗଲ କେତେ କୀର୍ତ୍ତି ।

ନାଟକ ଲେଖାରେ ମନ ନିବେଶୀଲ
ସାଥେ ନିର୍ଦ୍ଦେଶନା ଦେଇ
କେତେ ସମ୍ବୋର୍ଦ୍ଧନା ପ୍ରସିଦ୍ଧି ଅର୍ଜିଲ
ସୃଜନ କଳା ପାଇଁ ।

ଝୁରୁଛି ଖୋରଧା ଝୁରେ ନୟାଗଡ଼
ରୋଗୀ, କଳାପ୍ରେମୀ ଝୁରେ
କୋଟିଏ ମନର ଧନର ଈଶ୍ୱର
ଉଠ ଚିରନିଦ୍ରାରୁ ଥରେ ।

+ କବିର ଘର,
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
(ମୋ) ୭୦୦୮୩୧୫୦୪୦

### ନାସ୍ତିକର ଭକ୍ତି



**ବିନୟ ଭୂଷଣ ପାଣିଗ୍ରାହୀ**

ମୃତ୍ୟୁର କତି ହେଲେ' ନାସ୍ତିକ ଜନ
ମିଛ ଭକତିଭାବେ' ହୁଏ ତଲ୍ଲୀନ
ବାହ୍ୟ ସ୍ୱରୂପ କରି ପରିବର୍ତ୍ତନ
ପୂଜା, ପ୍ରାର୍ଥନା,ବ୍ରତେ
ଦିଅଇ ଧ୍ୟାନ।(୧)

ସାଇତି ରଖି ଛଳ' ଅର୍ଜିତ ଧନ
କହେ ଭୋକଉପାସେ କଟୁଛି ଦିନ
ଶୁଣାଏ ନିତି ନାନା' ଧର୍ମ ବଚନ
ହୃଦୟେ ପୁରି ଥାଏ '
ଉଦ୍ଦେଶ୍ୟ ହୀନ ।(୨)


ଉଚ୍ଚାରଣଠୁଁ ଭିନ୍ନ 'ତା'ଆଚରଣ
ଭାବେ ନିର୍ବୋଧ ଯେତେ' ଜଗତ ଜନ
ନବୁଝିପାରନ୍ତି 'ତା'ଭାବ-ଚଳନ
ଏମନ୍ତ ଭାଳି ସୁଖେ '
କାଟଇ ଦିନ।(୩)

ବ୍ରାହ୍ମମୁହୂର୍ତ୍ତେ କରି 'ଅବଗାହନ
ସଜାଡି ଦୀପ,ଧୂପ,ରକ୍ତଚନ୍ଦନ
ନିୟମିତ ମନ୍ଦିରେ କରି ଗମନ
ଫଳ-ପୁଷ୍ପ-ଜଳାଦି '
କରେ ଅର୍ପଣ।(୪)

କହେ, ସନ୍ତୁଷ୍ଟ ହୁଅ ରାଧାମୋହନ
କ୍ଷମାକରି କୃତ ହୀନ କର୍ମମାନ
ଆଶୀଷ ଦିଅ ସୁସ୍ଥ ଦୀର୍ଘଜୀବନ
କ୍ଲେଶହୀନ ମରଣ
କର ବିଧାନ'। (୫)

ଶୁଣି ଈଶ୍ୱର ତା ଅରଣ୍ୟ ରୋଦନ
ଭାବନ୍ତି, କେତେ ମୂଢ ଏହି ଅଜ୍ଞାନ
ମାନବ ଜନ୍ମ ଯୋଗ୍ୟ ନୁହେଁ ଏ'ଜନ
ନରକ ବାସ ତା'ରେ
କଲି ବିଧାନ।(୬)

ହରସିଂହ ପୁର,ପୀରହାଟ ବଜାର
ଭଦ୍ରକ-୩୧
(ମୋ) ୯୯୩୭୫୪୮୪୩୧ /
୯୪୩୮୬୭୦୧୨୦



## କାର୍ତ୍ତିକ ସାହୁ

## ମିନା ଅପାଙ୍କ ରାମାୟଣ ଟୁଙ୍କି (୭)

# ରାଜା ହରିଶ୍ଚନ୍ଦ୍ରଙ୍କ କଥା (ଖ)



(ପୂର୍ବ ପ୍ରକାଶିତ ଉତ୍ତାରୁ)

ପିଲାମାନେ, ରାମାୟଣରେ ଅନେକ କାହାଣୀ ଓ ଘଟଣା ଅଛି ଯାହା ମାନବୀୟ ଚରିତ୍ରର ଶ୍ରେଷ୍ଠତା ପ୍ରତିପାଦନ କରେ। ବିଶ୍ୱାମିତ୍ର ଋଷି ହରିଶ୍ଚନ୍ଦ୍ରଙ୍କୁ ତାଙ୍କ ରାଜ୍ୟ ଓ ତା ସହିତ ସମସ୍ତ ଧନ। ସମ୍ପତ୍ତିକୁ ଦାନ ଆକାରରେ ମାଗିଲେ। ରାଜା ହରିଶ୍ଚନ୍ଦ୍ର ନିଜ କଥା ରକ୍ଷା କଲେ ଓ ସଂଗେ ସଂଗେ ନିଜ ରାଜ୍ୟ ଓ ତା ସହିତ ସବୁ ଧନ ସମ୍ପତ୍ତି ମୁନିଙ୍କୁ ଦାନରେ ଦେଇଦେଲେ। ଦାନ ପାଇଲା ପରେ ବିଶ୍ୱାମିତ୍ର ମୁନି ସଂଗେ ସଂଗେ ଦକ୍ଷିଣା ମାଗିଲେ। ଏହା ଏକ ଭାରତୀୟ ପରମ୍ପରା ଯେ ଦାନ ଦେବାପରେ ଦକ୍ଷିଣା ଦେବାକୁ ପଡ଼େ।

କଥାରେ ଅଛି ଆଜି ଯେ ରାଜେନ୍ଦ୍ର କାଲି ସେ ଫକିର। ଫକିର ମାନେ ସେଇମାନେ, ଯାହା ପାଖରେ କିଛି ନଥାଏ। ରାଜା ହରିଶ୍ଚନ୍ଦ୍ରଙ୍କର ସେଇ ଅବସ୍ଥା ହୋଇ ଯାଇଥିଲା। ସେ ବୁଝି ପାରିଲେନି ବିଶ୍ୱାମିତ୍ର ଋଷି ଦକ୍ଷିଣା ରୂପରେ ମାଗିଥିବା ଏକ ଲକ୍ଷ ସୁବର୍ଣ୍ଣ ମୁଦ୍ରା କେଉଁଠୁ ଆଣିବେ। ରାଜ୍ୟ ସହିତ ସେ ସବୁ କିଛି ଋଷିଙ୍କୁ ଦାନରେ ଦେଇଛନ୍ତି। ତାଙ୍କ ସାଙ୍ଗରେ ଅଛନ୍ତି ମହାରାଣୀ ଶୈବ୍ୟ ଓ ପୁତ୍ର ରୋହିତାଶ୍ୱ।

ରାଜା ବିଶ୍ୱାମିତ୍ର ଋଷିକୁ ଗୋଟେ ମାସ ସମୟ ମାଗିଲେ ଓ କହିଲେ- ହେ ବ୍ରହ୍ମର୍ଷି, ମୁଁ ଗୋଟିଏ ମାସ ଭିତରେ ଆପଣଙ୍କୁ ଦକ୍ଷିଣା ଦେବି। ମୋତେ ସେତିକି ସମୟ ଦିଅନ୍ତୁ।

ବିଶ୍ୱାମିତ୍ର ଋଷି ଗୋଟେ ମାସ ସମୟ ଦେଲେ ଓ ଏକଥା କହିଲେ ରାଜା ହରିଶ୍ଚନ୍ଦ୍ର ନିଜ ବଂଶର ସମ୍ମାନ ରକ୍ଷାକରି ଠିକ୍ ସମୟରେ ଦକ୍ଷିଣା ଦେବେ।

ହରିଶ୍ଚନ୍ଦ୍ର ରାଜା ନିଜ ରାଜ୍ୟକୁ ଦାନରେ ଦେଇ ସାରିଥିଲେ। ତେଣୁ ସେ ଅଯୋଧ୍ୟାରେ ରହି ପାରିବେନି। ସେ ସାରା ପୃଥିବୀର ରାଜା ଥିଲେ। ଅଯୋଧ୍ୟା ସହିତ ସାରା ପୃଥିବୀ ଏବେ ବିଶ୍ୱାମିତ୍ରଙ୍କର। କିନ୍ତୁ ମହାଦେବଙ୍କ ପ୍ରିୟ ସ୍ଥାନ କାଶୀ ତୀର୍ଥ କୌଣସି ରାଜ୍ୟର ଅଂଶ ନଥିଲା। ତେଣୁ ହରିଶ୍ଚନ୍ଦ୍ର ପତ୍ନୀ ଶୈବ୍ୟା ଓ ପୁତ୍ର ରୋହିତାଶ୍ୱଙ୍କୁ ସଂଗରେ ଧରି କାଶୀ ନଗରକୁ ଗଲେ। ସେଠାରେ ବିଶ୍ୱାମିତ୍ରଙ୍କୁ ଦକ୍ଷିଣା ଦେବା ଲାଗି ସ୍ୱର୍ଣ୍ଣମୁଦ୍ରା ସଂଗ୍ରହ କଥା ଚିନ୍ତା କଲେ। ମାତ୍ର ତାଙ୍କୁ କିଛି ବାଟ ଦେଖାଗଲା ନାହିଁ।

ତାଙ୍କୁ ଚିନ୍ତିତ ରହିଥିବାର ଲକ୍ଷ୍ୟ କଲେ ମହାରାଣୀ ଶୈବ୍ୟା। ଦେଖୁ ଦେଖୁ ଗୋଟେ ମାସ ଶେଷ ହେବାକୁ ବସିଲା। ଏକ ଅଜଣା ନଗରରେ କିଏ ବା ସାହାଯ୍ୟ କରନ୍ତା ହରିଶ୍ଚନ୍ଦ୍ରଙ୍କୁ। ଶେଷକୁ ରାଣୀ ଶୈବ୍ୟ ଏକ ବାଟ ବାହାର କଲେ।

ହେ ରାଜନ, ମୁଁ ତୁମର ଧର୍ମପତ୍ନୀ ଓ ସହଧର୍ମିଣୀ। ସେହି ହିସାବରେ ତୁମ ସବୁ ଦୁଃଖ କଷ୍ଟ ଇତ୍ୟାଦିରେ ମୋର ଅଧା ଭାଗ ଅଛି। ବିଶ୍ୱାମିତ୍ର ଋଷିଙ୍କୁ ଦକ୍ଷିଣା ଦେବାକୁ ଗୋଟିଏ ବାଟ ଅଛି- ଆପଣ ମୋତେ ବିକ୍ରି କରି ଦିଅନ୍ତୁ।

ରାଣୀଙ୍କ କଥା ଶୁଣି ହରିଶ୍ଚନ୍ଦ୍ର, ଦୁଃଖରେ ଭାଙ୍ଗି ପଡ଼ିଲେ। "ଅସମ୍ଭବ" କେବଳ ଗୋଟିଏ ଶବ୍ଦ ବାହାରିଲା ତାଙ୍କ ପାଟିରୁ। ମାତ୍ର ଶୈବାରାଣୀ ତାଙ୍କୁ ବୁଝେଇ ଦେଲେ ଯେ ବର୍ତ୍ତମାନ ଆଉ କିଛି ବାଟ ନାହିଁ। ସତ୍ୟ ରକ୍ଷା କରିବାକୁ ତାଙ୍କୁ ଏ କାମ କରିବାକୁ ପଡ଼ିବ।

ମାସ ଶେଷ ହେବାକୁ ଗୋଟିଏ ଦିନ ବାକି ଥାଏ। ବିଶ୍ୱାମିତ୍ର ଆସି ହରିଶ୍ଚନ୍ଦ୍ରଙ୍କ ପାଖରେ ପହଂଚିଲେ ଓ ଆଉ ଗୋଟିଏ ଦିନରେ ଦକ୍ଷିଣା ଦେବା କଥା ମନେ ପକାଇ ଦେଲେ।

ହରିଶ୍ଚନ୍ଦ୍ରଙ୍କ ପାଖରେ ଆଉ କିଛି ବାଟ ନଥିଲା। ଶେଷକୁ ସେ ପତ୍ନୀଙ୍କୁ ଏକ ବ୍ରାହ୍ମଣକୁ ବିକିଲେ। ପତ୍ନୀଙ୍କ ସହିତ ପୁତ୍ର ରୋହିତାଶ୍ୱ ଗଲେ। ହରିଶ୍ଚନ୍ଦ୍ର ସତ୍ୟ ରକ୍ଷା କରିବାକୁ ନିଜକୁ ମଧ୍ୟ ଏକ ଚଣ୍ଡାଳ ପାଖରେ ବିକ୍ରି କରି ଅବଶିଷ୍ଟ ସ୍ୱର୍ଣ୍ଣ ମୁଦ୍ରା ସଂଗ୍ରହ କଲେ।

ବିଶ୍ୱାମିତ୍ର ଋଷି ସେଠାରେ ପହଂଚିଗଲେ ଓ ହରିଶ୍ଚନ୍ଦ୍ରଙ୍କଠାରୁ ଏକ ଲକ୍ଷ ସୁବର୍ଣ୍ଣ ମୁଦ୍ରା ସଂଗ୍ରହ କରିନେଲେ।

ଭାଗ୍ୟର କରାମତି ଦେଖ ପିଲେ। କାଲି ଯିଏ ଅଯୋଧ୍ୟାର ରାଜା ଥିଲେ, ସେ ଜଣେ ଚଣ୍ଡାଳ ଲାଗି ଶ୍ମଶାନରେ ଶବଦାହ କାର୍ଯ୍ୟ କଲେ। ଯିଏ ଅଯୋଧ୍ୟାର ମହାରାଣୀ ଥିଲେ ସେ ଏକ ବ୍ରାହ୍ମଣ ଘରେ ଦାସୀର କାମ କଲେ, ତାଙ୍କୁ ପୁତ୍ର ବ୍ରାହ୍ମଣଙ୍କୁ ପୂଜା ଲାଗି ଫୁଲ ତୋଳା କାମ କଲେ।

ହରିଶ୍ଚନ୍ଦ୍ରଙ୍କ ପରୀକ୍ଷା ସେଇଠି ସରିଲାନି। ପୁତ୍ର ରୋହିତାଶ୍ୱ ଫୁଲ ତୋଳିବା ବେଳେ ସର୍ପ ଦଶଂନର ଶିକାର ହେଲେ ଓ ସଂଗେ ସଂଗେ ତାଙ୍କର ପ୍ରାଣବାୟୁ ଉଡ଼ିଗଲା। ପୁତ୍ର ଫୁଲ ତୋଳାରୁ ନ ଫେରିବାରୁ ଶୈବ୍ୟା ପୁତ୍ରକୁ ଖୋଜିବାକୁ ଗଲେ ଓ ପୁତ୍ରକୁ ମୃତ ଅବସ୍ଥାରେ ପାଇଲେ। ଦୁଃଖର ପାହାଡ଼ ତଳେ ଚାପି ହୋଇ ଯାଉଥିଲେ ରାଣୀ ଶୈବ୍ୟା।

ପୁତ୍ରର ଅନ୍ତିମ ସଂସ୍କାର ଲାଗି ତାଙ୍କୁ ନେଇ ଶ୍ମଶାନରେ ପହଂଚିଲେ ରାଣୀ ଶୈବ୍ୟା। ଅନ୍ଧାର ରାତି। ଝିପ୍ ଝିପ୍ ବର୍ଷା ହେଉଥାଏ। ସେଇ ଶ୍ମଶାନର ଜଗୁଆଳି ଥାଆନ୍ତି ରାଜା ହରିଶ୍ଚନ୍ଦ୍ର। ଶୈବ୍ୟାଙ୍କ କ୍ରନ୍ଦନ ଶୁଣି ସେ ସେଠାରେ ପହଂଚିଲେ। ଭାଗ୍ୟର କି ଖେଳ ସତେ! ସେ ପ୍ରଥମେ ତାଙ୍କ ରାଣୀ ଓ ପୁତ୍ରଙ୍କୁ ଚିହ୍ନି ପାରିଲେନି। "କଉଡ଼ି ନ ଦେଲେ ପୁତ୍ରକୁ ପୋତି ପାରିବନି" ଅତି କଠୋର ଭାବରେ କହିଲେ ହରିଶ୍ଚନ୍ଦ୍ର।

ବିବଶ ରାଣୀ ଶୈବ୍ୟା। ବିବଶ ଶ୍ମଶାନ ଜଗୁଆଳ। ହଠାତ୍ ରାଣୀ କ୍ରନ୍ଦନ କଲେ ଓ ରୋହିତାଶ୍ୱଙ୍କ ନାମ ଓ ପତିଙ୍କ ନାମ ନେଲେ। ହରିଶ୍ଚନ୍ଦ୍ର ତାଙ୍କ ପାଖକୁ ଆସିଲେ ଓ ସେ ପତ୍ନୀ ଓ ପୁତ୍ରଙ୍କୁ ଚିହ୍ନି ପାରିଲେ। ସ୍ୱାମୀ ସ୍ତ୍ରୀ ଦୁଇଜଣ ମୃତ ପୁତ୍ରକୁ କୋଳରେ ରଖି କାନ୍ଦିବାକୁ ଲାଗିଲେ।

"ଆମ ଜୀବନ ବୃଥା, ଆଉ ଏ ଜୀବନ ରଖି ଲାଭ ନାହିଁ। ପୁତ୍ର ସହିତ ଆମେ ଅଗ୍ନିରେ ଝାସ ଦେଇ ପ୍ରାଣ ତ୍ୟାଗ କରିବା" ଏହା ସ୍ୱାମୀ ସ୍ତ୍ରୀ ସ୍ଥିର କଲେ ଓ ସେଥି ନିମନ୍ତେ ଜୁଇ ପ୍ରସ୍ତୁତ କଲେ ଓ ଅଗ୍ନିରେ ସଂଯୋଗ କରିବାକୁ ଯାଉଛନ୍ତି, ସେଠାରେ ଧର୍ମ ଦେବତା ପ୍ରକଟ ହେଲେ। "ହେ ରାଜନ, ଏ ସବୁ ତୁମ ଲାଗି ଏକ ପରୀକ୍ଷା ଥିଲା ଯେଉଁଥିରେ ତୁମେ ଉତ୍ତୀର୍ଣ୍ଣ ହୋଇଛ। ଏବେ ତୁମେ ତୁମ ରାଜ୍ୟକୁ ଫେରିଯାଆ।"

ପିଲାମାନେ, ମହାରାଜା ହରିଶ୍ଚନ୍ଦ୍ର ବହୁତ କଷ୍ଟ ପାଇଲେ, ମାତ୍ର ତାଙ୍କ ସତ୍ୟ ଧର୍ମ ପଥରୁ ଓହରିଗଲେନି। ରାମାୟଣର ଏ ଚମତ୍କାର ଦୃଷ୍ଟାନ୍ତ ସମସ୍ତଙ୍କୁ ସତ୍ୟ ଧର୍ମ ପଥରେ ରହିବାକୁ ପ୍ରେରଣା ଦିଏ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧

## କବିତା

ତୁମ ପାଇଁ

## ବଗ କହେ ଦେଖି ବଗୁଲୀ ମୁହଁ

### କବିତା କାନୁନଗୋ



ବଗ କହେ ଦେଖି ବଗୁଲୀ ମୁହଁ
ତୋ ପରି ସୁନ୍ଦରୀ କେହି ତ ନୁହଁ
ତୁ ମୋର ପରାଣ ମିତ
ଲମ୍ବା ଗୋଡ ତୋର ହଲାଇ ଦେ ଲୋ
ଚାଆଲେ ଗାଇବା ଗୀତ।

ବଗୁଲୀ ଦେଖିଲା ଆଗରେ ବେଙ୍ଗ
ବଗକୁ କହିଲା ଦେଖାଇ ଢଙ୍ଗ
ମୋ ଦେହ କୋମଳ ବୋଲି
ନାଚିଲେ ଗାଇଲେ ପୀଡ଼ା ମୁଁ ପାଇବି
ରଂଗ ମଉଳିବ ଖାଲି।

ବେଙ୍ଗ କହେ ହସି ବଗୁଲୀ ନାନୀ
ଦେହରେ ପକାଇ ଧୋବଲା କାନି
ଫୁଲେଇ ହେଉଛୁ କାଇଁ
କଷଣ ନକଲେ ଦେହ ନହଲିଲେ
ଖାଇବା ପାଇବୁ ନାଇଁ।

ବଗୁଲୀ କହଇ ମୁହଁକୁ ଝାଡି
ପଳା ଏ ଥାନରୁ ନକରି ରଡି
କହନା ମୋତେ ତୁ କଥା
ଘଡ଼ଘଡ଼ି ପରି ସ୍ୱରଟା ତୋ ଶୁଣି
ହେଉଛି ମୋ କାନ ବଥା।

ଏବେଳେ ଆସିଲା ବେଙ୍ଗୁଲି ଧାଇଁ
ପୋକଯୋକ ଟିକେ ସାଥିରେ ନେଇ
ଡାକିଲା ବେଙ୍ଗକୁ ଆସ
ଭୋକ ଯେ କଲାଣି ଖାଇବା ଏଥର
ପାଖରେ ମୋହର ବସ।

ବଗୁଲୀ ଚାହିଁଲା ବଗ ମୁହଁକୁ
ଉଡିଗଲେ ଦୁହେଁ ନଇ କୂଳକୁ
ଧରିଲେ ଗୋଟିଏ ମାଛ
ଅତି ହରଷରେ ବଗ ଖାଏ ଆଗ
ବଗୁଲୀ ଖାଇଲା ପଛ।

ବଗ ଓ ବଗୁଲୀ ଗାଇଲେ ଗୀତ
ବେଙ୍ଗୁଲି ସହିତ ବସିଲେ ମିତ
ବେଙ୍ଗ ଦେଲା ହୁଳହୁଳି
ଖୁସିରେ ସରବେ ନାଚ ଗାନା କଲେ
କଲେନି କେବେବି କଳି।

+ପୋଖରୀପୁଟ, ଭୁବନେଶ୍ୱର
(ମୋ) ୯୪୩୭୬୯୪୧୪୫

## ଶୁଭ ଖବରଟି ଶୁଣ

### ନିରାକାର ଚଇନି



ବରଷାରାଣୀ ମୁଁ କହୁଛି ପିଲାଏ
ଶୁଭ ଖବରଟି ଶୁଣ
ଧିରେ ଧିରେ ପୁଣି ବଦଳି ଗଲାଣି
ଆମ ମାଟି ମାଆ ଗୁଣ।

କିଛି ଦିନ ହେଲା ଖରା ତେଜ ଲାଗି
ଶୁଖିଥିଲା କୋଳ ତା'ର
ଭିଜି ଭିଜି ଏବେ ବତୁରି ଗଲାଣି
ପାଇ ମୋର ଜଳ ଧାର।

ଉଚ୍ଛୁର ନକରି ପୋତିଦିଅ ଚାରା
ଯାଗା ଯହିଁ ଅଛି ଖାଲି
ସେଗୁଡ଼ିକ ବଢ଼ି ଗଛ ରୂପେ ଠିଆ
ହୋଇବେ ଆଗାମୀ କାଲି।
ଫୁଲ ଫଳ ଜାଳ ପତର ସହିତ
ପାଇବ ଶୀତଳ ଛାଇ
ପରିବେଶ ନାନୀ ମୁରୁକି ହସିବ
ଶାଗୁଆ ଶାଢ଼ୀଟେ ନାଇ।

ଅମଳଜାନର ଅଭାବ ହେବନି
ସକଳ ଜୀବଙ୍କ ପାଇଁ
ତୁମ କାମ ଦେଖି ଅଶେଷ ଆଶିଷ
ଢାଳିବେ ଜଗତସାଇଁ।

+ ଶିକ୍ଷକ, ସୁବୁଦ୍ଧିସାହି ପ୍ରାଥମିକ ବିଦ୍ୟାଳୟ
ଗୋଲାବନ୍ଧ ତେଲକୋଇ କେନ୍ଦୁଝର-୮୪
ମୋ-୮୨୪୯୩୮୭୯୭୩

## ଆମ ବିଦ୍ୟାଳୟ

### ଧ୍ରୁବ ଚରଣ ବେହେରା



ଆମ ବିଦ୍ୟାଳୟ ଲାଗଇ ବଢିଆ
ଶିକ୍ଷାର ସରଗ ପୁର
ଗୁରୁଜୀ ଗୁରୁମା ଆମ ପାଇଁ ପରା
ସତେ ଚଳନ୍ତି ଈଶ୍ୱର ।

ବିଦ୍ୟା ପାଇଁ ଏହି ବିଦ୍ୟାଳୟ ଗୋଟି
ଆମରି ଶିକ୍ଷା ମନ୍ଦିର
କେତେ ନୀତି ଶିକ୍ଷା ଶିଖାଏ ଆମକୁ
ଗଢେ ଦେଶ କର୍ଣ୍ଣଧାର ।

ଲକ୍ଷ୍ମୀ ଗୁରୁଜୀଙ୍କ ବାକ୍ୟଟି କଠିନ
ହୃଦୟ ତାଙ୍କର ଭିନ୍ନ
ଆମଲାଗି ସଦା ସତ୍ ଚେଷ୍ଟିତ୍ ସେ
ସେନେହ ତାଙ୍କ ଅନନ୍ୟ ।

ଲୁହା ପରି ସିଏ ଅଟନ୍ତି କଠିନ
ତୁଳାଠୁ ନରମ ବେଶୀ
ଭଲ ପାଉଥାନ୍ତି ଛାତ୍ର ଛାତ୍ରୀଙ୍କୁ ସେ
ଶିକ୍ଷା ତାଙ୍କ ପ୍ରୀତି ଖୁସି ।

ଅଶୋକ ବିଜୟ ଜେନା ସାର୍ ଯେ
ଗୁଣରେ ଅତି ଉତ୍ତମ
ଶିକ୍ଷାଦାନ ତାଙ୍କ ପ୍ରିୟ କର୍ମକ୍ଷେତ୍ର
ଯେତେ ବଖାଣିଲେ କମ୍ ।

କହନ୍ତି ପିଲାଏ ପରିଶ୍ରମ କର
ଭଲକରି ପାଠ ପଢ
ଦେଶ ଜାତି ଲାଗି ଭଲ କାମ କରି
ଜୀବନେ ଆଗକୁ ବଢ ।

ତାଙ୍କ ସୁ ବିଚାର ଶ୍ରଦ୍ଧା ସ୍ନେହ ଭାବ
ଛାତ୍ରଙ୍କ ମନ ମୋହଇ
ସମୟାନୁବର୍ତ୍ତୀତା ହୁଅ ପିଲାମାନେ
କୁହନ୍ତି ମନେ ଚେତାଇ ।

ତାଙ୍କରି ଶିକ୍ଷାର ଗୁଣାତ୍ମକ ମାନ
ମନରେ ଭାବ ସଂଞ୍ଚାରେ
ବୁଝାଇ ଦିଅନ୍ତି ବିଷୟ ବସ୍ତୁକୁ
ଠିକ୍ ଠିକ୍ ଉପାୟରେ ।

ଯେତେ ବଖାଣିଲେ ସୁଗୁଣ ତାଙ୍କର
ଶବ୍ଦର ପଡେ ଅଭାବ
ତାଙ୍କ ଚରଣରେ ମଥା ନଇଁ ଯାଉ
ସେ ଆମ ଗର୍ବ ଗୌରବ ।

ପଣ୍ଡିତ ସାର୍ଙ୍କ ଧିରତା ପଣକୁ
କଳନା ନ କଲେ ଭଲ
ତାଙ୍କ ଶିକ୍ଷା ଲାଗେ ଅମୂଲ୍ୟ ମହକ
ଧିର ନମ୍ର ବହୁ ମୂଲ୍ୟ ।

ବୃନ୍ଦାବନ ଆଉ ସୁଭାଷ ଭାଇନା
ସେମାନେ ଉତ୍ତମ ଭାଇ
ଏହି ଅନୁଷ୍ଠାନ ଉତ୍ତମ ସେବାରେ
ଦିଅନ୍ତି କର୍ମ ଯୋଗାଇ ।

ସାହାର୍ଯ୍ୟ କରନ୍ତି ଆମକୁ ସେମାନେ
ସୁପଥ ସଦା ଦେଖାନ୍ତି
କିଛି ଅସୁବିଧା ହେଲେ ବି ଆମର
ଅଧକ୍ଷଙ୍କୁ କହିଥାନ୍ତି ।

ସମ୍ବାଦ ବାହାକ ଆମ ଭାଇମାନେ
ମଣିଷ ପଣିଆ ଭଲ
ଆମ ପାଇଁ ତାଙ୍କ ସ୍ନେହଭରା ପ୍ରେମ
ସତେ ତ ଅମୂଲ ମୁଲ ।

ଅତି ଉତ୍ତମ ଏ ଶିକ୍ଷା ସଂସ୍ଥାନଟି
ଆମର ଏ ହାଇସ୍କୁଲ
ଗୁରୁଜୀ ଗୁରୁମା ପ୍ରଧାନ ଆଚାର୍ଯ୍ୟ
ଶିକ୍ଷାର ଅମୂଲ ମୁଲ ।

ଶିକ୍ଷା ସାଥେ ପୁଣି ସଂସ୍କାର ଶିଖାଇ
ଗଢିଲେ ଆମ ଜୀବନ
ଚିଲିକା ହାଇସ୍କୁଲ ତୋ ପଦେ ଶରଣ
ତୋ ଶିକ୍ଷା ପାଇଁ ମୁଁ ଧନ୍ୟ ।

+ଅଠରବାଟିଆ,ବାଲୁଗାଁ,ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

## ପିଲାଙ୍କ ଉପନ୍ୟାସ : ଭାଗ-୧୩

# ପାଗଳାବାବାଙ୍କ ଟାଇମ୍ ମେସିନ୍

### ପୀତାମ୍ବରୀ ଦାଶ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଦୁହେଁ ସମୟ ଯାନରେ ଯାଇ ବସିଲେ । ମନୀଷ ଘଂଟାର ଥରେ ବଟମ୍ ଟିପିଲା । ଆଖିପିଛୁଳାକେ ସେମାନେ ଯାଇ ଯେଉଁଠି ପଂହଚିଲେ ତାହା ଥିଲା ଏକ ପ୍ରାଚୀନ ନଗରୀ । ଦୁହେଁ ଆଉ ଓହ୍ଲେଇବେ କଣ ! କେତେକ ବର୍ଚ୍ଛା-ଧନୁର୍ଦ୍ଧାରୀ ବ୍ୟକ୍ତି ଆସି ତାଙ୍କ ଯାନକୁ ଘେରିଗଲେ । ସେମାନଙ୍କ ବେଶଭୂଷାରୁ ମନୀଷ ଜାଣି ପାରିଲା ଏମାନେ ରାଜକର୍ମଚାରୀ; ଅର୍ଥାତ ସେ ଦୁହେଁ ଆସି ଐତିହାସିକ ଯୁଗରେ ପଂହଚି ଯାଇଛନ୍ତି । ସୋମୁ ଆଖିବୁଜି ଗୋଟାପଣେ ଥରୁଥିଲା । କିଛି ଅଘଟଣ ଘଟିବା ପୂର୍ବରୁ ମନୀଷ ଗ୍ରୀନ୍ ବଟମ୍ ଟିପିଦେଲା । ଆଖିପିଛୁଳାକେ ସେମାନଙ୍କ ଯାନଟି ସେଇ ସମୟରୁ ନିଷ୍କ୍ରାନ୍ତ ହୋଇଗଲା ।


ସମୟ ଯାତ୍ରାର ଏ ସୋପାନ ପୂର୍ବପେକ୍ଷା ଅଧିକ ବିପଦ ସଙ୍କୁଳ ଥିଲା । ନିର୍ଭୀକ ମନୀଷର ଛାତି ବି ଭୟରେ ଥରିଉଠିଲା । ଚାରିଆଡ ଘଂଚ ଜଙ୍ଗଲ ହିଁ ଜଙ୍ଗଲ । ବିଶାଳକାୟ ଜୀବଜନ୍ତୁ । ଆଦିମାନବଙ୍କ ପରି ମଣିଷ । ବିରାଟ ଶରୀର, ଉଚ୍ଚତା ପ୍ରାୟ ସାତ ଆଠ ଫୁଟରୁ ଅଧିକ । ମୁହଁ ରାକ୍ଷାସଙ୍କ ପରି ଭୟଙ୍କର । ବଡ ବଡ ଦାନ୍ତ । ପଥର ତିଆରି ଟେଂଟା, ବର୍ଚ୍ଛାରେ ପଶୁଗୁଡାଙ୍କୁ ଗୋଡାଇ ଗୋଡାଇ ମାରୁଛନ୍ତି । ବଡବଡ ପଥର ଖଣ୍ଡରେ ମଲା ପଶୁଙ୍କୁ ଛେଚି ଛେଚି ମାଂସ ଖାଇଯାଉଛନ୍ତି । ସୋମୁ ଅବସ୍ଥା ନ କହିବା ଭଲ । ଏ ସବୁ ଦେଖି ସେ ଭୟରେ କାଠପାଲଟି ଯାଇଛି । ଯାନରୁ ଏଠି ଓହ୍ଲାଇବା ମୂର୍ଖାମି ହେବ । ମନୀଷ ଆଗପଛ ବିଚାର ନ କରି ନାଲି ବଟମ୍ଟି ଟିପିଦେଲା; ଯେଉଁଟିକୁ ଟିପିବାକୁ ସୋମୁ ଆରମ୍ଭରୁ ତାକୁ ମନା କରିଆସୁଥିଲା । ସୋମୁର ଯୁକ୍ତି ଥିଲା - ଏଇଟା ରେଡ୍ମାନେ ବିପଦର ସଂକେତ । ଯାହା ହୋଇଗଲାଣି ତାକୁ ତ ଆଉ ସୁଧାରି ହେବନି । ତା'ଛଡା ରେଡ ବଟମ୍କୁ ଛାଡି ତାଙ୍କ ପାଖରେ ତ ଆଉ କୌଣସି ବିକଳ୍ପ ନାହିଁ । ବାଇଗଣୀ କଲର୍ର ବଟମ୍ଟି ଲକ୍ ଅଛି । କାର୍ଯ୍ୟକ୍ଷମ ହେଉନି । ଏତେବେଳକୁ ମନୀଷ ନିଜ ଭୁଲ ବୁଝିପାରିଲା । ବଡମାନଙ୍କ କଥା ନ ମାନି ନିଜ ମନ ମାଫିକ କାମ କରିବାର ପରିଣାମ ପ୍ରକୃତରେ ବଡ ଭୟଙ୍କର । ବର୍ତମାନ ଚିନ୍ତା କରି ଆଉ ଲାଭନାହିଁ! ଏକମାତ୍ର ଈଶ୍ୱର ହିଁ ତାଙ୍କୁ ଉଦ୍ଧାର କରିବେ । ମନୀଷ ଯେତେ ଭୁଲ କଲେ ମଧ୍ୟ ସୋମୁ ତାକୁ କେବେ ଦୋଷ ଦିଏନା; ବରଂ ଚେଷ୍ଟାକରେ ତା ସାଙ୍ଗ କେମିତି ସେହି ଭୁଲ୍ର ବିପଜ୍ଜନକ ପରିସ୍ଥିତିରୁ ଉଧରି ଆସିବ । ମନୀଷର ହତାଶାବୋଧ ତା'ମୁହଁରୁ ବାରି ହୋଇପଡୁଥିଲା । ସେ ନିଜେ ବି ଅନୁଭବ କରୁଥିଲା ଦୁହେଁ ଆଜି ଅନିଶ୍ଚିତ, ଅସ୍ୱାଭିକ, ଅକଳ୍ପନୀୟ, ସମୟ ଯାତ୍ରାର ଯାତ୍ରୀ । ତଥାପି ନିଜ ସାଙ୍ଗର ଧୈର୍ଯ୍ୟ ଫେରାଇ ଆଣିବାକୁ ସୋମୁ କହିଲା - ବ୍ୟସ୍ତ ହ ନା । ଏ ସବୁର ସ୍ରଷ୍ଟା ମଣିଷ ନୁହେଁ, ଈଶ୍ୱର । ତାଙ୍କୁ ପ୍ରାର୍ଥନା କର । ସେ ଆମ ଦୁହିଁକୁ ନେଇ ଆମ ସ୍ଥାନରେ ପଂହଚାଇ ଦେବେ । ତାଙ୍କ ଛଡା ଆମକୁ ଆଉ କେହି ଉଦ୍ଧାର କରିପାରିବେ ନାହିଁ। ଇତି ମଧ୍ୟରେ ଟାଇମ୍ ମେସିନ୍ ଅବତରଣ କରିଥିଲା ଏକ ବିସ୍ତୀର୍ଣ୍ଣ ଅସମତଳ ଅଂଚଳରେ । ଯାହାର ପୃଷ୍ଠଭୂମି କଠିନ ଆବଡାଖାବଡା ପ୍ରସ୍ତରରେ ନିର୍ମିତ ହେଲା ଭଳି ଲାଗୁଥିଲା । ଚତୁର୍ଦ୍ଦିଗ ଶୂନଶାନ୍, ଗୋଟେ ବି ଗଛଲତା ନ ଥିଲା । ମଣିଷ ଆଉ ଜୀବଜନ୍ତୁ କେହି ଦୃଷ୍ଟିଗୋଚର ହେଲେ ନାହିଁ। ମନୀଷର ଅଭିସନ୍ଧିସୁ ମନୋଭାବ ମରିଯାଇଥିଲା । ସେ ଯାନରୁ ଆଉ ଓହ୍ଲାଇଲା ନାହିଁ । ଘରଫେରନ୍ତା ମନଟା ତା'ର ବ୍ୟାକୁଳ ହୋଇ ଉଠୁଥିଲା । ଫେରିଯିବାକୁ ଟାଇମ୍ ମେସିନ୍ର ବିଭିନ୍ନ ବଟମ୍ ସୁଇଚ୍ ବାରମ୍ବାର ଟିପିବାକୁ ଲାଗିଲା । କିଛି ଫଳ ଦେଲାନି । ଭୟରେ ସୋମୁକୁ କହିଲା - 'ସାଙ୍ଗ କଣ କରିବା ! ଏ ଟାଇମ୍ ମେସିନ୍ କଣ ଖରାପ୍ ହେଇଗଲା !! ଯାକୁ କେମିତି ସଜାଡିବା !!' ମନୀଷ ସୋମୁ କାନ୍ଧରେ ମୁଣ୍ଡ ରଖି କାନ୍ଦିଲା । ହତାଶ ହୋଇ କହିଲା -ଆମେ ଘରକୁ ଫେରିବା ପାରିବା ତ...! ମନୀଷର ଅସହାୟତା ଦେଖି ସୋମୁ ତାକୁ ଆଶ୍ୱସନା ଦେଲା । ଯାନରୁ ଆଗ ଓହ୍ଲାଇପଡି ଭୂମି ଉପରେ ପ୍ରଣାମ କଲା । ମନୀଷକୁ କହିଲା- 'ଆ...ଓହ୍ଲାଇପଡ । ପ୍ରଥମେ ଏଇ ମାଟିକୁ ପ୍ରଣାମ କର । ଈଶ୍ୱର ଆମକୁ ଏ ବିପଦରୁ ନିଷ୍ଚୟ ଉଦ୍ଧାର କରିବେ' ।

(କ୍ରମଶଃ)

+ପୁରୋହିତପୁର, ଜଗତସିଂହପୁର
ମୋ:୯୭୭୮୫୨୦୩୭୦

# ଈଶ୍ୱର ସବୁ ଦେଖୁଛନ୍ତି

### ଦେବେନ୍ଦ୍ର କର



ସେଦିନ ଲିପୁନ ମୁଣ୍ଡରେ କଣ ଅଚାନକ ଢୁକିଲା ଯେ ପ୍ରଶ୍ନ କଲା ବାପା ଈଶ୍ୱର ଯଦି ଅଛନ୍ତି ତେବେ ଦିନକ ପାଇଁ କାହିଁକି ଦର୍ଶନ ଦେଉନାହାନ୍ତି ? ଦେବାଦେବୀ ତ ଅନେକ ଜଣେ କେହି ତ ଆସି ପାରନ୍ତେ। ନା ମଣିଷମାନଙ୍କ ପରି ସେମାନେ ବି ବ୍ୟସ୍ତରେ ରହୁଛନ୍ତି ନା ଆମ ପୂଜାପାଠରେ ଦେବାଦେବୀ ସନ୍ତୁଷ୍ଟ ନୁହନ୍ତି ? ଲିପୁନ ମୁହଁରୁ ଏତେ ଗୁଡିଏ ପ୍ରଶ୍ନ ଶୁଣି ବାପା କହିଲେ ଆରେ ଈଶ୍ୱର ଅଛନ୍ତି ବୋଲି ତ ଏ ଜଗତ ଚାଲିଛି। ସେ ଆମ ଆଖପାଖରେ ରହି ଆମ ଦୋଷ ତୃଟିକୁ ସୁଧାରିଥାନ୍ତି। ଆମେ ଏଠି ଯାହା କିଛି କରୁଛେ ସେ ସବୁ ଦେଖୁଛନ୍ତି ଏଣୁ ସର୍ବଦା ସତ ପଥରେ ଚାଲିବା ଆଉ ଧ୍ୟାନ ଦେଉଥିବା ଯେମିତି କେବେ କୌଣସି ଦୋଷତୃଟି ରହିନଯାଏ। ଯିଏ ଆମର ଶୁଭଚିନ୍ତକ ଓ ମାର୍ଗଦର୍ଶକ କଲା ତାଙ୍କୁ କଣ ଆମେ ଅବମାନନା କରିପାରିବା। ଆମେ ଈଶ୍ୱରଙ୍କ ଅସ୍ତିତ୍ୱକୁ ନିଶ୍ଚୟ ଅନୁଭବ କରିପାରିବା ଏଥିଲାଗି ଲୋଡା କେବଳ ଗଭୀର ଭକ୍ତିଭାବ। ବାପା ଭଲ ଭାବରେ ଜାଣୁଥିଲେ ଈଶ୍ୱର ସମ୍ବନ୍ଧରେ ଲିପୁନ ପାଇଁ ଏତିକି ଶବ୍ଦ ହିଁ ଯଥେଷ୍ଟ। କଅଁଳ ବୟସ ଚଚଂଳିଆ ମନ ତା ମନରେ ଉଠିଥିବା ପ୍ରଶ୍ନ ଅଦିନିଆ ବର୍ଷାର ଏକ ଝଲକ ପରି। ସବୁ କଥା ଶୁଣି ଲିପୁନ ମୁଣ୍ଡ ଟୁଙ୍ଗାରିଲା ଆଉ ବାପା ତାଙ୍କ କାମରେ ମନଯୋଗ ଦେଲେ।

ତହିଁ ଆର ଦିନ ସନ୍ଧ୍ୟାରେ ବାପା ଅଫିସ୍ରୁ ଫେରିଲେ। ଲିପୁନ୍ ଦୌଡିଆସି ତାଙ୍କ ହାତରୁ ମୋବାଇଲ ଆଉ ଘଟଂଟା ନେଇ ଯଥା ସ୍ଥାନରେ ସାଇତି ଦେଲା। ସବୁଦିନ ପରି ଆଜି ବି ବାପାଙ୍କ ହାତକୁ ପାଣି ଗିଲାସଟେ ବଢେଇଦେଲା। ବାପା ପଚାରିଲେ ଆରେ ଲିପୁନ୍ ଆମ ପିଜୁଳି ଗଛରେ ଆଉ ପିଜୁଳି ଅଛି ନା ନାହିଁ ? ଲିପୁନ୍ କହିଲା ବାପା ପିଜୁଳ ତ ବହୁତ ଥିଲା ହେଲେ ଆଜି ଖରାବେଳେ ଦଳଦଳ ମାଙ୍କଡ ଆସି ସବୁ ଛିଣ୍ଡେଇ ଖାଇଛନ୍ତି ମୁଁ ଯେତେ ଘଉଡେଇଲି ସେ ମାନିଲେ ନାହିଁ। ହେଲେ ବାପା ସେପଟେ ସୁଧା ମାଉସୀଙ୍କ ଗଛରେ ବହୁତ ପିଜୁଳି ହେଇଛି। ବାପା କହିଲେ ମୁଁ ଅଫିସ୍ରେ ଜଣଙ୍କୁ କହି ଆସିଛି କାଲି ତାଙ୍କ ପାଇଁ ପିଜୁଳି ନେବି ବୋଲି। ଗଲା ବର୍ଷ ଦେଇଥିଲି ଯେ ସେ ଭାରି ପ୍ରଶଂସା କରିଥିଲେ। କାଲି ପିଜୁଳି ନନେଲେ ସେ କାଳେ କଣ ଭାବିବେ। ହଉ ତେବେ ଠିକ୍ ଅଛି ଦେଖିବା ଏତିକି କହି ବାପା କିଛି କ୍ଷଣ ପାଇଁ ସୋଫା ଉପରେ ବସିପଡିଲେ।

ସଂଜ ନଇଁ ଅନ୍ଧାର ଘୋଟି ଆସିଲାଣି। ବାପାଙ୍କ ମୁଣ୍ଡରେ କଣ ଜୁଟିଲା କେଜାଣି ଡାକ ଦେଲେ ଆରେ ଲିପୁନ ଟର୍ଚ୍ଚ ଧରି ଟିକେ ଛାତ ଉପରକୁ ଆସିଲୁ। ବାପାଙ୍କ ଡାକ ଶୁଣି ଲିପୁନ୍ ସଙ୍ଗେ ସଙ୍ଗେ ତାଙ୍କ ପଛେ ପଛେ ଧାଇଁଲା। ଲିପୁନ୍ ତୁ ଏଇଠି ରହ ମୁଁ ସୁଧା ମାଉସୀଙ୍କ ଛାତ ଉପରୁ ଅଳ୍ପ ଦିଟା ପିଜୁଳି ତୋଳି ଆଣେ। ହଁ ଶୁଣୁ କେହି ଆସିଲେ ମତେ ଡାକି ଦେବୁ। ସୁନା ପିଲାଙ୍କ ପରି ଲିପୁନ ଜଗି ରହିଲା। ବାପା ଥିରି ଥିରି ପାଦ ବଢେଇଲେ ସୁଧା ମାଉସୀଙ୍କ ଛାତ ଉପରେ। ଆଖପାଖ ଆଲୁଅରେ ପାଚିଲା ପିଜୁଳି ସବୁ ସ୍ୱଷ୍ଟ ଦିଶୁଥାଏ। ଏଇ ସମୟରେ ଲିପିନୁ ଧୀର ସ୍ୱରରେ ଡାକ ଦେଲା ବାପା ଫେରିଆସ କେହି ଦେଖୁଛନ୍ତି। ବାପା ଚୁପ୍ କିନା ନଇଁ ପଡିଲେ। କୋଉଠି କିଛି ତ ସୋରଶବ୍ଦ ନାହିଁ ଏ ଲିପୁନ୍ କାହାକୁ ଆଉ ଦେଖିଲା। ଛାତ ଉପର ଶିଉଳି ଦର୍ଶାଉ ଥାଏ ଆଗକୁ ଯିବା ବିପଦ। ନଣ୍ଡା ଛାତ ପୁଣି ବର୍ଷା ଗୋଟେ ପଟକୁ ଢାଙ୍କି ରହିଛି। ଫେରିଆସି ବାପା ପଚାରିଲେ ଆରେ ଲିପୁନ୍ କେହି ତ କୋଉଠି ନାହାନ୍ତି, ତୁ କାହାକୁ ଦେଖିଲୁ। ଲିପୁନ ସଙ୍ଗେସଙ୍ଗେ କହି ଉଠିଲା ବାପା ସେଦିନ କହିଥିଲ ପା' ଆମେ ଯାହା କିଛି କରୁ ଈଶ୍ୱର ସବୁ ଉପରେ ନଜର ରଖିଛନ୍ତି। ଆମେ ଯଦି ଭୁଲ ବାଟରେ ଯିବା ସେ କଣ ଆମକୁ କ୍ଷମା ଦେବେ। ପୁଅ ମୁହଁରୁ କଥାଟା ଶୁଣି ବାପାଙ୍କ ମୁହଁ ଏକବାର ଫିକା ପଡିଗଲା। ନିଜ ଶବ୍ଦରୁ ନିଜେ ଓହରି ଯାଇଥିବାରୁ ମନଟା ଖୁବ୍ କଷ୍ଟ ଲାଗିଲା। ମନେ ମନେ ଈଶ୍ୱରଙ୍କୁ ସ୍ମରଣ କଲେ ପ୍ରଭୁ ମତେ ଆଜି ଗୋଟେ ଭୁଲ କାର୍ଯ୍ୟରୁ ଆପଣ ନିବୃତ ରଖିଲେ ଆଉ ମୋ ଜୀବନ ବି ବଂଚାଇଲେ। ଆପଣଙ୍କୁ କୋଟି କୋଟି ପ୍ରଣାମ। ସେଦିନ କହିଥିବା କଥାକୁ ଆଜି ପାଳନ କରିଥିବାରୁ ବାପା ଲିପୁନ୍ର ପିଠି ଥାପୁଡେଇ ସାବାସି ଦେଲେ। ଆଉ କହିଲେ ଈଶ୍ୱର ଅଛନ୍ତି ଆଉ ସବୁ ଦେଖୁଛନ୍ତି । ତାଙ୍କ ପରି ନ୍ୟାୟବନ୍ତ ଏ ଜଗତରେ ଆଉ କେହି ବି ନାହିଁ। ବାପାଙ୍କ କଣ୍ଠସ୍ୱର ଏବେ ବେସ୍ ଦମ୍ଭ ଜଣାପଡୁଥାଏ।

+ ମଙ୍ଗଳାବାଗ, ନିୟୋଗି କଲୋନି,
କଟକ-୧,
ମୋ: ୯୯୩୭୯୬୩୯୧୦

# ଦୁଇ ଯୋଡ଼ା ବିଶେଷ ଟ୍ରେନର ସେବା ବୃଦ୍ଧି

## ପୁରୀରୁ ପଶ୍ଚିମ ଭାରତକୁ ଚଳାଚଳ କରୁଥିବା କେତେକ ଟ୍ରେନ ପାଇଁ ଅତିରିକ୍ତ ରହଣି



ଭୁବନେଶ୍ୱର,୩୦/୭ (ନି.ପ୍ର): ପୂର୍ବତଟ ରେଳପଥ ମଧ୍ୟଦେଇ ଯାତାୟାତ କରୁଥିବା ଦୁଇ ଯୋଡ଼ା ବିଶେଷ ଟ୍ରେନ ସେବାକୁ ବୃଦ୍ଧି କରିବା ପାଇଁ ରେଳ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଥିବା ବେଳେ ପୁରୀରୁ ପଶ୍ଚିମ ଭାରତକୁ ଚଳାଚଳ କରୁଥିବା କେତେକ ଟ୍ରେନ ପାଇଁ ଅତିରିକ୍ତ ରହଣି ବ୍ୟବସ୍ଥା କରାଯାଇଅଛି।

ପୂର୍ବତଟ ରେଳବାଇ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ୦୨୪୪୯/୦୨୪୫୦ ଶାଲିମାର-ସିକନ୍ଦରାବାଦ-ଶାଲିମର ସ୍ପେଶାଲ୍ ସେବାକୁ ଶାଲୀମାର ଠାରୁ ୪ ଅଗଷ୍ଟରୁ ୨୯ ସେପଟ୍ମ୍ବର, ୨୦୨୧ ପର୍ଯ୍ୟନ୍ତ ଏବଂ ସିକନ୍ଦରାବାଦ ଠାରୁ ୬ ଅଗଷ୍ଟରୁ ୧ ଅକ୍ଟୋବର, ୨୦୨୧ ପର୍ଯ୍ୟନ୍ତ ଚଳାଚଳ ସେବା ବୃଦ୍ଧି କରାଯାଇଛି।

ସେହିପରି ୦୮୬୩୭/୦୮୬୩୮ ହାଟିଆ-ବାଙ୍ଗାଲୋର କ୍ୟାଂଟ-ହାଟିଆ ସ୍ପେସିଆଲର ସେବାକୁ ହାଟିଆ ଠାରୁ ୭ ଅଗଷ୍ଟରୁ ୨୫ ସେପଟ୍ମ୍ବର ପର୍ଯ୍ୟନ୍ତ ଏବଂ ବାଙ୍ଗାଲୋର କ୍ୟାଂଟରୁ ୧୦ ଅଗଷ୍ଟରୁ ୨୮ ସେପଟ୍ମ୍ବର, ୨୦୨୧ ପର୍ଯ୍ୟନ୍ତ ଚଳାଚଳ ସେବା ବୃଦ୍ଧି କରାଯାଇଛି । ଉପରୋକ୍ତ ଟ୍ରେନ୍ ପାଇଁ ସ୍ଥିରୀକୃତ ଷ୍ଟେସନଗୁଡିକରେ ସମୟ ସାରଣୀ ଅପରିବର୍ତ୍ତିତ ରହିବ । ବିଶେଷ ଟ୍ରେନ୍ ପାଇଁ ଅତିରିକ୍ତ ରହଣି: ପୂର୍ବତଟ ରେଳବାଇ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ୦୮୪୦୫/୦୮୪୦୬ ପୁରୀ-ଅହମ୍ମଦାବାଦ-ପୁରୀ ସ୍ପେଶାଲ୍ ଉଭୟ ଦିଗରୁ ଦୋଣ୍ଡାଇଚାରେ ରହଣି ରହିବ । ୦୨୯୭୩/୦୨୯୭୪ ଗାନ୍ଧୀଧାମ-ପୁରୀ-ଗାନ୍ଧୀଧାମ ସ୍ପେଶାଲ୍ ଉଭୟ ଦିଗରୁ ଅମାଲନେର ଠାରେ ରହଣି ରହିବ। ଉ. ୦୯୪୯୩ ଗାନ୍ଧୀଧାମ-ପୁରୀ ସ୍ପେଶାଲ ଆନନ୍ଦ ଷ୍ଟେସନ ଠାରେ ରହଣି ରହିବ । ୦୨୦୩୭/୦୨୦୩୮ ପୁରୀ-ଆଜମେର-ପୁରୀ ସ୍ପେଶାଲ୍ ଉଭୟ ଦିଗରୁ ସାବରମତୀ ଷ୍ଟେସନ ଠାରେ ରହଣି ରହିବ । ୦୮୪୦୧/୦୮୪୦୨ ପୁରୀ-ଓଖା-ପୁରୀ ସ୍ପେଶାଲ୍ ଉଭୟ ଦିଗରୁ ହାପା ଏବଂ ଖମ୍ବଲିଆ ଷ୍ଟେସନ ଠାରେ ରହଣି ରହିବ ।

# ବ୍ୟାଙ୍କର୍ସମାନଙ୍କୁ ନେଇ ପିଏମ୍‌ଇଜିପି କାର୍ଯ୍ୟକ୍ରମ ଉପରେ ସମୀକ୍ଷା

ଭୁବନେଶ୍ୱର,୩୦/୭ (ନି.ପ୍ର): ବ୍ୟାଙ୍କର୍ସମାନଙ୍କୁ ନେଇ କେନ୍ଦ୍ରୀୟ ଯୋଜନା ପିଏମ୍‌ଇଜିପି ଅଗ୍ରଗତି ଉପରେ ଏମ୍‌ଏସ୍‌ଏମ୍‌ଇ ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟାଳୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି ବୈଠକରେ ରାଜ୍ୟରେ କାର୍ଯ୍ୟରତ ଉଭୟ ଜାତୀୟକରଣ ବ୍ୟାଙ୍କ ଏବଂ ଘରୋଇ ବ୍ୟାଙ୍କଗୁଡ଼ିକର ପ୍ରତିନିଧିଗଣ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମରେ ନିଜ ନିଜ ବ୍ୟାଙ୍କଗୁଡ଼ିକର ସହଯୋଗର ପରିସଂଖ୍ୟାନ ଉପସ୍ଥାପନ କରିଥିଲେ । ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ଦେଶରେ ଓଡ଼ିଶା ୧୧୪.୭% ହାସଲ କରି ତୃତୀୟ ସ୍ଥାନରେ ଥିବାବେଳେ ଚଳିତ ବର୍ଷ ଏହା ଏଯାବତ୍ ବହୁତ ପଛରେ ରହିଥିବା ସମୀକ୍ଷାରୁ ଜଣାପଡ଼ିଛି। ଏ କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ତତ୍ପରତା ପ୍ରକାଶ କରିବାକୁ ସଚିବ ତାଗିଦ୍ କରିବା ସହିତ ସରକାରୀ ଯୋଜନା ରୂପାୟନରେ ତାଙ୍କର ପ୍ରତିବଦ୍ଧତା ପ୍ରଦର୍ଶନ କରିବାକୁ କହିଥିଲେ । ରାଜ୍ୟରେ ଅନେକ ନୂତନ ଷ୍ଟାର୍ଟଅପ୍ ନିଜର ସୃଜନଶୀଳ ବୁଦ୍ଧିମତ୍ତା ବଳରେ ଅଭିନବ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ କରୁଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ନିଜସ୍ୱ ଆର୍ଥିକ ସମ୍ବଳରେ ବହୁବାଟ ଆଗେଇଯାଇ ଥିବାବେଳେ ସେମାନଙ୍କୁ ସଫଳତାର ଶୀର୍ଷକୁ ଛୁଇଁବାକୁ ହେଲେ ବ୍ୟାଙ୍କଗୁଡ଼ିକର ସହଯୋଗର ଆବଶ୍ୟକତା ରହିଛି ବୋଲି ସଚିବ ଶ୍ରୀ ସାହୁ ଉଲ୍ଲେଖ କରିଥିଲେ । ତେଣୁ ଏଗୁଡ଼ିକୁ ହାତଧରି ଆଗକୁ ନେବାରେ ବ୍ୟାଙ୍କଗୁଡ଼ିକ ଆଗକୁ ଆସିବାକୁ ହେବ ବୋଲି ସେ ଅନୁରୋଧ କରିଥିଲେ । ପ୍ରାରମ୍ଭରେ ବ୍ୟାଙ୍କ ସହଯୋଗ ଲୋଡୁଥିବା ବାରିଫ୍ଲୋ ଲାବ୍ ପ୍ରା. ଲିଃ, ଗ୍ରୋଜିପ୍, ଆଭେଟି ଲର୍ଣ୍ଣି, ହସ୍ତିକା ଏବଂ ଏନ୍‌ଏମ୍ ମ୍ୟାନେଜ୍‌ମେଂଟ ସର୍ଭିସ୍ ଷ୍ଟାର୍ଟଅପ୍‌ଗୁଡ଼ିକ ସେମାନଙ୍କ କାର୍ଯ୍ୟଖସଡ଼ା, ପ୍ରସ୍ତୁତି, ଲକ୍ଷ୍ୟ ଓ ବ୍ୟବସାୟିକ ପରିସର ଇତ୍ୟାଦି ସଂପର୍କରେ ବିବରଣୀ ଉପସ୍ଥାପନ କରିଥିଲେ । ସଚିବଙ୍କ ହସ୍ତକ୍ଷେପ ପରେ ୟୁକୋ ବ୍ୟାଙ୍କ ହସ୍ତିକା ଓ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ଗ୍ରୋଜିପ୍‌କୁ ବ୍ୟାଙ୍କ ଋଣ ଯୋଗାଇଦେବାକୁ ବୈଠକରେ ଘୋଷଣା କରିଥିଲେ । ସେହିପରି ଏନ୍‌ଏମ୍ ମ୍ୟାନେଜ୍‌ମେଂଟକୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସହଯୋଗ କରିବାକୁ ବିଚାର କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା । ପରେ ଅନେକ ଉଦ୍ୟୋଗୀ ପ୍ରଧାନମନ୍ତ୍ରୀ ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ପିଏମ୍‌ଏଫ୍‌ଏମ୍‌ଇ ସଂପର୍କରେ ଅବଗତ ନଥିବା ଦର୍ଶାଇ ଏ ଦିଗରେ କେତେ ଆଖିଦୃଶିଆ କାର୍ଯ୍ୟକ୍ରମ ନେବାକୁ ପ୍ରସ୍ତାବ ରଖାଯାଇଥିଲା । ଜିଲ୍ଲାସ୍ତରରୁ ଯାଂଚ ପ୍ରକ୍ରିୟା ନେଇ ରାଜ୍ୟସ୍ତରରେ ପହଂଚୁଥିବା ଦରଖାସ୍ତଗୁଡ଼ିକୁ କେତେକ ମାମୁଲି କାରଣ ଯୋଗୁଁ ବ୍ୟାଙ୍କ ସ୍ତରରେ ନାକଚ୍ କରାଯିବା ନେଇ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା। ସେ କ୍ଷେତ୍ରରେ ବ୍ୟକ୍ତିଗତ ଭାବେ ଯୋଗାଯୋଗ କରି ତ୍ରୁଟି ସୁଧାରିବାକୁ ପରାମର୍ଶ ଦିଆଯାଇଥିଲା । ଏଭଳି ୬୭ଟି ଦରଖାସ୍ତ ନାକଚ୍ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୫୫ଟି ଦରଖାସ୍ତ ବ୍ୟାଙ୍କ ନିକଟରେ ସ୍ଥଗିତ ରହିଥିବା ଜଣାପଡ଼ିଛି । ଜଗତସିଂହପୁର, କେନ୍ଦ୍ରାପଡ଼ା ଅଂଚଳର ବହୁ ଯାତ୍ରା କଳାକାର କୋଭିଡ୍ ମହାମାରୀଜନିତ ଲକ୍‌ଡାଉନ୍ ଯୋଗୁଁ ଯାତ୍ରା ନଚାଲିବା ହେତୁ ଛୋଟମୋଟ ବ୍ୟବସାୟ କରିବାକୁ ବାଧ ହୋଇଛନ୍ତି । ସେମାନଙ୍କୁ ବ୍ୟାଙ୍କଗୁଡ଼ିକ ସହଯୋଗ ପ୍ରଦାନ ନିମନ୍ତେ ପରାମର୍ଶ ଦିଆଯାଇଥିଲା। ପୁଣିଥରେ ବ୍ୟାଙ୍କର୍ସ ଓ ଷ୍ଟାର୍ଟଅପ୍‌ମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ ଆୟୋଜନ ନିମନ୍ତେ ପ୍ରମୁଖ ସଚିବ ପ୍ରସ୍ତାବ ରଖିଥିଲେ । ଆଜିର ଏହି ବୈଠକରେ ପ୍ରାୟ ୨୫ଟି ବ୍ୟାଙ୍କର ପ୍ରତିନିଧି ଯୋଗଦେଇଥିବାବେଳେ ଶିଳ୍ପ ନିର୍ଦ୍ଦେଶକ ଶ୍ରୀ ସାଦିକ୍ ଆଲାମ୍, ଅତିରିକ୍ତ ସଚିବ ଶ୍ରୀ ଉପେନ୍ଦ୍ର ନାରାୟଣ ଦାସ, ଅତିରିକ୍ତ ଶିଳ୍ପ ସଚିବ ଶ୍ରୀ ଏସ୍.କେ. ହୋତା, ଯୁଗ୍ମ ସଚିବ ଶ୍ରୀମତୀ ମାନସୀ ମାନ୍‌ଧାତା ପ୍ରମୁଖ ଯୋଗଦେଇଥିଲେ ।

# ବୀର ସୁରେନ୍ଦ୍ର ସାଏଙ୍କ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତି ପାଇଁ ଉନ୍ନୟନ ପରିଷଦର ଦାବି

ଭୁବନେଶ୍ୱର,୩୦/୭ (ନି.ପ୍ର): ଭି ଏସ୍ ଏସ୍ ନଗରରେ ବୀର ସୁରେନ୍ଦ୍ର ସାଏଙ୍କ ପୂର୍ଣ୍ଣାୟବ ପ୍ରତିମୂର୍ତି ପାଇଁ ଦାବି କରିଛି ଭି ଏସ୍ ଏସ୍ ନଗର ଉନ୍ନୟନ ପରିଷଦ । ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମାଙ୍କ ସୂଚନା ଅନୁସାରେ ୧୯୭୮ ମସିହା ନଗର ପ୍ରତିଷ୍ଠା ଦିନଠାରୁ ଏଠାରେ ଏକ ଛୋଟ ଆବକ୍ଷ ପ୍ରତିମୂର୍ତି ଅଛି । ସୁରେନ୍ଦ୍ର ସାଏଙ୍କର ଏକ ପୂର୍ଣ୍ଣାୟବ ପ୍ରତିମୂର୍ତି ପାଇଁ ଭି ଏସ୍ ଏସ୍ ନଗର ବାସୀ ଓ ଉତ୍କଳ ସମ୍ମିଳନୀ ପକ୍ଷରୁ ବାରମ୍ବାର ଦାବି ପରେ ୨୦୦୮ ମସିହା ଅକ୍ଟୋବର ୨୩ ତାରିଖ ଦିନ ତତ୍କାଳିନ ସଂସ୍କୃତି ମନ୍ତ୍ରୀଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକରେ ଭୁବନେଶ୍ୱରର ଜୟଦେବ ବିହାର ଛକରେ ସୁରେନ୍ଦ୍ର ସାଏଙ୍କର ଏକ ପୂର୍ଣ୍ଣାୟବ ପ୍ରତିମୂର୍ତି ପ୍ରତିଷ୍ଠା ପାଇଁ ନିଷ୍ପତି ନିଆଯାଇଥିଲା । ସୁରେନ୍ଦ୍ର ସାଏଙ୍କର ପ୍ରତିମୂର୍ତି ଭି ଏସ୍ ଏସ୍ ନଗରରେ ନବସି ଜୟଦେବ ବିହାର ଛକରେ ପ୍ରତିଷ୍ଠା ପାଇଁ ନିଷ୍ପତି ନିଆ ଯାଇଥିବାରୁ ସଂସ୍କୃତି ବିଭାଗ ବିରୋଧର ସମ୍ମୁଖିନ ହୋଇଥିଲା । ଏହା ପରେ ଅର୍ଥାଭାବର ଆଳ ଦେଖାଇ ଏହି ପ୍ରତିମୂର୍ତି ଆଜି ପର୍ଯ୍ୟନ୍ତ ପ୍ରତିଷ୍ଠା ହୋଇ ପାରିନାହିଁ । ଭି ଏସ୍ ଏସ୍ ନଗର ଉନ୍ନୟନ ପରିଷଦ ଓ ଉତ୍କଳ ସମ୍ମିଳନୀ ପକ୍ଷରୁ ବହୁବାର ସଂସ୍କୃତି ବିଭାଗକୁ ଅନୁରୋଧ କରିବା ସହିତ ବାରମ୍ବାର ଦାବି କଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାଁନ୍ତି ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦାଶଶର୍ମା କହିଛନ୍ତି । ନିକଟରେ ପାଂଚୋଟି ପ୍ରତିମୂର୍ତି ପ୍ରତିଷ୍ଠା ପାଇଁ ନିଷ୍ପତି ନିଆଯାଇଥିଲେ ମଧ୍ୟ ଭି ଏସ୍ ଏସ୍ ନଗରକୁ ଅଣଦେଖା କରାଯାଇ ଥିବା ଅଭିଯୋଗ ହୋଇଛି ।

# ନୂଆ ଶିକ୍ଷାନୀତିର ଏକବର୍ଷ ପୂର୍ତ୍ତି ପରିପ୍ରେକ୍ଷୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ଚିଠି

# ପ୍ରତି ଜିଲ୍ଲାରେ ପଛୁଆବର୍ଗଙ୍କ ପାଇଁ ଆବାସିକ ପ୍ରଶିକ୍ଷଣ ଖୋଲିବାକୁ ଦାବି

ଭୁବନେଶ୍ୱର,୩୦/୭ (ନି.ପ୍ର): ଆଜି ଦେଶ ଯେତେବେଳେ ନୂଆ ଶିକ୍ଷାନୀତିର ଏକବର୍ଷ ପୂର୍ତି ପାଳନ କରୁଛି, ସେହି ଅବସରରେ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ତରଫରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ଚିଠି ଲେଖାଯାଇ ଦେଶର ସମସ୍ତ ଜିଲ୍ଲା ସଦର ମହକୁମାରେ ଆବାସିକ ପ୍ରଶିକ୍ଷଣ କେନ୍ଦ୍ର ପଛୁଆବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଖୋଲିବାକୁ ଦାବି କରାଯାଇଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଦ୍ୱାରା ଲିଖିତ ଏହି ପତ୍ରରେ ଦର୍ଶାଯାଇଛି ଯେ, ଦେଶର ଅର୍ଦ୍ଧାଧିକ ଜନସାଧାରଣ ହେଉଛନ୍ତି ପଛୁଆବର୍ଗର। ଭାରତ ଭଳି ଏକ କୃଷିପ୍ରଧାନ ଦେଶରେ ପଛୁଆବର୍ଗ ସବୁବେଳେ ସମାଜକୁ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଯୋଗାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ସେହି ଶ୍ରେଣୀ ହେଉଛି ଦେଶର ପ୍ରମୁଖ ଶ୍ରମିକଗୋଷ୍ଠୀ ଯିଏକି, ଚଷା ହିସାବରେ ଖାଦ୍ୟ ଉତ୍ପାଦନ କରିଛି, ତନ୍ତୀ ହିସାବରେ ବସ୍ତ୍ର ଯୋଗାଇଛି, ବଢେଇ, କମାର ହିସାବରେ କୃଷି ଯନ୍ତ୍ରପାତି ଓ ଘରତିଆରି ଜିନିଷ ଉତ୍ପାଦନ କରିଛି ଏବଂ ଗୋପାଳକ ହିସାବରେ ଦୁଗ୍ଧ ଉତ୍ପାଦନ କରି ସମାଜକୁ ପୁଷ୍ଟିକର ଆହାର ଯୋଗାଇଛି। କିନ୍ତୁ ଆଜିର ଅର୍ଥନୈତିକ ବ୍ୟବସ୍ଥା ଭିତରେ ଏହି ଶ୍ରେଣୀର ପାରମ୍ପରିକ ଦକ୍ଷତା ଓ କାରିଗରୀ କୌଶଳ ଆଜି ଅଦରକାରୀ ହୋଇପଡ଼ିଛି। ଫଳରେ ସେମାନେ ନିଜ ଜୀବନ ଜୀବିକା ହରାଇ ବାଧ ହୋଇ ଦେଶାନ୍ତରୀ ହେଉଛନ୍ତି। ସେମାନଙ୍କୁ ଆଜିର ଦୁନିଆର ଅର୍ଥନୈତିକ ଆହ୍ୱାନର ସମ୍ମୁଖୀନ ହେବାକୁ ହେଲେ ସେମାନଙ୍କ ଜ୍ଞାନକୌଶଳକୁ ଆହୁରି ଅଧିକ ଉନ୍ନତ ଓ ଦକ୍ଷ କରିବାକୁ ପଡ଼ିବ। ସେଥିପାଇଁ ଦରକାର ଆବଶ୍ୟକୀୟ ପ୍ରଶିକ୍ଷଣ। ତେଣୁ କେନ୍ଦ୍ର ସରକାର ନବୋଦୟ ବିଦ୍ୟାଳୟ ଢାଂଚାରେ ଦେଶର ସମସ୍ତ ଜିଲ୍ଲା ସଦର ମହକୁମାରେ ଏହି ବର୍ଗ ପାଇଁ ମୁକ୍ତ ଆବାସିକ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରିବାକୁ ଶ୍ରୀ ବେହେରା ତାଙ୍କ ଚିଠିରେ ଦାବି କରିଛନ୍ତି। ଏହି ପ୍ରଶିକ୍ଷିତ ଗୋଷ୍ଠୀ ଭିତରେ ମହିଳା ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରିବାକୁ ସେ ଉଲ୍ଲେଖ କରିଛନ୍ତି। ଏହା ଫଳରେ ଏହି ବର୍ଗର ଜୀବନ ଜୀବିକାର ସୁରକ୍ଷା ହେବା ସହିତ ଆଧୁନିକ ବିଶ୍ୱର ନୂଆ ଆହ୍ୱାନକୁ ସମ୍ମୁଖୀନ ହେବାରେ ଆମ ଦେଶରେ ଉଦ୍ୟୋଗ ବିକାଶ କ୍ଷେତ୍ରରେ ଏକ ଦକ୍ଷ ସଂଗଠିତ ମାନବ ସମ୍ବଳ ସୃଷ୍ଟି ହୋଇପାରିବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ଓଡ଼ିଶା ସରକାର ମଧ ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ କେନ୍ଦ୍ର ସରକାର ଉପରେ ଚାପ ପ୍ରୟୋଗ କରିବାକୁ ଏବଂ ପଛୁଆବର୍ଗର ବିକାଶ ପାଇଁ ଏକ ଦକ୍ଷ ମାନବ ସମ୍ବଳ ଗୋଷ୍ଠୀ ତିଆରି କରିବାକୁ ଶ୍ରୀ ବେହେରା ଆହ୍ୱାନ ଦେଇଛନ୍ତି।

# ପିସିସି ଗଠନ କଲା ପଂଚାୟତ ନିର୍ବାଚନ କମିଟି

ଭୁବନେଶ୍ୱର,୩୦/୭ (ନି.ପ୍ର): ଆଗାମୀ ତ୍ରିସ୍ତରୀୟ ପଂଚାୟତ ରାଜ ନିର୍ବାଚନକୁ ଦୃଷ୍ଟିରେ ରଖି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ରାଜ୍ୟସ୍ତରୀୟ କମିଟି ଘୋଷଣା କରିଛନ୍ତି। ଏହି କମିଟିରେ ବରିଷ୍ଠ କଂଗ୍ରେସ ନେତା ଯଜ୍ଞେଶ୍ୱର ବାବୁ ଆବାହକ ଥିବା ବେଳେ ଉମା ବଲ୍ଲଭ ରଥ, ମନୋରଞ୍ଜନ ଦାଶ, ଦେଓ ପ୍ରସାଦ, କୈଳାସ ସାହୁ ପ୍ରମୁଖ ସଦସ୍ୟ ରହିଛନ୍ତି। ଏହି କମିଟି ତୃଣମୂଳ ସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ କିପରି ମ୍ୟୁନିସପାଲଟି ଏବଂ ପଂଚାୟତ ସଂଗଠନକୁ ପ୍ରସ୍ତୁତ କରାଯିବ ସେଥିନେଇ ସବିଶେଷ ତଥ୍ୟ ସଂଗ୍ରହ କରି ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କମିଟିକୁ ପ୍ରଦାନ କରିବା ପାଇଁ ଶ୍ରୀ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି ବୋଲି ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଅବସରପ୍ରାପ୍ତ କର୍ମଚାରୀଙ୍କୁ ବର୍ଦ୍ଧିତ ୧୧% ମହଙ୍ଗା ଭତ୍ତା ଯୋଗାଇ ଦେବାକୁ ଦାବି

ଭୁବନେଶ୍ୱର,୩୦/୭ (ନି.ପ୍ର): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାର ଅବସରପ୍ରାପ୍ତ କର୍ମଚାରୀ ସଂଘ ତରଫରୁ ବର୍ଦ୍ଧିତ ୧୧% ମହଙ୍ଗା ଭତ୍ତା ଦେବାକୁ ଅନୁରୋଧ କରାଯାଇଛି। ଅବସରପ୍ରାପ୍ତ କର୍ମଚାରୀମାନେ ସମସ୍ତେ ୬୦ ବର୍ଷରୁ ଉର୍ଦ୍ଧ୍ୱ ଅତିକ୍ରମ କରିଥିବାରୁ ସେମାନଙ୍କୁ ବରିଷ୍ଠ ନାଗରିକ ଭାବରେ ବିବେଚନା କରାଯାଏ। ପ୍ରାୟ ସମସ୍ତେ ମଧୁମେହ ଓ ରକ୍ତଚାପ ଜନିତ ରୋଗରେ ଆକ୍ରାନ୍ତ ତଥା ମହାମାରୀ କରୋନା ରୋଗରେ ସଂକ୍ରମିତ ହୋଇ ଦୁର୍ଦ୍ଦିନର ସମ୍ମୁଖୀନ ହେଉଛନ୍ତି। ଏପରିକି ସ୍ୱଳ୍ପ ବେତନଭୋଗୀ କର୍ମଚାରୀମାନେ ଦରଦାମ ବୃଦ୍ଧି ହେତୁ ଭୋକ ଉପାସରେ କାଳାତିପାତ କରୁଛନ୍ତି। ଇତି ମଧ୍ୟରେ କେନ୍ଦ୍ର ସରକାର ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ୧୧% ମହଙ୍ଗା ଭତ୍ତା ପ୍ରଦାନ କରିସାରିଛନ୍ତି। ତେଣୁ ଆମ୍ଭମାନଙ୍କୁ ଅନୁକମ୍ପା ରାଶି ପ୍ରଦାନ ପୂର୍ବକ ଓଡ଼ିଶା ସରକାର ଆମ୍ଭର ଦାବିକୁ ବିଚାରକୁ ନେଇ ଆମ୍ଭଙ୍କୁ ୧୧% ମହଙ୍ଗା ଭତ୍ତା ପ୍ରଦାନ କରିବାକୁ ସଂଘ ତରଫରୁ ସଭାପତି ବିଶ୍ୱନାଥ ମହାନ୍ତି ନିବେଦନ କରାଯାଇଛି।

# ସୁର ଭାଇଙ୍କ ଜୟନ୍ତୀରେ ହେବ ମେଗା ରକ୍ତଦାନ ଶିବିର

ଭୁବନେଶ୍ୱର,୩୦/୭ (ନି.ପ୍ର): ଓଡ଼ିଶାର ଜନପ୍ରୀୟ ନେତା ବିଧାୟକ ତଥା ସମସ୍ତଙ୍କ ପ୍ରୀୟ ସୁର ଭାଇ ସୁରେଶ କୁମାର ରାଉତରାୟଙ୍କ ୭୮ତମ ଜନ୍ମ ଉତ୍ସବ ପାଇଁ ରାମେଶ୍ୱର ପାଟଣାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅଗଷ୍ଟ ୧୦ତାରିଖରେ ଶ୍ରୀ ରାଉତରାୟଙ୍କ ଜୟନ୍ତୀରେ ମାଉସିମା ଛକଠାରେ ପୂର୍ବାହ୍ନରେ ମେଗା ରକ୍ତଦାନ ଶିବର ହେବ। ଏଥି ସହ ବିଏମ୍‌ସି ହସ୍‌ପିଟାଲ, ଜଟଣୀ ହସ୍‌ପିଟାଲରେ ଓ ଲିଙ୍ଗରାଜ ମନ୍ଦିରଠାରେ ଫଳ ବଂଟନ, ମାସ୍କ ବଂଟନ ଓ ଦରିଦ୍ର ନାରାୟଣ ସେବା କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି। ଜୟନ୍ତୀ କମିଟିର ସମ୍ପାଦକ ଜୟକୃଷ୍ଣ ମଲିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦିଲ୍ଲୀପ ମିଶ୍ର, ବିଷ୍ଣୁ ପ୍ରସାଦ ମୁଦୁଲି, କ୍ୟାପଟେନ୍ ମନ୍ମଥ କୁମାର ରାଉତରାୟ, ଶ୍ରୀବସ୍ତ ପତି, ସଚ୍ଚିକାନ୍ତ ମଲିଆ ଓ ଶତାଧିକ ବ୍ୟକ୍ତି ସାମିଲ ହୋଇଥିଲେ।

# କଟକରେ ଏସ୍.ସି, ଏସ୍‌ଟି ଆକ୍ଟର କାର୍ଯ୍ୟକାରିତା ନିମନ୍ତେ ଦିନିକିଆ ଆଡ଼ଭୋକେଟ ପରାମର୍ଶ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୩୦/୭ (ନି.ପ୍ର): ରାଜ୍ୟରେ ଅନୁସୂଚିତ ବର୍ଗଙ୍କ ଉପରେ ନିର୍ଯ୍ୟାତନା ଘଟଣା ବଢି ଚାଲିଥିବା ପରିପ୍ରେକ୍ଷୀରେ ଏସ୍‌ସି, ଏସ୍‌ଟି (ନିର୍ଯ୍ୟାତନା ନିବାରଣ) ଆଇନର କାର୍ଯ୍ୟକାରିତା ସମ୍ପର୍କରେ ଏକ ଦିନିକିଆ ଅଧିବକ୍ତା ପରାମର୍ଶ ବୈଠକ କଟକସ୍ଥିତ ପାନ୍ଥନିବାସ ଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମାନବ ଅଧିକାର କମିଶନ ସଦସ୍ୟ ଶ୍ରୀ ଅସୀମ ଅମିତାଭ ଦାଶ ଓ ପ୍ରାକ୍ତନ ଖାଦ୍ୟ କମିଶନ ସଦସ୍ୟା ଡ. ସିପ୍ରା ମଲ୍ଲିକ ଏଥିରେ ଅତିଥି ଭାବେ ଯୋଗଦାନ କରି ଆଇନ ଓ ସମ୍ବିଧାନର ସଠିକ ପ୍ରୟୋଗ ନିମନ୍ତେ ସ୍ୱତନ୍ତ୍ର ଭାବରେ ଦୃଢ ପଦକ୍ଷେପ ନିଆଯିବ ବୋଲି ଘୋଷଣା କରିଥିଲେ ଏବଂ ଆଡ଼ଭୋକେଟମାନେ କିଭଳି ସକ୍ରିୟ ଭୂମିକା ନେବା ଆବଶ୍ୟକ ସେ ବିଷୟରେ ପରାମର୍ଶ ଦେଇଥିଲେ। ରାଜ୍ୟର ଅଗ୍ରଣୀ ଗଣସଂଗଠନ ଆମ୍ବେଦକର ଲୋହିଆ ବିଚାରମଞ୍ଚ ଓ ରାଷ୍ଟ୍ରୀୟ ଦଳିତ ନ୍ୟାୟ ଆନ୍ଦୋଳନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ୬ଟି ଜିଲ୍ଲାରୁ ଆଡ଼ଭୋକେଟମାନେ ଯୋଗ ଦେଇ ବିଚାର ବିମର୍ଷରେ ଭାଗ ନେଇଥିଲେ। ବିଚାର ମଞ୍ଚର ସଭାପତି ସଂଗ୍ରାମ ମଲିକ ଏଥିରେ ସଭାପତିତ୍ୱ କରି ରାଜ୍ୟରେ ନିର୍ଯ୍ୟାତନା ମାମଲା ବଢି ଚାଲିଥିଲା ବେଳେ ଖୁବ୍ କମ୍ ସଂଖ୍ୟକ ମାମଲାର ବିଚାର ଶେଷ ହେଉଛି ଓ ଅତି ନଗଣ୍ୟ ଦୋଷୀସାବ୍ୟସ୍ତ ହାର ରହିଛି ବୋଲି ଉଦ୍‌ବେଗ ପ୍ରକାଶ କରିଥିଲେ। ୨୦୧୯ ମସିହାର ଏନ.ସି.ଆର.ବି ତଥ୍ୟ ଆଧାରରେ ସେହିବର୍ଷ ମାତ୍ର ୧୨ଟି ମାମଲାର ରାୟ ପ୍ରକାଶ ପାଇଥିଲା ଯାହା ମଧ୍ୟରୁ ୨ଟି ମାମଲାରେ ଅଭିଯୁକ୍ତମାନେ ଦୋଷୀସାବ୍ୟସ୍ତ ହୋଇଥିଲେ; ଅପର ପକ୍ଷରେ ସତର ହଜାରରୁ ଅଧିକ ମାମଲା ଏସ୍‌ସି, ଏସ୍‌ଟି ଆକ୍ଟ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ବିଚାରାଳୟଗୁଡ଼ିକରେ ପଡ଼ି ରହିଥିଲା। ଏଣୁ ଦୈନନ୍ଦିନ ଶୁଣାଣୀ କରାଯାଇ ତ୍ୱରିତ ବିଚାର ପାଇଁ ଆଡ଼ଭୋକେଟମାନେ କୋର୍ଟ ନିକଟରେ ଉପସ୍ଥାପନ କରିବାକୁ ଶ୍ରୀ ମଲିକ କହିଥିଲେ। ଏହା ସହିତ ନିର୍ଯ୍ୟାତିତ ଓ ସାକ୍ଷୀମାନଙ୍କର ସମ୍ପର୍କୀୟଙ୍କୁ ସୁରକ୍ଷା, ତଦନ୍ତ ଅନୁସନ୍ଧାନ ଓ ବିଚାର ସମୟରେ ଯାତାୟତ ଖର୍ଚ୍ଚ, ସାମାଜିକ-ଆର୍ଥିକ ଥଇଥାନ ଏବଂ ସ୍ଥାନାନ୍ତରଣ ଆଦି ସମ୍ପର୍କରେ ସ୍ୱତନ୍ତ୍ର କୋର୍ଟର କ୍ଷମତା ରହିଛି ଓ ସେ ସମ୍ପର୍କରେ ପିଟିସନ ଦାଖଲ କରିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ। ଜାତୀୟ ଦଳିତ ନ୍ୟାୟ ଆନ୍ଦୋଳନର ସାଧାରଣ ସମ୍ପାଦକ ଡ. ରାହୁଲ ସିଂ ଏସ୍‌ସି, ଏସ୍‌ଟି ଆକ୍ଟର ସଂଶୋଧନ ଓ ସେଥିରେ ରହିଥିବା ବିଶେଷ ବ୍ୟବସ୍ଥା ଗୁଡ଼ିକ ଉପସ୍ଥାପନା କରିବା ସହିତ ଏହି ଆଇନ ଅନ୍ତର୍ଗତ ମାମଲାର ସ୍ୱତନ୍ତ୍ର ସରକାରୀ ଅଭିଯୋଜକ (ସ୍ପେଶାଲ ପି.ପି) ସଠିକ ଭାବରେ ମାମଲା ପରିଚାଳନା ନ କରୁଥିଲେ ତାଙ୍କୁ ପରିବର୍ତ୍ତନ କରି ନିର୍ଯ୍ୟାତିତଙ୍କ ପସନ୍ଦର ସ୍ପେଶାଲ ପି.ପି ସରକାରୀ ଖର୍ଚ୍ଚରେ ନିଯୁକ୍ତି କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହି ଅବସରରେ ଦେଶରେ ଏହି ଆଇନର ପ୍ରୟୋଗର ସ୍ଥିତି ସମ୍ପର୍କରେ ଏକ ରିପୋର୍ଟ 'କ୍ୱେଷ୍ଟ ଫର୍ ଜଷ୍ଟିସ୍' ଉନ୍ମୋଚନ କରାଯାଇଥିଲା।

# ରାଜ୍ୟରେ ଡେଙ୍ଗୁ ବ୍ୟାପିଲାଣି : ବିଜେଡ଼ି ସରକାରଙ୍କ ନିଦ ଭାଙ୍ଗୁନି

## ମହାନଗର ନିଗମମାନେ ଲୋକଙ୍କୁ ମୃତ୍ୟୁମୁଖକୁ ଠେଲିଦେଉଛନ୍ତି

## ଡେଙ୍ଗୁ ମହାମାରୀକୁ ହାଲୁକାରେ ନେବା ସରକାରଙ୍କୁ ମହଙ୍ଗା ପଡ଼ିବ : କଂଗ୍ରେସ

ଭୁବନେଶ୍ୱର ,୩୦/୭ (ନି.ପ୍ର): କରୋନା ମହାମାରୀ ପାଇଁ ସାରା ବିଶ୍ୱ ଏକ ଭୟଙ୍କର ସ୍ଥିତି ଦେଇ ଗତିକରୁଛି। କରୋନାର ଭୟଙ୍କର କରାଳ ରୂପ ଲୋକଙ୍କ ମନରୁ ଲିଭି ନଥିଲା ବେଳେ ବର୍ତ୍ତମାନ ଦେଶରେ ଡେଙ୍ଗୁ ମହାମାରୀର ପ୍ରକୋପ ଦେଖା ଦେଲାଣି। ଆମେ ଆଗରୁ ଶୁଣିଥିଲେ ଦେଶର ବିଭିନ୍ନ ସ୍ଥାନରୁ ଯଥା ଦିଲ୍ଲୀ, ସୁରଟ ସମେତ ଦେଶର ଅନ୍ୟାନ୍ୟ ବଡ଼ ସହରରୁ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଥିଲେ। କିନ୍ତୁ ଏବେ ଆମ ରାଜ୍ୟ ଓଡ଼ିଶାରେ ବି ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ଏକ ନିର୍ଦ୍ଦିଷ୍ଟ ଜାତି ମଶା ଦ୍ୱାରା ଏହି ଡେଙ୍ଗୁ ରୋଗ ବ୍ୟାପୁଛି। ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧିପାଇ ରାଜ୍ୟରେ ଗୁରତର ଆକାରରେ ଧାରଣ କଲାଣି। କରୋନା ସାଂଗକୁ ଡେଙ୍ଗୁରୋଗ ଲୋକଙ୍କୁ ଭୟଭିତ କରୁଛି। ଆଜି ସୁଦ୍ଧା ରାଜ୍ୟରେ ସରକାରୀ ହିସାବରେ ୪୫୩ ରୋଗୀ ଚିହ୍ନଟ ହୋଇଛନ୍ତି ଏବଂ ପ୍ରତିଦିନ ୩୦ ରୁ ଅଧିକ ଲୋକ ଡେଙ୍ଗୁରୋଗରେ ଆକ୍ରାନ୍ତ ହେଉଛନ୍ତି ବୋଲି ସରକାରୀ ହିସାବରୁ ଜଣାଯାଏ। କିନ୍ତୁ ପ୍ରକୃତରେ ହଜାର ହଜାର ସଂଖ୍ୟାରେ ଡେଙ୍ଗୁ ରୋଗୀ ସଂକ୍ରମିତ ହେଉଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ମୁଖପାତ୍ର ଡ. ଦେବାଶିଷ ପଟ୍ଟନାୟକ ଓ ଅନ୍ୟତମ ମୁଖପାତ୍ର ଶ୍ରୀ ମନୋରଞ୍ଜନ ଦାଶ ଅଭିଯୋଗ କରି କହିଛନ୍ତି। ଡ. ପଟ୍ଟନାୟକ କହିଛନ୍ତି ଆଗରୁ ଓଡ଼ିଶାରେ ଡେଙ୍ଗୁ କେବେ ଦେଖାଦେଇ ନଥିଲା। ବିଗତ ୩-୪ ବର୍ଷ ଧରି ଆମ ରାଜ୍ୟରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ଘଟିବା ସହିତ ବହୁ ଲୋକ ମୃତ୍ୟୁବରଣ କରୁଛନ୍ତି। ପୌରାଂଚଳର ଅଧିବାସୀ ମାନଙ୍କ ଠାରୁ ଟିକସ ଆଦାୟ କରୁଥିବା ମହାନଗର ନିଗମ ସମେତ ରାଜ୍ୟର ପୌର କର୍ତ୍ତୃପକ୍ଷମାନେ ଡେଙ୍ଗୁ ରୋଗ ନିୟନ୍ତ୍ରଣ କରିବାରେ ସଂପୂର୍ଣ୍ଣ ବିଫଳ ବୋଲି କଂଗ୍ରେସ ଅଭିଯୋଗ କରିଛି। ସାଧାରଣ ଜନତାଙ୍କ ଜୀବନର ମୂଲ୍ୟ ଅପେକ୍ଷା ରାଜ୍ୟସରକାରଙ୍କ ପଦାଧିକାରୀ ଓ ନେତାମାନେ ପ୍ରିୟାପ୍ରୀତି ପୋଷଣ ଓ ଅର୍ଥ ତୋଷରପାତରେ ବ୍ୟସ୍ତ ରହୁଛନ୍ତି। ସେହିପରି ନଗର ଉନ୍ନୟନ ମନ୍ତ୍ରୀ ଏକ ହତ୍ୟାମାମଲାରୁ ନିଜ ନାମକୁ କାଟିବାକୁ ଉଦ୍ୟମ କରୁଥିବା ବେଳେ ଡେଙ୍ଗୁ ମୁକାବିଲା କିଭଳି ହେବ ତାହାକୁ ନେଇ ଚିନ୍ତା କରୁନାହାନ୍ତି କି ତାଙ୍କ ବିଭାଗ କୌଣସି ଆବଶ୍ୟକ ପଦକ୍ଷେପ ନେଉଁ ନାହାନ୍ତି। ପୌରାଂଚଳରେ ହୋଲଡିଂ ଟ୍ୟାକ୍ସ ନେଉଛନ୍ତି କିନ୍ତୁ ସେବା ଯୋଗାଇ ଦେଉନାହାନ୍ତି କାହିଁକି ବୋଲି ନଗର ଉନ୍ନୟନ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି ଡ. ପଟ୍ଟନାୟକ। ପୌରାଂଚଳ ଓ ସହରାଂଚଳରେ ଦୁଇବର୍ଷରୁ ଅଧିକ ସମୟ ଧରି ଜନପ୍ରତିନିଧି ନଥିବାରୁ ରାଜ୍ୟରେ ଏଭଳି ଅବସ୍ଥା ଦେଖାଦେଇଛି। କେବଳ ଲୋକମାନଙ୍କ ପାଖରୁ ଫାଇନ ଆଦାୟ କରାଯାଉଛି କିନ୍ତୁ ଡେଙ୍ଗୁ ରୋଗୀଙ୍କ ଜୀବନ ରକ୍ଷାପାଇଁ ସରକାର କୌଣସି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିନାହାନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ନଗରବାସୀଙ୍କ ପାଇଁ କେତେକ ପରାମର୍ଶମାନ (ଏୟାର କୁଲରେ ଥିବା ପାଣି, ପୂଜାଘରେ ଥିବା ଜଳପାତ୍ର, ଘରେ ମହଜୁତ ଥିବା ଜଳପାତ୍ର ଆଦିର ଜଳକୁ ନିୟମିତ ଭାବେ ପରିବର୍ତ୍ତନ ଓ ସଫା କରିବା) ଦେଇ ସରକାର ହାତ ଟେକି ଦେଇଛନ୍ତି। କେବଳ ମିଥ୍ୟା ପ୍ରଚାର, ମିଥ୍ୟା ପ୍ରତିଶୃତି ଦେଇ ଜନସାଧାରଣଙ୍କୁ ପ୍ରତାରଣା କରିଚାଲିଛନ୍ତି ବୋଲି ସେ କହିଛନ୍ତି। ବିଶେଷକରି ଭୁବନେଶ୍ୱର ଓ କଟକ ସହରରେ ଏହା କାୟା ବିସ୍ତାର କରିଚାଲିଛି। ୧୦୭ରୁ ଅଧିକ ଡେଙ୍ଗୁ ରୋଗରେ ସଂକ୍ରମିତ ହୋଇଛନ୍ତି। ଭୁବନେଶ୍ୱର ଏବଂ କଟକର ଅଧିକାଂଶ ଅଂଚଳରେ ଡେଙ୍ଗୁରୋଗର ପାଦୁର୍ଭାବ ବଢୁଛି। ନଗର ଉନ୍ନୟନ ପକ୍ଷରୁ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡେଙ୍ଗୁ ବ୍ୟାପିବା ସ୍ୱୀକାରକରି ଗଣମାଧ୍ୟମରେ ବିବୃତି ରଖିସାରିଛନ୍ତି। ଦୈତନଗରୀ ଭୁବନେଶ୍ୱର କଟକରେ ସରକାରୀ ହିସାବରେ ଡେଙ୍ଗୁରେ କେହି ମୃତ କରିନଥିଲେ ବି ଯେଉଁ ପରିମାଣରେ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି ତାହା ଆଗକୁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ ସେଥିପାଇଁ ସରକାର ଦାୟି ରହିବେ ବୋଲି ମୁଖପାତ୍ର ଶ୍ରୀ ଦାଶ ସରକାରଙ୍କୁ ଚେତେଇ ଦେଇଛନ୍ତି। ଭୁବନେଶ୍ୱର ସ୍ମାର୍ଟ ସିଟି ବୋଲି ସରକାର ଡିଣ୍ଡିମ ପିଟୁଥିବା ବେଳେ, ଏଠି ନାଳନର୍ଦ୍ଦମା ସଫା ନହେବା, ମଶାତେଲ ନପଡ଼ିବା, ମଶାଧୂଆଁ ଗାଡ଼ି ନବୁଲିବା ଦ୍ୱାରା ଡେଙ୍ଗୁ ବ୍ୟାପୁଛି ବୋଲି ଶ୍ରୀ ଦାଶ କହିଛନ୍ତି। ସରକାରଙ୍କ ଏଭଳି ଆଭିମୁଖ୍ୟ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ଦାଶ କହିଥିଲେ। ଏହି ଅବସରରେ ସରକାରଙ୍କୁ କଂଗ୍ରେସ ଦଳ ତରଫରୁ କେତେଗୁଡ଼ିଏ ପ୍ରଶ୍ନ କରାଯାଇଛି । କଂଗ୍ରେସ ପକ୍ଷରୁ ପ୍ରଶ୍ନ କରା ଯାଇଛି ଯେ ଟିଫୋ ମେସିନ କେତୋଟି ଆସିଥିଲା, ଏବେ କେଉଁ ଅବସ୍ଥାରେ ଅଛି ଏବଂ ବର୍ତମାନ କେତୋଟି କାର୍ଯ୍ୟକ୍ଷମ କରୁଛି ?

# ବିଜୟଶ୍ରୀ ରାଉତରାୟଙ୍କ ସ୍ମୃତିରେ ସ୍ୱତନ୍ତ୍ର ପୋଷ୍ଟାଲ୍ କଭର

ଭୁବନେଶ୍ୱର ,୩୦/୭ (ନି.ପ୍ର): ପୂର୍ବ ଭାରତ ଚାଣକ୍ୟ ଆସୋସିଏସନ୍ (ଇଆଇପିଏ) ଓ ଭାରତୀୟ ଡାକ, ଓଡ଼ିଶା ସର୍କଲର ମିଳିତ ପ୍ରୟାସରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଜୟଶ୍ରୀ ରାଉତରାୟଙ୍କ ୬୮ତମ ଜନ୍ମଦିବସ ଅବସରରେ ଏକ ସ୍ୱତନ୍ତ୍ର ପୋଷ୍ଟାଲ୍ କଭର ପିଏମ୍‌ଜି ଅଫିସ ଠାରେ ଉନ୍ମୋଚନ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଯୋଗ ଦେଇ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ ଯେ ସ୍ୱର୍ଗତ ରାଉତରାୟ ଛାତ୍ରଙ୍କ ଜୀବନ କାଳରୁ ପୋଷ୍ଟାଲ୍ ଷ୍ଟାମ୍ପ୍ କଲେକ୍‌ସନ ନିଶା ଥିଲା। ଏପରିକି ସେ ବିଧାୟକ ଓ ମନ୍ତ୍ରୀ ଥିବା ସମୟରେ ବି ଏହି ନିଶା ଜାରି ରଖିଥିଲେ। ଆଜିର ଦିନରେ ଛାତ୍ରଛାତ୍ରୀମାନେ ବି ଏଭଳି ଅଭ୍ୟାସ ପ୍ରତି ଆଗ୍ରହୀ ହେବା ଉଚିତ ବୋଲି ସେ କହିଥିଲେ।

ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଚିଫ୍ ପୋଷ୍ଟମାଷ୍ଟର ଜେନେରାଲ ଶୁଭେନ୍ଦୁ ସ୍ୱାଇଁ ସ୍ୱର୍ଗତ ରାଉତରାୟଙ୍କ ଇଆଇପିଏ ପ୍ରତି ଥିବା ଭଲ ପାଇବା ବିଷୟରେ ଆଲୋଚନା କରିଥିଲେ। ଇଆଇପିଏ ସଂପାଦକ ଶାନ୍ତି ସ୍ୱରୁପ ରଥ ସ୍ୱର୍ଗତ ରାଉତରାୟଙ୍କ ଦିଗ୍‌ଦର୍ଶନରେ ହୋଇଥିବା ବିଭିନ୍ନ ପ୍ରଦର୍ଶନୀ ଉପରେ ଆଲୋକପାତ କରିଥିଲେ। ସ୍ପେଶାଲ୍ କଭର, ପାଷ୍ଟଫାଇଟ୍ କଭର, କୋଭିଡ୍ ଫ୍ରାଙ୍କିଙ୍ଗ୍ କଭର ଏବଂ ଫ୍ଲୋରା ଫାଉନା ପୋଷ୍ଟକାର୍ଡ ଆଦି ସ୍ୱର୍ଗତ ରାଉତରାୟଙ୍କ ଦିଗ୍‌ଦର୍ଶନରେ ରିଲିଜ୍ ହୋଇଛି ବୋଲି ଶ୍ରୀ ରଥ କହିଥିଲେ। କାର୍ଯ୍ୟକ୍ରମରେ ଇଆଇପିଏର ବରିଷ୍ଠ ସଦସ୍ୟ ଅନିଲ ଧୀର ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ଦୁର୍ଗାଦତ୍ତ ରାଉତରାୟ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଦେବାଶିଷ ମିତ୍ରା, କାଶୀନାଥ ସାହୁ, ଅଜିତ ଦାଶ, ଅନୁପ ରାଉତ, ଆଦିତ୍ୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ବ୍ରାହ୍ମଣ ମହାସଂଘର ଜିଲ୍ଲା ଅଧିବେଶନ

ଭଦ୍ରକ,୩୦/୦୭ (ନି.ପ୍ର): ଓଡ଼ିଶା ବ୍ରାହ୍ମଣ ମହାସଂଘ ଭଦ୍ରକ ଜିଲ୍ଲା ଶାଖା ତରଫରୁ ଏକ ଅଧିବେଶନ ଶିକ୍ଷାବିତ୍ ପଦ୍ମନାଭ ପାଢୀଙ୍କ ସଭାପତିତ୍ୱରେ ସରସ୍ୱତୀ ବିହାର ଠାରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଏହି ଅନୁଷ୍ଠାନର ଅଧକ୍ଷ ଡଃ ସଦାନନ୍ଦ ଦିକ୍ଷିତ ସ୍ୱାଗତ ଅଭିଭାଷଣ ରଖିଥିଲେ। ଶିକ୍ଷାବିତ୍ ସ୍ୱର୍ଗୀୟ ବଳରାମ ପାଣିଗ୍ରାହୀ ତଥା ରାଜ୍ୟ ଉପସଭାପତି ସ୍ୱର୍ଗୀୟ ରାଜେନ୍ଦ୍ର ନାରାୟଣ ତ୍ରିପାଠୀଙ୍କ ବିୟୋଗରେ ଶୋକ ପ୍ରକଟ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ହିନ୍ଦୁ ଧର୍ମ ଓ ରାଷ୍ଟ୍ରବାଦର ପ୍ରତୀକ ଭାବେ ବ୍ରାହ୍ମଣ ସମାଜର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଏହି ବୈଠକରେ ମତପ୍ରକାଶ ପାଇଥିଲା। ବେଦ ଓ କର୍ମକାଣ୍ଡ ଶିକ୍ଷା ପ୍ରଦାନ କରି ପ୍ରବୀଣ ପୁରୋହିତ ସୃଷ୍ଟି କରିବା ଲକ୍ଷ୍ୟରେ ସରସ୍ୱତୀ ବିହାର ଠାରେ ପ୍ରତିଷ୍ଠିତ ବୈଦିକ ବିଦ୍ୟାପୀଠମ୍‌କୁ ସହଯୋଗ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା। ଆଗାମୀ ଅଗଷ୍ଟ ୧୫ ତାରିଖ ରବିବାର ଜିଲ୍ଲା ସ୍ତରୀୟ ବ୍ରାହ୍ମଣ ମହାସଂଘର ସାଧାରଣ ବୈଠକ ଅନୁଷ୍ଠିତ ହେବାର ସିଦ୍ଧାନ୍ତ ନିଆଯାଇଥିଲା। ଏହି ଅଧିବେଶନରେ କାଶିନାଥ ପଣ୍ଡା, କରୁଣାକର ୍‌ପାଧ୍ୟାୟ, ପଦ୍ମନାଭ ପାଣିଗ୍ରାହୀ, ତ୍ରିଲୋଚନ ପଣ୍ଡା, ରାମଚନ୍ଦ୍ର ପଣ୍ଡା, ଚାରଣ ନରହରି ଦାଶ, ଗୋପବନ୍ଧୁ ମିଶ୍ର, ବିପିନ ପଣ୍ଡା, ବ୍ରହ୍ମାନନ୍ଦ ଦିକ୍ଷିତ, ରାଧାକାନ୍ତ ଦିକ୍ଷିତ, ପ୍ରତାପ ପାଢୀ, ଦେବବ୍ରତ ମିଶ୍ରଙ୍କ ସମେତ ବହୁ ବ୍ରାହ୍ମଣ ଯୋଗ ଦେଇ ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ। ପରିଶେଷରେ ବସନ୍ତ କୁମାର ଦିକ୍ଷିତଃ ଉପସ୍ଥିତ ସଜ୍ଜନମାନଙ୍କୁ ଧନ୍ୟବାଦ ଅର୍ପଣ କରି ଆଗାମୀ ଅଧିବେଶନରେ ବହୁ ସଂଖ୍ୟାରେ ବ୍ରାହ୍ମଣବନ୍ଧୁ ଯୋଗ ଦେବା ପାଇଁ ନିବେଦନ କରିଥିଲେ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୩ ଗିରଫ, ୮୬୨ ବାହନ ଜବତ

ଭୁବନେଶ୍ୱର,୩୦/୦୭ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୩ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୮୬୨ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୦,୨୨,୯୦୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ଓଡ଼ିଶା ସୋସାଇଟି ଅଫ୍ ଦି ଆମେରିକାସ୍ ଓ ରୋଟାରୀ କ୍ଲବ ମିଡ୍‌ଟାଉନ ସହଯୋଗରେ ମାଗଣା ଖାଦ୍ୟ ସାମଗ୍ରୀ ବଂଟନ



ଭଦ୍ରକ,୩୦/୦୭ (ନି.ପ୍ର): ରୋଟାରୀ ମିଡ୍ ଟାଉନ ଭଦ୍ରକ ଓ ଓଡ଼ିଶା ସୋସାଇଟି ଅଫ୍ ଦି ଆମେରିକାସ୍ ମିଳିତ ଉଦ୍ୟମରେ ଚରମ୍ପା ସ୍ଥିତ ଅଗ୍ରସେନ ଭବନରେ ସ୍ଥାନୀୟ ଅଂଚଳର ଗରିବ, ବସ୍ତିବସିନ୍ଦାଙ୍କୁ ମାଗଣା ଶୁଖିଲାଖାଦ୍ୟ ସାମଗ୍ରୀ ବଂଟନ କରାଯାଇଛି। ରୋଟାରୀ ମିଡ୍ ଟାଉନର ସଭାପତି ପବିତ୍ର ମୋହନ ଖୂଲାରଙ୍କ ସଭାପତିତ୍ୱ ଏବଂ ରୋଟାରିଆନ ଶିଶିର ମିଶ୍ରଙ୍କ ସଂଯୋଜନାରେ ଏକ ସଭା କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗ ଦେଇ କ୍ଲବର ଏଭଳି ଜନହିତକର କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ରୋଟାରୀ ଜିଲ୍ଲାର ପୂର୍ବତନ ଗଭର୍ଣ୍ଣର ଅଜୟ ଅଗ୍ରୱାଲ ଏହି କାର୍ଯ୍ୟକ୍ରମ ସୁଦୂର ପ୍ରସାରୀ ହୋଇ ସମଗ୍ର ଜିଲ୍ଲାରେ କରାଯିବାକୁ ପରାମର୍ଶ ଦେଇଥିଲେ। ରୋଟାରିଆନ ପ୍ରୀତିରଞ୍ଜନ ଜେନା କ୍ଲବର ସ୍ଥାୟୀ ଗୃହ ନିର୍ମାଣ ସମ୍ପର୍କରେ ସଦସ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ତାଙ୍କର ପ୍ରଚେଷ୍ଟା ଅବ୍ୟାହତ ରହିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ୭ଶହରୁ ଉର୍ଦ୍ଧ୍ୱ ପରିବାରକୁ ଶୁଖିଲା ଖାଦ୍ୟ ସମାଗ୍ରୀ ପ୍ରଦାନ କରାଯାଇଥିଲା। ଶିଶିର ମିଶ୍ରଙ୍କ ଉଦ୍ୟମ ଓ ପ୍ରଚେଷ୍ଟାରେ ଆମେରିକାରେ ରହୁଥିବା ଓଡ଼ିଆମାନଙ୍କ ସହ ଯୋଗାଯୋଗ କରାଯାଇ ସେମାନଙ୍କ ସହଯୋଗ ଓ ରୋଟାରୀ ମିଡ୍‌ଟାଉନର ଉଦ୍ୟମରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମରେ ରୋଟାରିଆନ ବେଦପ୍ରକାଶ ଗୁପ୍ତା, ଇନ୍ଦ୍ରଜିତ୍ ସିଂ, ପ୍ରମୋଦ ଲାଖାନୀ, ସନାତନ ଜେନା, ବିକ୍ରମ ଖେମ୍‌କା, ରାହୁଲ ଖେରିଆ, ଅଶୋକ ଲାଖାନୀ, ନିମେଶ ପାରେଖ, ଗୌରବ ଅଗ୍ରୱାଲ, ପ୍ରୀତି ଅଗ୍ରୱାଲ, ନିରଞ୍ଜନ ମଲ୍ଲିକ, ଭଦ୍ରକ ରୋଟାରୀ କ୍ଲବର ସଭାପତି ବସନ୍ତ ପାଣିଗ୍ରାହୀ ପ୍ରମୁଖ ରୋଟାରିଆନ୍‌ମାନେ ଯୋଗ ଦେଇଥିଲେ। ରୋଟାରିଆନ ରତନଲାଲ ଗୁପ୍ତା କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍କୁଲରେ ପିଲାଙ୍କୁ ମାସ୍କ ବାଂଟିଲେ ଛାତ୍ରନେତା



ବାରିପଦା,୩୦/୦୭ (ନି.ପ୍ର): କରୋନା କଟକଣା କାରଣରୁ ଦୀର୍ଘ ଦିନ ଧରି ସ୍କୁଲ ବନ୍ଦ ଥିବା ବେଳେ, ଜୁଲାଇ ୨୬ ତାରିଖ ପାଖରୁ କଟକଣା ଭିତରେ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲା ଯାଇଛି। ତେବେ ବହୁଦିନ ପରେ ବିଦ୍ୟାଳୟକୁ ଆସି ପାଠ ପଢିବାର ସୁଯୋଗ ପାଇଥିବାରୁ ଛାତ୍ରଛାତ୍ରୀ ମାନେ ବେଶ ଉତ୍ସାହିତ ଥିବାର ଦେଖା ଯାଇଛି। ତେବେ ବିଦ୍ୟାଳୟ ଖୋଲିବା ପରେ ବିଜୁ ଛାତ୍ର ଜନତା ଦଳର ମୟୂରଭଞ୍ଜ-୧ ଜିଲ୍ଲା ଉପ-ସଭାପତି ଶ୍ରୀ ରବୀନ୍ଦ୍ର କୁମାର ମହାନ୍ତି ମରୋଡା ବ୍ଲକ ଅନ୍ତର୍ଗତ ଖୁରୁଂଟିଆ ଠାରେ ଥିବା ବିଦ୍ୟାଳୟରେ ପିଲା ମାନଙ୍କ ସୁସ୍ଥ ନୀରାମୟ ଜୀବନ କାମନା କରି ବିଦ୍ୟାଳୟ ପରିସରରେ ପିଲାଙ୍କୁ ମାସ୍କ ଓ ସାନିଟାଇଜର ବଂଟନ କରିଥିବାର ଦେଖାଯାଇଛି। ଛାତ୍ରନେତାଙ୍କର ଏଭଳି କାର୍ଯ୍ୟକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ସ୍ଥାନୀୟ ଗ୍ରାମବାସୀ ମାନେ ପ୍ରଶଂସା କରିଛନ୍ତି।

## ବିଚ୍‌ରେ ମଦ କୁଡ଼ିଆ ନିଷ୍ପତ୍ତି ସ୍ଥଗିତ : ଜିଲ୍ଲାପାଳ

ପୁରୀ,୩୦/୦୭ (ନି.ପ୍ର): ବିଚ୍‌ରେ ମଦ କୁଡ଼ିଆକୁ ବିରୋଧ କରି ଗତକାଲି ଜଗଦଗୁରୁ ଶଙ୍କରାଚାର୍ଯ୍ୟ ତୀର୍ଥସ୍ଥଳୀକୁ ଭୋଗସ୍ଥଳୀ ନକରିବା ପାଇଁ ପରାମର୍ଶ ଦେଇଥିଲେ । ଏହା ସହ ୨୫ଟି ସଂଗଠନ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏ ସଂପର୍କରେ ଜିଲ୍ଲାପାଳ ସମର୍ଥ ବର୍ମା ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲେ। ପୁରୀ ଏକ ଐତିହ୍ୟ ସ୍ଥଳ ଓ ଧାର୍ମିକ କ୍ଷେତ୍ର ହୋଇଥିବାରୁ ସରକାର ଲହି ନିଷ୍ପତିକୁ ହୃଦୟଙ୍ଗମ କରି ସ୍ଥଗିତ ରିଲେ ବୋଲି ଜିଲ୍ଲାପାଳ ଗଣମାଧମକୁ ସୂଚନା ଦେଇଛନ୍ତି ।

## ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ ପାଳିତ




ବାରିପଦା,୩୦/୦୭ (ନି.ପ୍ର): ସ୍ଥାନୀୟ କେଏମବିଏମ ରୋଡ ସ୍ଥିତ ରୋଟାରୀ କ୍ଲବ ବାରିପଦା ହେରିଟେଜ କାର୍ଯ୍ୟାଳୟରେ କ୍ଲବର ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଜାତୀୟ ସଂଗୀତ ଗାନ ପରେ ବିଦାୟୀ ସଭାପତି ଦେବାଶିଷ ଦାସଙ୍କ ଆହ୍ୱାନ କ୍ରମେ, କ୍ଲବର ଉପଦେଷ୍ଟା, ଜଗନ୍ନାଥ ପ୍ରସାଦ ନାଥଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା । ଏହାପରେ ଗତ ୨୦୨୦-୨୧ ବର୍ଷରେ କ୍ଲବ ତରଫରୁ ହାତକୁ ନିଆଯାଇଥିବା ବିଭିନ୍ନ ପ୍ରଜେକ୍ଟ କୋଭିଡ କଟକଣାକୁ ଦୃଷ୍ଟିରେ ରଖି କିପରି ସମାପ୍ତ କରାଯାଇଛି, ସେସମ୍ବନ୍ଧରେ ବିସ୍ତୃତ ବୀବରଣୀ ପ୍ରଦାନ କରାଯାଇଥିଲା । ଉପସ୍ଥିତ ସଭ୍ୟ ମାନଙ୍କ ମତାମତ ତଥା ଆଲୋଚନା ପରେ ୨୦୨୧-୨୨ ପାଇଁ ମନୋନୀତ ହୋଇଥିବା ସଭାପତି ରୋଟାରିଆନ ପ୍ରଦୀପ କୁମାର ନାୟକ ଏବଂ ସମ୍ପାଦକ ରୋଟାରୀଆନ ସନ୍ତୋଷ କୁମାର କାସ୍ତଙ୍କୁ ରୋଟାରିଆନ ଅନିରୁଦ୍ଧ ପୃଷ୍ଟି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଓଡିଆ ଚଳଚିତ୍ର ପ୍ରଜୋଜକ ରୋଟାରୀଆନ ଶୁଭେନ୍ଦୁ କୁମାର ସାହୁଙ୍କୁ ମଧ୍ୟ କମିଟିରେ ସ୍ୱାଗତ କରାଯାଇଥିଲା । ସଭାପତି ଶ୍ରୀ ନାୟକ ଓ ସମ୍ପାଦକ ଶ୍ରୀ କାସ୍ତ ନିଜନିଜର ବକ୍ତବ୍ୟରେ ୨୦୨୧-୨୨ ପାଇଁ ପ୍ରସ୍ତୁତି ହୋଇଥିବା ପ୍ରଜେକ୍ଟ କାର୍ଯ୍ୟକାରୀ କରାଯିବା ବିଷୟରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ତଥା କୋଷାଧ୍ୟକ୍ଷ୍ୟ ରୋଟାରୀଆନ ପ୍ରଦୋଷ କୁମାର ପତି, କ୍ଲବସେବା ନିର୍ଦ୍ଦେଶକ ସିଧାର୍ଥ ଅଗ୍ରୱାଲ, ନିର୍ଦ୍ଦେଶକ ଗୋଷ୍ଠୀ ସେବା ଅମିତାଭ ପଟ୍ଟନାୟକ, ଅନନ୍ତ କୁମାର ବେହେରା, ରୋଟାରୀଆନ ନଳିନୀ ଚୌଧୁରୀ, ନିର୍ଦ୍ଦେଶକ ଆର୍ନ୍ତଜାତୀୟ ସେବା ବ୍ରହ୍ମାନନ୍ଦ ପ୍ରଧାନ, କ୍ଲବ ପ୍ରଜେକ୍ଟର ଅନିରୁଦ୍ଧ ପୃଷ୍ଟି ତଥା ଅନ୍ୟାନ୍ୟ କମିଟି ମଧ୍ୟରେ ରୋଟାରୀଆନ ଶୈବାଳ କାନ୍ତ ନାୟକ, ଶୁଭେନ୍ଦୁ କୁମାର ସାହୁ, ମଞ୍ଜୁଳା ଦାସ, ସୋମଦିପ୍ତ ଚନ୍ଦ୍ର ପ୍ରମୁଖ ଦାୟୀତ୍ୱ ଗ୍ରହଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୬୩,୩୦୩ ପ୍ରାଥମିକ ଶିକ୍ଷକ....

୧ ବର୍ଷ କରାଯାଇଛି । ସୂଚନାଯୋଗ୍ୟ ଯେ ୨୦୧୯ରେ ପ୍ରାଥମିକ ଶିକ୍ଷକ ମାନଙ୍କ କ୍ୟାଡରର ପୁନର୍ଗଠନ କରାଯାଇ ଲେଭେଲ-୪ ରେ ୨୧,୪୬୩ ଶିକ୍ଷକ ପଦବୀ ସ୍ଥାନରେ ୫୧,୧୬୪ ଟି ପଦବୀ ସୃଷ୍ଟି କରାଯାଇଥିଲା ଏବଂ ଲେଭେଲ-୩ ରେ ଥିବା ୯୩୦୫ ଟି ପଦବୀ ସ୍ଥାନରେ ୧୮,୭୬୯ ଶିକ୍ଷକ ପଦବୀ ସୃଷ୍ଟି କରାଯାଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ପଦୋନ୍ନତି ପାଇବାକୁ ଯାଉଥିବା ସବୁ ଶିକ୍ଷକ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଗୁଣାତ୍ମକ ଶିକ୍ଷାଦାନ ଦିଗରେ ରାଜ୍ୟ ସରକାରଙ୍କ ଉଦ୍ୟମର ସଫଳତା ରେ ସମସ୍ତ ଙ୍କ ସହଯୋଗ କାମନା କରିଛନ୍ତି ।

### ନବନିଯୁକ୍ତ କନିଷ୍ଠ ଡାଟାଏଂଟ୍ରି ....

ଅଭିନନ୍ଦନ ଜଣାଇ କହିଛନ୍ତି ଯେ ଡାଟା ଏଂଟ୍ରି ଅପରେଟର ଭାବେ ସେମାନେ ପ୍ରଶାସନରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିବେ । ମୁଖ୍ୟମନ୍ତ୍ରୀ ପ୍ରଯୁକ୍ତି ବିଦ୍ୟା ଓ ସମୟକୁ ୫-'ଟି' ଉପକ୍ରମର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଉପାଦାନ ବୋଲି ଉଲ୍ଲେଖ କରି ନବନିଯୁକ୍ତମାନଙ୍କୁ ସେମାନଙ୍କର ସର୍ବଶ୍ରେଷ୍ଠ ପ୍ରୟାସ ଜାରି ରଖିବା ନିମନ୍ତେ ଆହ୍ୱାନ ଜଣାଇଛନ୍ତି ଏବଂ ଜ୍ଞାନ ତଥା ଅଭିଜ୍ଞତା ବଳରେ ସେମାନେ ପ୍ରଶାସନ ପାଇଁ ଅତ୍ୟନ୍ତ ଉପଯୋଗୀ ହେବେ ବୋଲି ଆଶା କରିଛନ୍ତି । ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦିବ୍ୟଶଙ୍କ ର ମିଶ୍ର, ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେ ଶ ଚନ୍ଦ୍ର ମହାପାତ୍ର, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସଂଜୀବ ଚୋପ୍ରା ଉପସ୍ଥିତ ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କସଚିବ (୫-'ଟି') ଶ୍ରୀ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

### ରାଜ୍ୟରେ କରୋନାରେ ଆଉ....

ଭଦ୍ରକ ଜିଲ୍ଲାରେ ୬ ଜଣଙ୍କର ମୃତ୍ୟୁ ଘଟିଛି । ଯାଜପୁର ଜିଲ୍ଲାରେ ୫ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଗଂଜାମ, ଜଗତସିଂହପୁର ଓ ପୁରୀ ଜିଲ୍ଲାରେ ୪-୪ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ବାଲେଶ୍ୱର, ଝାରସୁଗୁଡା, କେନ୍ଦ୍ରାପଡା, ମୟୁରଭଂଜ ଜିଲ୍ଲାରେ ୨-୨ ଜଣଙ୍କର ମୃତ୍ୟୁ ଘଟିଛି । ବୌଦ୍ଧ, ଦେବଗଡ, ଗଜପତି, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ଜିଲ୍ଲାରେ ଜଣେ ଲେଖାଏ ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବା ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ। ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ କୁହା ଯାଇଛି ।

## ମାଲକାନଗିରି ଜିଲ୍ଲାର ଉନ୍ନୟନ କାର୍ଯ୍ୟ ନେଇ ସରକାରୀ ଅଧିକାରୀଙ୍କ ସହ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ବୈଠକ

ଭୁବନେଶ୍ୱର,୩୦/୦୭ (ନି.ପ୍ର): ଇଲେକ୍ ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରାଙ୍କ ଅଧକ୍ଷତାରେ ଆଜି ମାଲକାନାଗିରି ଜିଲ୍ଲାର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମନ୍ତ୍ରୀ ଜିଲ୍ଲାର କ୍ରୀଡ଼ା ଭିତିଭୂମି, ସ୍ୱାସ୍ଥ୍ୟସେବା, କୃଷି, ଶିକ୍ଷା, ଜଳସେଚନ, ଗମନାଗମନ, ମୋବାଇଲ୍ ନେଟ୍‌ୱାର୍କ ସେବା, ଜୀବନଜୀବିକା, ମହିଳା ଓ ଶିଶୁ ବିକାଶ, ଗ୍ରାମ୍ୟ ଉନ୍ନୟନ, ଜନଜାତି କଲ୍ୟାଣ ଆଦି ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନେଇ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲ୍ଲାର ବିକାଶଧାରାକୁ ଆଗେଇ ନେବା ଲାଗି ସ୍ୱତନ୍ତ୍ର ଧ୍ୟାନ ଦେଉଥିବାବେଳେ ଆମ ସମସ୍ତଙ୍କୁ ଆଗଭର ହୋଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମନ୍ତ୍ରୀ ଶ୍ରୀ ବେହେରା ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଶାସନ ଭାର ହାତକୁ ନେବା ପରେ ଜିଲ୍ଲାରେ ବହୁତଗୁଡ଼ିଏ ଉନ୍ନତିମୂଳକ କାର୍ଯ୍ୟ ସମ୍ଭବ ହୋଇପାରିଛି । ଜିଲ୍ଲାର ଅଧିକାରୀ ଓ କର୍ମଚାରୀଙ୍କ ଆନ୍ତରିକ ଉଦ୍ୟମ ଓ ଜନସାଧାରଣଙ୍କ ସହଯୋଗ ଯୋଗୁଁ ଏହା ସମ୍ଭବ ହୋଇପାରିଛି । ଜିଲ୍ଲା ପ୍ରଶାସନର କାର୍ଯ୍ୟଶୈଳୀକୁ ନେଇ ମନ୍ତ୍ରୀ ଶ୍ରୀ ବେହେରା ସନ୍ତୋଷ ବ୍ୟକ୍ତ କରିଥିଲେ । ଏହି ବୈଠକରେ ଚିତ୍ରକୋଣ୍ଡା ବିଧାୟକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବାକା, ଜିଲ୍ଲାପାଳ ଶ୍ରୀ ବିଶାଲ ସିଂଙ୍କ ସମେତ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ପରେ ମନ୍ତ୍ରୀ ଶ୍ରୀ ବେହେରା ମାଲକାନଗିରି ବାଳିକା ହାଇସ୍କୁଲରେ ବୃକ୍ଷରୋପଣ କରିବା ସହିତ ବିଦ୍ୟାଳୟର ଭିତିଭୂମି ସଂପର୍କରେ ପଚାରି ବୁଝିଥିଲେ ।

## ଇ-ଉପସ୍ଥାନ ଉନ୍ମୋଚନ କଲେ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଦାଶ

ଭୁବନେଶ୍ୱର,୩୦/୦୭ (ନି.ପ୍ର): ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶ ଇ-ଉପସ୍ଥାନ ଉନ୍ମୋଚନ କରି କହିଲେ ଯେ ରାଜ୍ୟର ସମସ୍ତ ସ୍କୁଲରେ ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନଙ୍କର ଉପସ୍ଥାନ ଏହି ଆପ୍ ମାଧ୍ୟମରେ ଗ୍ରହଣ କରାଯାଇପାରିବ । ଏହା ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଏକ ଅଭିନବ ପଦକ୍ଷେପ ବୋଲି ମନ୍ତ୍ରୀ ଶ୍ରୀ ଦାଶ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ କହିଥିଲେ ଯେ ଏହି ଆପ୍ ମାଧ୍ୟମରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଉପସ୍ଥାପନ ଅନ୍‌ଲାଇନ୍ ମାଧ୍ୟମରେ ଜାଣିବା ସହିତ ସେମାନେ କି ପ୍ରକାର ଡିଜିଟାଲ୍ ମାଧ୍ୟମ ଯଥା- ସ୍ମାର୍ଟଫୋନ, କମ୍ପ୍ୟୁଟର, ସାଧାରଣ ମୋବାଇଲ୍ ଫୋନ୍ ବ୍ୟବହାର କରୁଛନ୍ତି ତାହା ମଧ ଜାଣିହେବ । ଏହି ଇ-ଉପସ୍ଥାନ କାର୍ଯ୍ୟକ୍ରମ ରାଜ୍ୟର ସମସ୍ତ ଜିଲ୍ଲାରେ ସୁଚାରୁ ରୂପେ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ଶିକ୍ଷକଶିକ୍ଷୟତ୍ରୀମାନଙ୍କ ପାଇଁ ପ୍ରଶିକ୍ଷଣର ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ସାହୁ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅନୁପମ ସାହା ସମସ୍ତ ଅତିଥିମାନଙ୍କୁ ସ୍ୱାଗତ କରି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଇ-ଉପସ୍ଥାନ ମାଧ୍ୟମରେ ବିଭାଗର ତଥ୍ୟ ସଂଗ୍ରହ ପ୍ରକ୍ରିୟା ଉନ୍ନତ ଏବଂ ତ୍ୱରାନ୍ୱିତ ହୋଇପାରିବ । ଏହା ଠିକ୍ ଭାବରେ କାର୍ଯ୍ୟକାରୀ ହେଲେ ବିଦ୍ୟାଳୟ ପରିଚାଳନାରେ ସ୍ୱଚ୍ଛତା ଆସିବା ସହ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମସ୍ତ ନିର୍ଦ୍ଦେଶକ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ଏବଂ ଓସେପାର ବିଭିନ୍ନ ପ୍ରଭାଗର ମୁଖ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଶେଷରେ ଉପନିର୍ଦ୍ଦେଶକ ଶ୍ରୀ ଉଦୟନାଥ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଦ୍ରକ ନିବନ୍ଧନ କାର୍ଯ୍ୟାଳୟରେ ଅଚଳାବସ୍ଥା

## ପ୍ରତିବାଦରେ ବିଜେପି ଯୁବମୋର୍ଚ୍ଚାର ବିକ୍ଷୋଭ ଓ ପ୍ରତିବାଦ ସଭା




ଭଦ୍ରକ,୩୦/୦୭ (ନି.ପ୍ର): ଭଦ୍ରକ ଜିଲ୍ଲା ନିବନ୍ଧନ କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ୨ବର୍ଷରୁ ଉର୍ଦ୍ଧ୍ୱ ହେବ ସ୍ଥାୟୀ ଅଧିକାରୀ ନାହାନ୍ତି। ପ୍ରତ୍ୟେକ ଦିନ ଦଲିଲ ପଞ୍ଜିକରଣ ପାଇଁ ଆସୁଥିବା କ୍ରେତା, ବିକ୍ରେତା ଓ ସାକ୍ଷୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇ ଚାଲିଛନ୍ତି। ସେମାନଙ୍କ ପାଇଁ ବସିବାକୁ ଓ ଯାନବାହାନ ରଖିବାକୁ ସ୍ଥାନ ନାହିଁ କିମ୍ବା ପାନୀୟ ଜଳ ଓ ଶୌଚାଳୟ ପରି ମୌଳିକ ସୁବିଧା ମଧ ନାହିଁ। ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ନିବନ୍ଧନ କାର୍ଯ୍ୟାଳୟରେ କୌଣସି ୪ର୍ଥ ଶ୍ରେଣୀ କର୍ମଚାରୀ ନାହାନ୍ତି। ଭଦ୍ରକ ନିବନ୍ଧନ କାର୍ଯ୍ୟାଳୟର ନିବନ୍ଧନ ଅଧିକାରୀ ଭାବେ ଥିବା ତହସିଲଦାର ବିଭିନ୍ନ ଦଲିଲ, ଇଛାପତ୍ର, ଚୁକ୍ତିପତ୍ର, ପୌଷ୍ୟପତ୍ର ଦଲିଲକୁ ପଞ୍ଜିକୃତ ନକରି ଲୋକମାନଙ୍କୁ ଜାଣିଶୁଣି ଫେରାଇ ଦେଉଛନ୍ତି। ଉକ୍ତ କାର୍ଯ୍ୟାଳୟର କମ୍ପ୍ୟୁଟର କାର୍ଯ୍ୟ ଏକ ବେସରକାରୀ କମ୍ପାନୀ ହାତରେ ନ୍ୟସ୍ତ ରହିଛି ଓ ଉକ୍ତ କମ୍ପାନୀ ମନମାନୀ ଚଳାଇ ଲକ୍ଷାଧିକ ଟଙ୍କା ହଡ଼ପ କରି ଚାଲିଛି। ଅପରପକ୍ଷେ ସରକାରୀ କମ୍ପ୍ୟୁଟର ଖତ ଖାଉଛି। ବର୍ଷକୁ କୋଟି କୋଟି ଟଙ୍କା ଉକ୍ତ କାର୍ଯ୍ୟାଳୟ ଜରିଆରେ ରାଜସ୍ୱ ଆଦାୟ ହେଉଥିବାବେଳେ, ଲୋକମାନଙ୍କର ମୌଳିକ ସମସ୍ୟା ପ୍ରତି ସରକାର ଆଦୌ ଦୃଷ୍ଟି ଦେଉ ନାହାନ୍ତି। ଏ ସମସ୍ତ ଦାବି ସମୂହର ସମାଧାନ ନହେଲେ, ଯୁବମୋର୍ଚ୍ଚା ପକ୍ଷରୁ ଏହି କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରଯିବ ବୋଲି ବିଜେପି ଯୁବମୋର୍ଚ୍ଚାର ସଭାପତି ବିକାଶ ଶ୍ରେଷ୍ଠାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ବିକ୍ଷୋଭ ଓ ପ୍ରତିବାଦ ସଭାରେ ବିଜେପିର ବହୁ ନେତୃମଣ୍ଡଳୀ ଚେତାବନୀ ଦେଇଛନ୍ତି। ଉକ୍ତ ପ୍ରତିବାଦ ସଭାରେ ଭଦ୍ରକ ବିଧାନସଭାସ୍ତରୀୟ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡାକ୍ତର ପ୍ରଦୀପ ନାୟକ ଯୋଗଦେଇ ସରକାରଙ୍କ ଏପରି ମନୋଭାବକୁ ତୀବ୍ର ନିନ୍ଦା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ଅଶୋକ ପରିଜା, ଜିଲ୍ଲା ମହିଳା ମୋର୍ଚ୍ଚାର ସଭାନେତ୍ରୀ ହରପ୍ରିୟା ସାହୁ, ମଣ୍ଡଳ ସଭାପତି ପ୍ରଭାକର ସାମଲ, ଆଦିକନ୍ଦ ନାୟକ, ଭଣ୍ଡାରିପୋଖରୀ ପଂଚାୟତ ସମିତି ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ଦଇପୁର ସରପଞ୍ଚ ରାଜୀବ ନାୟକ, ଜିଲ୍ଲା ସଂଖ୍ୟାଲଘୁ ମୋର୍ଚ୍ଚା ମୁଖ୍ୟ ଏମଡି ସାବର ଅଲ୍ଲୀ, ଆଇଟି ସେଲ ଜିଲ୍ଲା ସଂଯୋଜକ ଶଶାଙ୍କ ଶେଖର ମିଶ୍ର, ମୋହରୀର ସଂଘର ରାଜ୍ୟ ସମ୍ପାଦକ ଉମାକାନ୍ତ ସାହୁ, ଜିଲ୍ଲା ସଂଘ ସମ୍ପାଦକ ରାମଚନ୍ଦ୍ର ନାୟକ, ସମାଜସେବୀ ଅଶୋକ ମହାନ୍ତି, ବୃଷଭାନୁ ସାହୁ, ଶଶାଙ୍କ ସାହୁ, ଶିବଶଙ୍କର ଦାସ, ନଗର ସଭାନେତ୍ରୀ ପଦ୍ମିନୀ ଦ୍ୱିବେଦୀ, ସ୍ୱର୍ଣ୍ଣଲତା ମିଶ୍ର, ରାକେଶ ମହାପାତ୍ର, ଆଲୋକ ମହାନାୟକ, ସାବିର ଦାସ, ସରୋଜ ପରିଡ଼ା, ବସନ୍ତ ବେହେରା, ଭାଗିରଥୀ ମହାକୁଡ, ପୁଷ୍ପକାନ୍ତ ସାହୁ, ସୌମ୍ୟରଂଜନ ନାୟକ, ସୁବ୍ରତ ରଂଜନ ନାୟକ, ସନ୍ତୋଷ ପରିଡ଼ା, ରବି ସିଂ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।

## ଜୀବନ ଜିବିକା ସୁରକ୍ଷା ଦାବିରେ ସିପିଆଇଏମ ପକ୍ଷରୁ ଗଣ ବିକ୍ଷୋଭ



ବାରିପଦା,୩୦/୦୭ (ନି.ପ୍ର): କୋଭିଡ ମହାମାରୀ ମୁକାବିଲା ପାଇଁ ଡିସେମ୍ବର ୩୧ ତାରିଖ ସୁଦ୍ଧା ସମସ୍ତଙ୍କୁ ଟୀକାକରଣ, ଆୟକର ଦେଉ ନଥିବା ପ୍ରତି ପରିବାରକୁ ମାସିକ ୭,୫୦୦ଟଙ୍କା ଆର୍ଥିକ ସହାୟତା ଯୋଗାଣ, ମୁଣ୍ଡପିଛା ୧୦ କିଲୋଗ୍ରାମ ଚାଉଳ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ମାଗଣାରେ ଯୋଗାଣ, ଶ୍ରମୀକ ବିରୋଧୀ ଶ୍ରମ କୋଡ ଓ ତିନୋଟି କଳା କୃଷି ଆଇନ ବାତିଲ, ବିଦ୍ୟୁତ ବିଲ ପ୍ରତ୍ୟାହାର, ଭାଗଚାଷୀଙ୍କୁ ଚାଷୀର ମାନ୍ୟତା , ମନୋରେଗା କାମରେ ପ୍ରତି ଶ୍ରମୀକଙ୍କୁ ୨୦୦ ଦିନର କାମ ସହ ଦୈନିକ ୬୦୦ଟଙ୍କା ମଜୁରୀ ପ୍ରଦାନ, ପେଟ୍ରୋଲ ଡିଜେଲ ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ନେଉଥିବା ଅଲଗା ଅଲଗା ଟିକସକୁ ବାତିଲ କରି ଜିଏସଟି ଲାଗୁ କରିବା, ବେକାରଙ୍କୁ କର୍ମନିଯୁକ୍ତି ଯୋଗାଇବା ଏବଂ ପିଲାଙ୍କୁ ପ୍ରତକ୍ଷ୍ୟ ଶିକ୍ଷାଦାନର ବ୍ୟବସ୍ଥା କରାଯିବା ଆଦି ଦାବୀରେ ଆଜି ସିପିଆଇଏମ ତରଫରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ବିକ୍ଷୋଭରେ ରାଜ୍ୟ ସମ୍ପାଦକ ମଣ୍ଡଳି ସଭ୍ୟ ନିର୍ମଳ ନାଏକ, ଜିଲ୍ଲା ସମ୍ପାଦକ ରୋବି ଗୋସ୍ୱାମୀ, ହରିଶ୍ଚନ୍ଦ୍ର ସିଂ, ମୃତ୍ୟୁଞ୍ଜୟ ବେହେରା, ଅମଳ ଦେ, ପ୍ରଶାନ୍ତ ପରିଡା, ଦାମଦୋର ମୁର୍ମୁ, ଖଗେଶ୍ୱର କବି, ବିକର୍ତନ କବି, ରାମେଶ୍ୱର ଭାଟ, ରେବତୀ ପରିଡା, ସଂଧ୍ୟା ବେହେରା, ମାଳତୀ ମହାନ୍ତ, ଲକ୍ଷ୍ମୀ ନାରାୟଣ ପରିଡା ପ୍ରମୁଖ ବହୁ କର୍ମୀ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

## ଗୋଟିଏ ଦିନରେ ୧୫୫୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୩୦/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୫୫୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୭୫୬୯୦ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୫୩୦୮୮ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୬୭୧୫ ରହିଛି । ଆଜି ଚିହ୍ନଟ ହୋଇଥିବା ୧୫୫୮ ଜଣଙ୍କ ମଧ୍ୟରୁ ୯୦୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୫୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୪୭୯ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୮୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୯୭ ଜଣ, ବରଗଡ଼ରୁ ୬ ଜଣ, ଭଦ୍ରକରୁ ୪୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୩, କଟକରୁ ୨୪୧, ଦେବଗଡ ଜିଲ୍ଲାରୁ ୯ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨୩ ଜଣ, ଗଜପତି ଜିଲ୍ଲାରୁ ୨, ଗଞ୍ଜାମରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୬୭ ଜଣ, ଯାଜପୁରରୁ ୭୮ ଜଣ, ଝାରସୁଗୁଡ଼ାରୁ ୭ ଜଣ, କଳାହାଣ୍ଡିରୁ ୮ ଜଣ, କନ୍ଧମାଳ ଜିଲ୍ଲାରୁ ୧୮ ଜଣ. କେନ୍ଦ୍ରାପଡ଼ାରୁ ୩୫ ଜଣ, କେନ୍ଦୁଝରରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୭୯ ଜଣ, କୋରାପୁଟରୁ ୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ରୋଟାରୀ କ୍ଲବର ଯୁଗ୍ମ ପ୍ରତିଷ୍ଠାନ ଦିବସ




ବାଲେଶ୍ୱର,୩୦/୦୭ (ନି.ପ୍ର): ବାଲେଶ୍ୱର ରୋଟାରୀ କ୍ଲବର ୫୪ ତମ ଯୁଗ୍ମ ପ୍ରତିଷ୍ଠାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ସ୍ଥାନୀୟ ରୋଟାରୀ ଭବନ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ନୂତନ ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା । ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜ କଲ୍ୟାଣରେ ରୋଟାରିଆନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଭଦ୍ରକ ରୋଟାରୀ କ୍ଲବର ବରିଷ୍ଠ ସଦସ୍ୟ ତଥା ଜିଲା ସହକାରୀ ଗଭର୍ଣ୍ଣର ବିଜୟ ସାହୁ ଓ ବରିଷ୍ଠ ରୋଟାରିଆନ ସୁବ୍ରତ କର ପ୍ରମୁଖ ଏଥିରେ ଯୋଗଦେଇ ଇଣ୍ଟରନ୍ୟାସନାଲ ରୋଟାରୀ କ୍ଲବର ବହୁମୁଖୀ ଆଭିମୁଖ୍ୟ ତଥା ରୋଟାରିଆନ ମାନଙ୍କ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ବିଦାୟୀ ସଭାପତି ଭାବଗ୍ରାହୀ ମହାନ୍ତିଙ୍କଠାରୁ ନୂତନ ସଭାପତି ଡ. ରାଜଲକ୍ଷ୍ମୀ ଯତି ଓ ସମ୍ପାଦକ ଭାବେ ସିଏ ପ୍ରଦୀପ୍ତ ପଣ୍ଡା ଦାୟିତ୍ୱ ଗ୍ରହଣ କରିଥିଲେ । ସେହିପରି ରୋଟ୍ରାକ୍ଟ କ୍ଲବର ସଭାପତି ଅନୁପ ଦାସ ଓ ସମ୍ପାଦକ ମନୋଜ ଦଳାଇ ଦାୟିତ୍ୱ ଗ୍ରହଣ କରିଥିଲେ । ଏହି ଅବସରରେ ବାର୍ଷିକ ପତ୍ରିକା 'ରେଞ୍ଜର'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହି ଅବସରରେ କ୍ଲବର ନୂତନ ସଭ୍ୟପଦ ଗ୍ରହଣ କରିଥିବା ପ୍ରଭାରଂଜନ ପାଢ଼ୀ ଓ ସୁଭାଶିଷ ଦାସଙ୍କୁ ଅତିଥିମାନେ ସ୍ୱାଗତ ସହ ସତ୍ୟପାଠ କରାଇଥିଲେ । ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁବ୍ରତ କର, ସପନ ମହାପାତ୍ର, ଡ. ପଙ୍କଜ ଜେନା, ସିଏ ଡ. ମାତୃଦତ୍ତ ଦାସ, ଭି ଉଦୟ କୁମାର, ଦେବେନ୍ଦ୍ର ଧଳ, ପ୍ରଭାତ ଜେନା, ସନ୍ତୋଷ ନାହାକଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ ବାଲେଶ୍ୱର ଏଡିଏମ ନୀଲୁ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଇନର ହୁଇଲ କ୍ଲବର ସଦସ୍ୟା ସିପ୍ରା ମହାପାତ୍ର, ଡ. କଳ୍ପନା ଦାସ, ସୁମିତା ଚାନ୍ଦ, ସୌମ୍ୟା ସରିତା ମହାନ୍ତି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସୁଖମୟ ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଚ୍‌ରେ ବାରକୁ ବିରୋଧକରି ବିଜେପି ଯୁବମୋର୍ଚ୍ଚାର ଦାବିପତ୍ର

ପୁରୀ,୩୦/୦୭ (ନି.ପ୍ର): ପୁରୀ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ବିଚ୍‌ରେ ବାର ନିର୍ମାଣକୁ ବିରୋଧ କରି ଏକ ଦାବିପତ୍ର ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ପ୍ରଦାନ କରିଛନ୍ତି । ଐତିହ୍ୟ ସହର ପୁରୀର ପବିତ୍ର ମହୋଦଧିରେ ମଦ ଦୋକାନ ନ ଖୋଲିବାକୁ ମୋର୍ଚ୍ଚା ଦାବି କରିଛି । ଏ ସଂପର୍କରେ ଏକ ଶୋଭାଯାତ୍ରା ବିଜେପି କାର୍ଯ୍ୟାଳୟ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ବିଜେପି ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ, ନାରୀନେତ୍ରୀ ସୌମ୍ୟା ମିଶ୍ର ପ୍ରମୁଖଙ୍କ ସହ ଅନେକ କର୍ମୀ ଯୋଗ ଦେଇଥିଲେ ।

## ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ




ବାରିପଦା,୩୦/୦୭ (ନି.ପ୍ର): ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ମୟୁରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ବର୍ତମାନ ଦେଶରେ ଆଦିବାସୀ ମାନଙ୍କ ଉପରେ ହେଉଥିବା ଅନ୍ୟାୟ ଅତ୍ୟାଚାର ବିରୋଧରେ ବହୁ କର୍ମୀ ଏକ ଶୋଭାଯାତ୍ରାରେ ଆସି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ମାଧମରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରାଯାଇଥିବାର ଜଣା ଯାଇଛି । ଏହି ଆନ୍ଦୋଳନ ପରିଷଦର ଜିଲ୍ଲା ସଭାପତି ଠୁମ୍ପୁ ମୁର୍ମୁଙ୍କ ନେତୃତ୍ୱରେ ଏବଂ ଜିଲ୍ଲା ସଂଯୋଜକ ଭାଦୁରାମ୍ ସୋରେନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଅନୁସୂଚୀତ ଜନଜାତିଙ୍କ ପାଇଁ ସମ୍ବିଧାନର ଅନୁସୂଚୀ ୨୪୪(କ) ୫ମ ଏବଂ ୨୪୪ (ଖ) ୬ଷ୍ଠ ଅନୁସୂଚୀ ଉପରେ କାର୍ଯ୍ୟକାରୀ କରିବା ପାଇଁ ରାଷ୍ଟ୍ରପତି କାର୍ଯ୍ୟାଳୟରୁ ଅଧ୍ୟାଦେଶ ଜାରି କରାଯିବା, ଏଲପିଜି ଉଦାରୀକରଣ, ଘରୋଇକରଣ ଏବଂ ଜଗତୀକରଣ ଦ୍ୱାରା ନୂତନ ଅର୍ଥନୀତି ଲାଗୁ କରାଯାଇ ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆ ବର୍ଗଙ୍କ ସଂରକ୍ଷଣକୁ ସମାପ୍ତ କରିବାର ଷଡଯନ୍ତ୍ରରୁ ସରକାର ବିରତ ରହିବା, ବିଭିନ୍ନ ସ୍ଥାନରେ ଆଦିବାସୀଙ୍କ ଉପରେ ଚାଲିଥିବା ଅନ୍ୟାୟ ଅତ୍ୟାଚାରକୁ ବନ୍ଦ କରିବା ଆଦି ଦାବୀରେ ଅନୁଷ୍ଠିତ ଏହି ଆନ୍ଦୋଳନରେ ବିଭିନ୍ନ ସଂଗଠନ ମଧ ସହଯୋଗ କରିଥିଲେ । କରମ୍ ଜିତ୍ ସିଂ, ଶିବାନ ମାର୍ଣ୍ଡି, ଶ୍ରୀମତୀ ସିଂ, ଫକୀର ମୋହନ ସିଂ, ବୁଧୁରାମ ସିଂ, କରନାଥ ହେମ୍ବ୍ରମ , ପୁଲକ କୁମାର ସିଂ , ପ୍ରାଣନାଥ ମୁର୍ମୁ, ଦାଶନାଥ ବାସ୍କେ, ଶଙ୍କର ସିଂ , ଲେମ୍ବୁଧର ପାତ୍ର ବାଜି ସିଂ ପ୍ରମୁଖଙ୍କ ନେତୃତ୍ୱରେ ପରିଷଦର ବହୁ କର୍ମୀ ଶୋଭାଯାତ୍ରାରେ ଭାଗ ନେଇଥିଲେ ।

## ପାରିବାରିକ କଳହରୁ ଯୁବକଙ୍କ ବିଷପାନ : ଚିକିତ୍ସାବେଳେ ମୃତ୍ୟୁ



ଜଳେଶ୍ୱର, ୩୦/୭(ନିପ୍ର) : ବିବାହର ୧ବର୍ଷ ନ ପୁରୁଣୁ ସ୍ୱାମୀ ସ୍ତ୍ରୀ ମଧ୍ୟରେ ମତାନ୍ତର ଓ ମନାନ୍ତର ଯୋଗୁଁ ଜନୈକ ଯୁବକ ବିଷପାନ କରି ୩ ଦିନ ଧରି ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ବେଳେ ଆଜି କଟକ ସ୍ଥାନାନ୍ତର ହୋଇଥିଲେ । ମାତ୍ର ବାଟରେ ଗଲାବେଳେ ତାଙ୍କର ମୃତ୍ୟୁଘଟିଥିବା ଜଣାଯାଇଛି । ଅନ୍ୟପକ୍ଷରେ ତାଙ୍କ କାକୀଙ୍କ ଶ୍ରାଦ୍ଧବାର୍ଷିକୀ ଗାଁରେ ପାଳନ ହେଉଥିବା ବେଳେ ଏହି ଖବର ଶୁଣି ଉତ୍ତେଜନା ପ୍ରକାଶ ପାଇଛି ଓ ଶୋକର ଛାୟା ଦେଖା ଦେଇଛି । ଘଟଣାରୁ ପ୍ରକାଶ, ଜଳେଶ୍ୱର ଥାନା ଅନ୍ତର୍ଗତ ଉପାନ୍ତ ପଂଚାୟତ ନଛିମପୁରର ସ୍ୱର୍ଗତ ମୂରଲୀଧର ଗିରିଙ୍କ ପୁତ୍ର ମିଲନ କୁମାର ଗିରି ଓରଫ ପିଙ୍କୁ(୩୩) ୧୧ମାସତଳେ ବିବାହ କରିଥିଲେ । ପିଙ୍କୁ ବାଙ୍ଗାଲୋରରେ କାମ କରୁଥିବା ବେଳେ କୋଭିଡ୍ କଟକଣା ଯୋଗୁ ସେଠାରୁ ଆସି ଗାଁ ରେ ରହୁଥିଲେ । ଫଳରେ ଆର୍ଥୀକ ଦୂରାବସ୍ଥାରେ ଗତି କରୁଥିଲେ । ଗତ ୨୮ ତାରିଖରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳିକନ୍ଦଳ ଘଟିଥିବା ବେଳେ ପିଙ୍କୁ ଘାସମରା ବିଷପାନ କରି ଅସୁସ୍ଥ ହୋଇଥିଲେ । ପ୍ରଥମେ ତାଙ୍କୁ ଜିକେଭଟ୍ଟର ଡାକ୍ତରଖାନା ଓ ପରେ ବାଲେଶ୍ୱର ଫକୀରମୋହନ ମେଡିକାଲ କଷଳଜକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ପରିସ୍ଥିତି ଜଟିଳ ହୋଇଥିବାରୁ ତାଙ୍କୁ କଟକ ବଡଡାକ୍ତରଖାନାକୁ ନିଆଯାଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି । ତାଙ୍କର କାକୀଙ୍କ ଶ୍ରାଦ୍ଧବାର୍ଷିକୀ ଥିବାରୁ ଗାଁରେ ପାଳନ ହେଉଥିବା ବେଳେ ଏହି ଘଟଣା ଶୁଣି ପରିବାର ବର୍ଗ ଶୋକାଭିଭୂତ ହୋଇଛନ୍ତି । ପ୍ରକାଶଯୋଗ୍ୟ ତାଙ୍କ ସାନଭାଇଙ୍କ ବିବାହ ଉତ୍ସବର ୪ଦିନ ପରେ ତାଙ୍କ ମୁଙ୍କ ମୃତ୍ୟୁ ଘଟିଥିଲା । ତେଣୁ ୧ବର୍ଷ ମଧ୍ୟରେ ଗୋଟିଏ ପରିବାରରୁ ୩ ଜଣଙ୍କ ମୃତ୍ୟୁ ଘଟିଥିବାରୁ ଗାଁରେ ବହୁକଥା ଶୁଣିବାକୁ ମିଳୁଛି ।

## ମହଙ୍ଗା ଭତ୍ତା ପ୍ରଦାନ ଦାବିରେ ସ୍ମାରକପତ୍ର

ବାଲେଶ୍ୱର,୩୦/୦୭ (ନି.ପ୍ର): ସାମ୍ପ୍ରତିକ ଆକାଶଛୁଆଁ ଦରବୃଦ୍ଧି ସ୍ଥିତିରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ମହଙ୍ଗା ଭତ୍ତା ପ୍ରଦାନ ପାଇଁ ଦାବି ଉଠାଇଛନ୍ତି ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ । ସଂଗଠନର ବାଲେଶ୍ୱର ଶାଖା ସଭାପତି ଧୀରେନ୍ଦ୍ର ନାରାୟଣ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସେମାନେ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ସାକ୍ଷାତ ସହ ସାମ୍ପ୍ରତିକ ବଜାର ସ୍ଥିତି ଓ କେନ୍ଦ୍ର ସରକାରଙ୍କ ମହଙ୍ଗା ଭତ୍ତା ବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ । କେନ୍ଦ୍ର ସରକାର ପେନସନଭୋଗୀଙ୍କୁ ୧୧ ପ୍ରତିଶତ ମଙ୍ଗା ଭତ୍ତା ଦେଇଥିବା ବେଳେ ରାଜ୍ୟ ସରକାର ବି ଅନୁରୂପ ପ୍ରଦାନ ପାଇଁ ସେମାନେ ଦାବି କରିଥିଲେ । ଏନେଇ ସଂଗଠନର ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । ସ୍ମାରକପତ୍ର ପ୍ରଦାନ ବେଳେ ସଭାପତି ଶ୍ରୀ ଦାସଙ୍କ ସମେତ ସଂଘର ସାଧାରଣ ସମ୍ପାଦକ ବନମାଳି ନାୟକ, ଗୌରାଙ୍ଗ ଚନ୍ଦ୍ର ସାହୁ, ଡା. ତାରାକାନ୍ତ ନନ୍ଦ, ଶଶାଙ୍କ ଶେଖର ଦତ୍ତ, ଇଂ. କେଶବ ଚନ୍ଦ୍ର ମହାନ୍ତି, ବସନ୍ତ କୁମାର ନାୟକ, ଭବେଶ ଚନ୍ଦ୍ର ପଣ୍ଡା, ସେକ୍ ଆଲାଉଦ୍ଦିନ, ବେଣୁଧର ପାଳ ପ୍ରମୁଖ ଉପସ୍ଥିତ ଥିଲେ । ପରେ ସଂଗଠନର କାର୍ଯ୍ୟାଳୟରେ ସଭାପତି ଶ୍ରୀ ଦାସଙ୍କ ସଭାପତିତ୍ୱରେ ଏକ ଶୋକଶୋଭା ଆୟୋଜିତ ହୋଇଥିଲା । ଏଥିରେ ସଂଘର ଦିବଂଗତ ସଭ୍ୟ ଶିକ୍ଷାବିତ ତଥା ସାରସ୍ୱତ ସାଧକ ସ୍ୱର୍ଗତ ଶଙ୍କର ରାଉତଙ୍କ ଉଦ୍ଦେଶ୍ୟରେ ସମୂହ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା ।

## ଅଫଲାଇନ ମ୍ୟାଟ୍ରିକ ପରୀକ୍ଷା ଆରମ୍ଭ

### ଜିଲ୍ଲାର ୨୨ କେନ୍ଦ୍ରରେ ବସିଲେ୬୪୭ ପରୀକ୍ଷାର୍ଥୀ



ବାଲେଶ୍ୱର,୩୦/୦୭ (ନି.ପ୍ର): ଦ୍ୱିତୀୟ ଲହର କରୋନା ସଂକ୍ରମଣ ଯୋଗୁଁ ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିନା ପରୀକ୍ଷାରେ ପ୍ରକାଶିତ ମ୍ୟାଟ୍ରିକ ଫଳକୁ ନେଇ ଅସନ୍ତୁଷ୍ଟ ଛାତ୍ରଛାତ୍ରୀଙ୍କ ପାଇଁ ସୋମବାରଠାରୁ ଆରମ୍ଭ ହୋଇଛି ଅଫଲାଇନ ପରୀକ୍ଷା । ଏହି କ୍ରମରେ ବାଲେଶ୍ୱର ଜିଲାର ନୋଡାଲ ସେଣ୍ଟର ସମେତ ମୋଟ ୨୨ ଗୋଟି କେନ୍ଦ୍ରରେ ପରୀକ୍ଷା ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି । ଫର୍ମ ପୂରଣ ତାଲିକାନୁସାରେ ନିୟମିତ ମାଧ୍ୟମିକ ସ୍କୁଲର ୧୦୨ ଓ ଦୂର ନିରନ୍ତର ଶିକ୍ଷା ୪୫ଙ୍କୁ ମିଶାଇ ୧୪୭ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ୯ ଗୋଟି କେନ୍ଦ୍ର, ଗୋଟିଏ କେନ୍ଦ୍ରରେ ୫୩ ଜଣ ମଧ୍ୟମା ପରୀକ୍ଷାର୍ଥୀ ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ପାଇଁ ୧୨ ଗୋଟି କେନ୍ଦ୍ରରେ ୫୧୭ ଜଣଙ୍କୁ ମିଶାଇ ମୋଟ ୭୮୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା କଥା । ମାତ୍ର ପ୍ରଥମ ଦିନରେ ମାତୃଭାଷା ପରୀକ୍ଷାରେ ଏହି ୩ ବର୍ଗର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୩୩ ଜଣ ଅନୁପସ୍ଥିତ ଥିବା ବେଳେ ୬୪୭ ଜଣ ପରୀକ୍ଷା ଦେଇଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି । ତେବେ ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ କୋଭିଡ ସତର୍କତା ସାଙ୍ଗକୁ କପି ଯାଞ୍ଚ ଆଦି କଡ଼ାକଡ଼ି କରାଯାଇଥିବା ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଜିଲା ବିଜ୍ଞାନ ପରିଦର୍ଶକ କୃଷ୍ଣ ମୋହନ ସିଂ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ପ୍ରଥମ ଦିନରେ ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହ ଚାଲିଥିବା ନେଇ ଜିଲା ଶିକ୍ଷାଧିକାରୀ ରଂଜନ କୁମାର ଗିରି ସୂଚନା ଦେଇଛନ୍ତି । ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରକୁ ବିଶୋଧନ ସାଙ୍ଗକୁ ପରୀକ୍ଷକ ଓ ପରୀକ୍ଷାର୍ଥୀଙ୍କ ପାଇଁ ମାସ୍କ ବ୍ୟବସ୍ଥା କରାଯାଇଛି । ଦେଢ଼ ମିଟରରୁ ଅଧିକ ଦୂରତାରେ ପରୀକ୍ଷାର୍ଥୀଙ୍କ ପାଇଁ ବସିବାର ବ୍ୟବସ୍ଥା କରାଯାଇଛି । ମୋଟ ଉପରେ ପ୍ରଥମ ଦିନରେ କୌଣସି କେନ୍ଦ୍ରରେ ଅଘଟଣ ବା ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇ ନଥିବା ଶ୍ରୀ ଗିରି କହିଛନ୍ତି । ତେବେ ଏହି ଅଫଲାଇନ ପରୀକ୍ଷାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବେଶ ଉତ୍ସୁକତା ପରିଲକ୍ଷିତ ହୋଇଛି । ବିନା ପରୀକ୍ଷାରେ ମିଳିଥିବା ମାର୍କଠାରୁ ଏହି ଅଫଲାଇନ ପରୀକ୍ଷାରେ ସେମାନେ ଅଧିକ ରଖିବେ ବୋଲି ଛାତ୍ରଛାତ୍ରୀମାନେ ଆଶା ପ୍ରକାଶ କରିଛନ୍ତି ।

## ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟର ସମୀକ୍ଷା

କେନ୍ଦ୍ରାପଡ଼ା,୩୦/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର ଏକ ସମୀକ୍ଷା ବୈଠକ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଅନୁଷ୍ଠିତ ଏହି ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ସଚିବ (ପ୍ରିନ୍ସପାଲ ସେକ୍ରେଟେରୀ) ଡିକେ ସିଂହ କେନ୍ଦ୍ରାପଡା ଜିଲ୍ଲାରେ ମନରେଗା, ଜୀବିକା ମିଶନ ଶକ୍ତି, ୟୁସି, ଗ୍ରାମୀଣ ଗୃହ ନିର୍ମାଣ ପ୍ରଭୃତି ଯୋଜନାର କାର୍ଯ୍ୟ ଗୁଡିକର ସମୀକ୍ଷା କରିଥିଲେ । ଅଧପନ୍ତରିଆ କାମ ଗୁଡିକୁ ତୁରନ୍ତ ସାରିବା ସହିତ ନୂତନ କାମ ଗୁଡିକୁ ଶିଘ୍ର ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ନିର୍ଦ୍ଦେଶକ ଦିଲିପ କୁମାର ପରିଡା ଙ୍କ ସହ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଦ୍ୱିତୀୟ ଦିନରେ ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ବାଲେଶ୍ୱର,୩୦/୦୭ (ନି.ପ୍ର): ସୋର ଓକିଲଙ୍କୁ ପଲିସ ଆକ୍ରମଣର ପ୍ରତିବାଦରେ ବାଲେଶ୍ୱର ଜିଲା ଓକିଲ ସଂଘ ଆହ୍ୱାନ କ୍ରମେ ଆରମ୍ଭ ହୋଇଥିବା କୋର୍ଟ କାର୍ଯ୍ୟବନ୍ଦ ଆନ୍ଦୋଳନ ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି । ଦ୍ୱିତୀୟ ଦିନରେ ବି ଆଇନଜୀବୀମାନେ ସଦର ମହକୁମା ସମେତ ବିଭିନ୍ନ କୋର୍ଟରେ ଧାରଣା ଦେଇଥିବା ଲକ୍ଷ୍ୟ କରାଯାଇଛି । ଏମିତିକି ବିଚାର ବିଭାଗୀୟ କର୍ମଚାରୀଙ୍କ ସମେତ ଜଜମାନଙ୍କୁ ବି ଆନ୍ଦୋଳନରତ ଆଇଜୀବୀମାନେ କୋର୍ଟ ମଧ୍ୟକୁ ପ୍ରବେଶ କରାଇ ଦେଇନାହାନ୍ତି । ଅଭିଯୁକ୍ତ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ସାଙ୍ଗକୁ ଆକ୍ରମଣରେ ଆହତ ଆଇନଜୀବୀଙ୍କୁ କ୍ଷତିପୂରଣ ପ୍ରଦାନ ଦାବିରେ ସେମାନେ ଅଡ଼ି ବସିଛନ୍ତି । ତେବେ ଆସନ୍ତା ସୋମବାର ଦିନ ହେବାକୁ ଥିବା ଓକିଲ ସଂଘ ସାଧାରଣ ପରିଷଦ ବୈଠକ ନିଷ୍ପତ୍ତି ଅନୁସାରେ ଏହି ଆନ୍ଦୋଳନର ଦିଗ ନିର୍ଦ୍ଧାରଣ ହେବ ବୋଲି ସଂଗଠନର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି ।

## ଟ୍ରାଫିକ୍ ଭଲ୍ୟୁନଟିୟରସ୍‌ଙ୍କୁ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ



ପାରାଦୀପ,୩୦/୦୭ (ନି.ପ୍ର): ବନ୍ଦର ସହର ପାରାଦୀପ ରେ ଦିନ କୁ ଦିନ ଗାଡି ମଟର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଅନେକ ସମୟ ରେ ବିଭିନ୍ନ ସ୍ଥାନରେ ଟ୍ରାଫିକ ସମସ୍ୟା ଦେଖା ଦେଇଥାଏ । ଏହି ସମସ୍ୟା କୁ ଦୂର କରିବା ପାଇଁ ପାରାଦୀପ ବନ୍ଦର ସହଯୋଗ ରେ ପାରାଦୀପ ଆଦର୍ଶ ଥାନା ତତ୍ତ୍ୱାବଧାନ ରେ ଟ୍ରାଫିକ୍ ଭଲ୍ୟୁନଟିୟରସ୍ ମାନଙ୍କୁ ନିୟୋଜନ କରାଯାଇଛି । ପାଖାପାଖି ଦୁଇ ବର୍ଷ ହେବ ଏହି ଟ୍ରାଫିକ୍ ଭଲ୍ୟୁନଟିୟରସ୍ ମାନେ ସହର ର ବିଭିନ୍ନ ଛକ ସ୍ଥାନ ତଥା ସ୍ୱର୍ଣକାତର ସ୍ଥାନମାନଙ୍କ ରେ ଖରା, ବର୍ଷା, ଶୀତ କାକର ରେ ଟ୍ରାଫିକ୍ ନିୟନ୍ତ୍ରଣ ରେ ଲାଗି ରହିଛନ୍ତି । ମହାମାରୀ କରୋନା ସମୟ ରେ ମଧ ଏହି ଟ୍ରାଫିକ୍ ଭଲ୍ୟୁନଟିୟରସ୍ ମାନେ ନିଜ କର୍ତବ୍ୟ ପରାୟଣତା ଦେଖାଇ ଚାଲିଛନ୍ତି । ସେମାନଙ୍କର ଏହି ମହାନ ତ୍ୟାଗ ଓ ନିଷ୍ଠା କୁ ଦେଖି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଜନ ସମସ୍ୟା ନିବାରଣ ସଂସ୍ଥାନ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧନା ଓ ପୁରସ୍କୃତ କରାଯାଇଛି । ଏହି ଅବସର ରେ ଶୁକ୍ରବାର ଦିନ ପାରାଦୀପ ମଧୁବନସ୍ଥିତ ଗୁଣ୍ଡିଚା ମନ୍ଦିର ପରିସର ରେ ଏକ ସମ୍ବର୍ଦ୍ଧନା ସମାରୋହ ଆୟୋଜିତ ହୋଇଥିଲା । ଏହି ସମାରୋହ ରେ ପାରାଦୀପ ଆଦର୍ଶ ଥାନା ଅଧିକାରୀ ରଜନୀକାନ୍ତ ମିଶ୍ର ମୁଖ୍ୟ ଅତିଥି, ସତ୍ୟସାଇ ସେବା ସମିତି ର ରାଜ୍ୟ ଆବହକ ଅର୍ନ୍ତଯାମୀ ପଟ୍ଟନାୟକ, ରିପ୍ଲେ ସିପିଙ୍ଗ ର ପରିଚାଳକ ପ୍ରଦୀପ କୁମାର ବୋଷ, ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ । ନିଷ୍ଠାପର ଭାବେ ପାରାଦୀପ ର ତାରିଣୀଗଡା ଠାରୁ ମଧୁବନ ପର୍ଯ୍ୟନ୍ତ ସବୁଠି ସ୍ୱଚ୍ଛ ରୋଜଗାର ରେ ଟ୍ରାଫିକ୍ ନିୟନ୍ତ୍ରଣ କରୁଥିବା ଏହି ଟ୍ରାଫିକ୍ ଭଲ୍ୟୁନଟିୟରସ୍ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମ କୁ ଜିଲ୍ଲା ସଭାପତି ରମାକାନ୍ତ ଜେନା ପରିଚାଳନା କରିଥିଲେ ।

## ଶ୍ରୀଜଗନ୍ନାଥ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷଙ୍କ ଅବସର : ବିଦାୟକାଳୀନ ସଭା




ଜଳେଶ୍ୱର ୩୦/୭(ନିପ୍ର) : ଜଳେଶ୍ୱର ମ୍ୟୁନିସିପାଲଟିରେ ଉଚ୍ଚ ଶିକ୍ଷା ପ୍ରସାରର ବ୍ୟବସ୍ଥା ନଥିବା ବେଳେ ୧୯୮୪ ମସିହାରେ ନାରୀ ଶିକ୍ଷାର ଉନ୍ନତି ପାଇଁ ତତ୍କାଳୀନ ଡାକ୍ତର ଅତୁଲଚନ୍ଦ୍ର ପାତ୍ରଙ୍କ ଦାନରେ ଗଢି ଉଠିଥିଲା ଶ୍ରୀଜଗନ୍ନାଥ ମହିଳା ମହାବିଦ୍ୟାଳୟ । ରାଜଶ୍ରୀ ପାଣିଗ୍ରାହୀ ପ୍ରତିଷ୍ଠାତା ଅଧ୍ୟକ୍ଷଭାବେ ଯୋଗ ଦେଇଥିଲେ । ଆଜି ତାଙ୍କର ଅବସର ଗ୍ରହଣ ଲାଗି ଆରମ୍ଭ ହୋଇଥିଲା ବିଦାୟକାଳୀନ ସଭା । ଏଥିରେ ଅଧ୍ୟକ୍ଷା ମାମୀରାଣୀ ମହାନ୍ତି ପୌରହିତ୍ୟ କରି ମହାବିଦ୍ୟାଳୟ (+୨)ର ଅତୀତ ସ୍ମୃତି ଓ ଭବିଷ୍ୟତର ଆଶା ସମ୍ପର୍କରେ କହିଥିଲେ । ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟାପକ ବେଣୁଧର ଅଣ୍ଡିଆ, ମୁଖ୍ୟବକ୍ତାଭାବେ କଲେଜର ପ୍ରତିଷ୍ଠାତା ଡା. ଅତୁଲ ପାତ୍ରଙ୍କ ପୁତ୍ର ଅଶୋକ କୁମାର ପାତ୍ର ଏବଂ ସମ୍ମାନୀତ ଅତିଥିଭାବେ ପୂର୍ବତନ ପୌରପାଳ ପ୍ରବୀର କୁମାର ପ୍ରଧାନ ଯୋଗ ଦେଇ ଉଚ୍ଚ ଶିକ୍ଷାର ପ୍ରସାର ଏବଂ ଯୁବତୀମାନଙ୍କୁ ଶିକ୍ଷାଦାନ ଦେଇ ସଶକ୍ତ କରିବାଲାଗି ମହାବିଦ୍ୟାଳୟକୁ ତତ୍କାଳୀନ କତିପୟ ବ୍ୟକ୍ତି ପ୍ରତିଷ୍ଠା କରିଥିଲେ ବୋଲି କହିଥିଲେ । ଆଜିବି ଏଠାରୁ ଶହ ଶହ ଛାତ୍ରୀ ଉଚ୍ଚ ଶିକ୍ଷିତ ହେବା ସହିତ ଦେଶ ଓ ଦଶର ଉନ୍ନତି କରୁଛନ୍ତି ବୋଲି କହିଥିଲେ । ଏଥିରେ ଅଧ୍ୟାପିକା ଚନ୍ଦ୍ରଲେଖା ମହାକୁଡ, ଉଦୟ କୁମାର ଗିରି, ସୁମତି ଦେ, ଅଂଚଳି ଚକ୍ରବର୍ତୀ, ମଲ୍ଲିକା ଦାସ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀମାନେ ସ୍ମୃତି ବଖାଣିଥିଲେ । ଅବସାରପ୍ରାପ୍ତ ଅଧ୍ୟକ୍ଷା ରାଜଶ୍ରୀ ପାଣିଗ୍ରାହୀ ଦୀର୍ଘ ୩୭ବର୍ଷ ମଧ୍ୟରେ ଉତ୍ଥାନ-ପତନ ମଧ୍ୟରେ ଗୁଣ୍ଡୁଚିମୂଷାଭଳି ଅନୁଷ୍ଠାନ ପ୍ରତି କରିଥିବା ବିଭିନ୍ନ କାର୍ଯ୍ୟ ଓ ସମସ୍ତଙ୍କ ସହଯୋଗ ସମ୍ପର୍କରେ କହିଥିଲେ । ତାଙ୍କୁ ଫୁଲତୋଡା, ଅଂଗବସ୍ତ, ମାନପତ୍ର ପ୍ରଦାନ କରାଯାଇଥିଲା । ଅଂଚଳି ଚକ୍ରବର୍ତୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ୨୪ଘଣ୍ଟାରେ ଚିହ୍ନଟ ୯୭ କରୋନା ସଂକ୍ରମିତ : ଦିନକରେ ଟିକା ନେଲେ ୭,୫୩୧ଜଣ

ବାଲେଶ୍ୱର,୩୦/୦୭ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ମାତ୍ର ୯୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ସହରର ପ୍ରତିରକ୍ଷା କଲୋନୀରୁ ୨ଜଣଙ୍କ ସମେତ ଭାସ୍କରଗଞ୍ଜ, ଫକୀର ମୋହନ ନଗର, ଗୋପାଳଗାଁ, ଆଇଟିଆଇ ଛକ, ମାଣିଖମ୍ବ, ନଳମଗଞ୍ଜ, ପୋଲିସ କଲୋନୀ, ସହଦେବଖୁଣ୍ଟା, ତେଲେଙ୍ଗାସାହି ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ରହିଛନ୍ତି । ଦିନକରେ ବାଲେଶ୍ୱର ପୌରାଞ୍ଚଳରେ ମୋଟ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିଭଳି ବାଲିଆପାଳ ବ୍ଲକରୁ ୧୦ଜଣ, ବସ୍ତାରୁ ୧୪, ଭୋଗରାଇରୁ ୨୨, ଜଳେଶ୍ୱରରୁ ୧୨, ନୀଳଗିରିରୁ ୧୧, ରେମୁଣାରୁ ୫, ସଦର ବ୍ଲକରୁ ୧୨ଜଣ ବ୍ୟକ୍ତି ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି । ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୭,୯୧୭ରେ ପହଞ୍ଚିଥିବା ବେଳେ କରୋନା ଆକ୍ରାନ୍ତ ୩୬,୬୪୮ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି । ଏବେ ସକ୍ରିୟ ଥିବା ୧,୦୭୭ଜଣ କରୋନା ସଂକ୍ରମିତଙ୍କ ମଧରୁ ୯୬୯ଜଣ ଗୃହ ସଙ୍ଗରୋଧରେ ଏବଂ ୭୮ଜଣ କୋଭିଡ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଛନ୍ତି । ତେବେ ଗତ ୨୪ଘଣ୍ଟା ମଧରେ କରୋନା ଆକ୍ରାନ୍ତ ୩୫ ଓ ୫୮ ବର୍ଷର ଦୁଇ ଜଣ ପୁରୁଷ ବ୍ୟକ୍ତିଙ୍କର ମୃତ୍ୟୁ ଘୋଷଣା କରାଯାଇଥିବା ବେଳେ ଜିଲାରେ ଏବେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୮୩ ଛୁଇଁଥିବା ସରକାରୀ ଓ୍ୱେବସାଇଟରେ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ବାଲେଶ୍ୱରରେ ସାମୂହିକ ଟିକାକାରଣ ପୁଣି ଥରେ ତ୍ୱରାନ୍ୱିତ ହୋଇଛି । ଜିଲାରେ ଚାଲିଥିବା ସ୍ୱତନ୍ତ୍ର ପର୍ଯ୍ୟାୟର ଗୋଟିଏ ଦିନରେ ମୋଟ ୭,୫୩୧ଜଣ ବ୍ୟକ୍ତିଙ୍କୁ ଟିକକା ପ୍ରଦାନ କରାଯାଇଛି । ଏବେ ସୁଦ୍ଧା ବାଲେଶ୍ୱର ଜିଲାରେ ମୋଟ ୭,୯୬,୫୨୬ ଜଣଙ୍କୁ ଟିକା ଦିଆଯାଇଥିବା ବେଳେ ୫,୫୬,୨୯୯ ଜଣ ପ୍ରଥମ ପାନ ଓ ୨,୪୦,୨୨୭ ଜଣ ଦ୍ୱିତୀୟ ପାନ ଟିକା ନେଇଥିବା ଜଣାପଡ଼ିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo